# ଧରିତ୍ରୀ
DHARITRI

ଢେଙ୍କାନାଳ, ମଙ୍ଗଳବାର, ସେପ୍ଟେମ୍ବର ୮/୨୦୨୦ (୧୨ ପୃଷ୍ଠା) | Dhenkanal, Tuesday, September 8/2020 | ★★★★★

୧୬ଶ ଭାଗ ୧୩୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-




## 'ଆଦିପୁରୁଷ'ରେ ନଜର ଆସିବେ କିଆରା

'ଆଦିପୁରୁଷ'ରେ ମୁଖ୍ୟ ଭୂମିକାରେ ନଜର ଆସିବେ ବଲିଉଡ ଅଭିନେତ୍ରୀ କିଆରା ଆଡଭାନୀ। ପ୍ରଥମଥର ଏକ ପୌରାଣିକ ଫିଲ୍ମ କରୁଥିବାରୁ ସେ ବେଶ୍ ଖୁସି ଅଛନ୍ତି।

୦୨

୧୨

## ବିବାହ କରିବେ ଜ୍ୱାଲା ଗୁଟ୍ଟା

ଅଭିନେତା ଓ ଫିଲ୍ମ ନିର୍ମାତା ହୋଇଥିବା ବିଷ୍ଣୁ ବିଶାଲଙ୍କୁ ବିବାହ କରିବେ ଭାରତର ଅନ୍ୟତମ ଅଗ୍ରଣୀ ମହିଳା ଡବଲ୍ସ ବ୍ୟାଡ୍‌ମିଣ୍ଟନ ଖେଳାଳି ଜ୍ୱାଲା ଗୁଟ୍ଟା।





ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

# ୯ ବର୍ଷରେ ଗଲାଣି ୩୩୧୫ ଜୀବନ

**ଭୁବନେଶ୍ୱର, ୭।୯ (ବ୍ୟୁରୋ)**



### ଘାତକ ହେଉଛି ବଜ୍ରପାତ

- ୧୧ ଜିଲା ଅତି ପ୍ରବଣ
- ମୟୂରଭଞ୍ଜରେ ମରୁଛନ୍ତି ସର୍ବାଧିକ
- ଆରମ୍ଭ ହେବ ଗ୍ରାମ ବିପର୍ଯ୍ୟୟ ପରିଚାଳନା ଯୋଜନା
- ସାମିଲ ହେବେ ୫୦ ହଜାର ଗ୍ରାମ

ବନ୍ୟା, ବାତ୍ୟା ଭଳି ବଜ୍ରପାତ ମଧ୍ୟ ରାଜ୍ୟରେ ଅନ୍ୟ ଏକ ଭୟଙ୍କର ବିପତ୍ତି ଭାବେ ଦେଖାଦେଇଛି। ପ୍ରତ୍ୟେକ ବର୍ଷ ବଜ୍ରପାତରେ ୩୦୦ରୁ ୪୦୦ ଲୋକଙ୍କର ଜୀବନ ଯାଉଛି। ଜଳବାୟୁରେ ପରିବର୍ତ୍ତନ ଏବଂ ଆଗୁଆ ସୂଚନା ନ ମିଳିବାରୁ ବହୁ ଲୋକ ବଜ୍ରପାତର ଶିକାର ହେଉଛନ୍ତି। ଜନସଚେତନତା ଅଭାବ ଯୋଗୁ ଏହି ବିପତ୍ତିରେ ମୃତ୍ୟୁସଂଖ୍ୟା ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି। ରାଜ୍ୟର ୧୧ଟି ଜିଲାରେ ସମୁଦାୟ ମୃତ୍ୟୁର ଦୁଇ ତୃତୀୟାଂଶ ଲୋକ ବଜ୍ରପାତର ଶିକାର ହେଉଛନ୍ତି।

ସ୍ୱତନ୍ତ୍ର ରିଲିଫ କମିଶନର(ଏସଆରସି)ଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ୨୦୧୧-୧୨ରୁ ୨୦୨୦-୨୧ ଅଗଷ୍ଟ ମାସ ସୁଦ୍ଧା ରାଜ୍ୟରେ ୩୩୧୫ ଲୋକ ବଜ୍ରପାତର ଶିକାର ହୋଇଛନ୍ତି। ୨୦୧୧-୧୨ରେ ୩୫୨ ଜଣ ଲୋକ ବଜ୍ରପାତରେ ଜୀବନ ହରାଇଥିବା ବେଳେ ୨୦୧୨-୧୩ରେ ୨୯୪, ୨୦୧୩-୧୪ରେ ୩୭୦, ୨୦୧୪-୧୫ରେ ୩୧୨, ୨୦୧୫-୧୬ରେ ୪୦୪, ୨୦୧୬-୨୦୧୭ରେ ୪୦୧, ୨୦୧୭-୧୮ରେ ୪୭୦, ୨୦୧୮-୧୯ରେ ୩୩୪ ଏବଂ ୨୦୧୯-୨୦୨୦ରେ ୨୮୧ ଜଣଙ୍କର ମୃତ୍ୟୁ ହୋଇଛି। ୨୦୨୦ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ମାତ୍ର ୫ ମାସରେ ୯୭ ଜଣଙ୍କର ଜୀବନ ଗଲାଣି। ସେହିପରି ଅନ୍ୟାନ୍ୟ ଜିଲାରେ ମଧ୍ୟ ବଜ୍ରପାତରେ ଅନେକ ଜୀବନ ଯାଉଛି। ରାଜ୍ୟର ୧୧ ଜିଲାରେ ବଜ୍ରପାତରେ ସର୍ବାଧିକ ମୃତ୍ୟୁ ହେଉଛି। ମୟୂରଭଞ୍ଜରେ ୩୫୦ ଜଣଙ୍କର ବଜ୍ରପାତରେ ମୃତ୍ୟୁ ହୋଇଥିବା ବେଳେ ଗଞ୍ଜାମରେ ୨୦୨୦, ସୁନ୍ଦରଗଡ ୧୯୧, କେନ୍ଦ୍ରାପଡା ୧୦୯, କେନ୍ଦୁଝର ୨୦୯, କଟକ ୧୭୭, ଢେଙ୍କାନାଳ ୧୫୪, ବଲାଙ୍ଗୀର ୧୧୨, ଭଦ୍ରକ ୧୦୮, ବରଗଡ ୧୧୫ ଏବଂ ବାଲେଶ୍ୱର ଜିଲାରେ ୧୮୨ ଜଣଙ୍କର ମୃତ୍ୟୁ ହୋଇଛି। ବଜ୍ରପାତ ବିପତ୍ତିରୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ ଆଗୁଆ ସତର୍କ ସୂଚନା ଦେବା ସକାଶେ ରାଜ୍ୟ ସରକାର ଆମେରିକା କମ୍ପାନୀ ଆର୍ଥ ନେଟୱର୍କ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ବଜ୍ରପାତ ହେବାର ୪୫ ମିନିଟ ପୂର୍ବରୁ ଲୋକମାନଙ୍କୁ ଏ ନେଇ ସତର୍କ କରାଯିବ। ଯଦିଓ ଏସ୍‌ଏମ୍‌ଏସ୍ ମାଧ୍ୟମରେ ଖବର ସୂଚନା ଦିଆଯାଉଛି ତେବେ ଏହି ସୂଚନା ଲୋକଙ୍କ ପାଖରେ ଠିକ ସମୟରେ ପହଞ୍ଚିପାରୁ ନାହିଁ। ବଜ୍ରପାତ ହେବା ପୂର୍ବରୁ ଲୋକମାନେ ନିଜକୁ ସୁରକ୍ଷିତ କରି ପାରୁ ନାହାନ୍ତି। ଫଳରେ ରାଜ୍ୟରେ ମୃତ୍ୟୁହାର ବଢି ଚାଲିଛି।

ତେବେ ରାଜ୍ୟରେ ବିଭିନ୍ନ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଗ୍ରାମାଞ୍ଚଳରେ ଗ୍ରାମ ବିପର୍ଯ୍ୟୟ ପରିଚାଳନା ଯୋଜନା (ଭିଡିଏମ୍‌ପି) କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ସମ୍ବେଦନଶୀଳ ଗ୍ରାମକୁ ସାମିଲ କରାଯିବ। ପରବର୍ତ୍ତୀ ସମୟରେ ରାଜ୍ୟର ୫୦ ହଜାର ଗ୍ରାମକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ। ଏଥିରେ ଗ୍ରାମର ଯୁବତୀ ଯୁବକମାନଙ୍କୁ ସାମିଲ କରାଯିବ। ସେମାନଙ୍କୁ ଜିଲା ଓ ରାଜ୍ୟସ୍ତରରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଭିଡିପିଏମ୍‌ପିରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ସାମିଲ କରାଯିବ। ଏହି ଯୋଜନାରେ ଗଠିତ ବିପର୍ଯ୍ୟୟ ପରିଚାଳନା ଗୋଷ୍ଠୀରେ ସଚେତନତାଠାରୁ ଆରମ୍ଭ କରି ଉଦ୍ଧାର, ଗବେଷଣା, ସୂଚନା ଆଦି ବିଷୟରେ ସ୍ୱତନ୍ତ୍ର ଦଳ ଗଠନ କରାଯିବ। ସେମାନେ ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ଜିଲା ପ୍ରାକୃତିକ ବିପର୍ଯ୍ୟୟ ଅଧିକାରୀଙ୍କୁ ଜଣାଇବେ। ବିପତ୍ତି ଆସିବା ପୂର୍ବରୁ ଓ ପରେ ଲୋକମାନଙ୍କୁ ସଚେତନ କରାଯାଇପାରିବ। ଫଳରେ ରାଜ୍ୟରେ ପ୍ରାକୃତିକ ବିପତ୍ତି ଯୋଗୁ ହେଉଥିବା ମୃତ୍ୟୁକୁ ଅନେକାଂଶରେ ହ୍ରାସ କରାଯାଇପାରିବ ବୋଲି ଡେପୁଟି ରିଲିଫ କମିଶନର ପ୍ରଭାତ ରଞ୍ଜନ ମହାପାତ୍ର କହିଛନ୍ତି।

## ବିସ୍ମିତ, ବିଦ୍ୟାଶ୍ରୀଙ୍କ ନାମରେ ମାମଲା

ଚିନ୍ମୟୀଙ୍କୁ ସାଇକୋ ଲେଡି କହିବା ମହଙ୍ଗା ପଡ଼ିଲା

........୪........

### ଆଜିର ମନ୍ତବ୍ୟ

"ଦେଶର ଆକାଂକ୍ଷାକୁ ପୂରଣ କରିବା ପାଇଁ ଶିକ୍ଷାନୀତି ଏବଂ ଶିକ୍ଷା ବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ତିକ୍ତତାର ଅଠା ଖିଅରେ ବର୍ଷା-ଅନୁଭବ



ଉତ୍ତମ-ଅପରାଜିତା, ବିଜୟ-ତନ୍ଦ୍ରା, ଶ୍ରୀରାମ-ତ୍ରିପୁରା, ସିଦ୍ଧାନ୍ତ-ମାମା, ଦୁଷ୍ମନ୍ତ-କାଜଲ, ବବି-କୋଏଲଙ୍କ ପରେ ଅନୁଭବ-ବର୍ଷା। ରିଲ୍ ଲାଇଫ୍‌ରୁ ରିଏଲ ଲାଇଫ୍‌ର ଯାତ୍ରାକୁ ନେଇ ଏହି ଯୋଡ଼ିଙ୍କ ନାଁ ଚର୍ଚ୍ଚାରେ। ହେଲେ ଏବେ ରାଜ୍ୟର ବେଶ୍ ପରିଚିତ ଯୋଡ଼ି ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି ଓ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ବିବାଦକୁ ନେଇ ସବୁଆଡେ ଚର୍ଚ୍ଚା। କଟକ କିଲା ପଡ଼ିଆର ଚା' ଖଟି ହେଉ କି ବାଲେଶ୍ୱରର ଚାନ୍ଦିପୁର। ଉଭୟଙ୍କ ଲମ୍ବା ଅଭିଯୋଗକୁ ନେଇ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଚାଲିଛି ଆଲୋଚନା ଓ ତର୍କ। ଏମାନଙ୍କ ସମ୍ପର୍କର ସୂତା ତିକ୍ତତାର ଅଠାରେ ଛନ୍ଦି ହୋଇଯାଇଛି। କୋର୍ଟରେ ପହଞ୍ଚିଛି ଏହି ଚର୍ଚ୍ଚିତ ଯୋଡ଼ିଙ୍କ ତିକ୍ତତାର କାହାଣୀ।

**କଟକ ଅଫିସ, ୭।୯**

୨୦୧୪ ଫେବୃଆରୀ ୮ ତାରିଖରେ ଓଲିଉଡ୍‌ର ସୁପରଷ୍ଟାର ଅନୁଭବ ଓ ବୁଲ୍‌ବୁଲି ନାୟିକା ବର୍ଷା ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ଧୁମ୍‌ଧାମ୍‌ରେ ଭୁବନେଶ୍ୱରରେ ବିବାହ ଉତ୍ସବ ଆୟୋଜନ ହୋଇଥିଲା। ସେହିବର୍ଷ ଜୁନ୍ ମାସରେ ବିଜେଡି ପକ୍ଷରୁ ଅନୁଭବଙ୍କୁ ଯେବେ ରାଜ୍ୟ ସଭା ସଦସ୍ୟ ଭାବେ ପଠାଗଲା, ଅନୁଭବଙ୍କ ପାଇଁ ବର୍ଷା ଲକି ବୋଲି ସାଧାରଣରେ କୁହାଯାଇଥିଲା। ଇତିମଧ୍ୟରେ ଉଭୟଙ୍କ ☞ପୃଷ୍ଠା-୪

ବର୍ଷା-ଅନୁଭବ ବିବାଦ: ଅକ୍ଟୋବର ୧୨ରେ ପରବର୍ତ୍ତୀ ଶୁଣାଣି ☞ପୃଷ୍ଠା-୪




# ଜାତୀୟ ଶିକ୍ଷାନୀତି: ଆତ୍ମନିର୍ଭର ଭାରତ ଆଡ଼କୁ ଏକ ପାଦ

## ରାଜ୍ୟପାଳ ସମ୍ମିଳନୀକୁ ସମ୍ବୋଧିତ କଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ




ନୂଆଦିଲ୍ଲୀ,୭।୯(ପି.ଟି.)

ଜାତୀୟ ଶିକ୍ଷା ନୀତି(ଏନ୍ଇପି)-୨୦୨୦ ଆତ୍ମନିର୍ଭର ଭାରତ ନିର୍ମାଣ କରିବା ଦିଗରେ କାର୍ଯ୍ୟ କରୁଛି। ଏହା ଆତ୍ମନିର୍ଭର ଭାରତର ଲକ୍ଷ୍ୟ ପୂରଣ କରିବାରେ ବେଶ୍ ସହାୟକ ହୋଇପାରିବ ବୋଲି ଶିକ୍ଷା ନୀତି ଉପରେ ସୋମବାର ଆୟୋଜିତ ରାଜ୍ୟପାଳ ସମ୍ମିଳନୀ ଉଦ୍ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଭିଡିଓ କନ୍ଫରେନ୍ସ ଜରିଆରେ ଆୟୋଜିତ ସମ୍ମିଳନୀକୁ ସମ୍ବୋଧିତ କରି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି ଯେ, ଏକବିଂଶ ଶତାବ୍ଦୀର ଆଶା-ଆକାଂକ୍ଷା ଓ ଆବଶ୍ୟକତା ଅନୁଯାୟୀ ଜାତୀୟ ଶିକ୍ଷା ନୀତି ଦେଶବାସୀ ବିଶେଷକରି ଯୁବଗୋଷ୍ଠୀକୁ ଆଗକୁ ଆଗେଇ ନେବାରେ ବେଶ୍ ସକ୍ଷମ ହେବ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଦେଶର ଆକାଂକ୍ଷାକୁ ପୂରଣ କରିବା ପାଇଁ ଶିକ୍ଷା ନୀତି ଏବଂ ଶିକ୍ଷା ବ୍ୟବସ୍ଥା ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ। ନୂତନ ଶିକ୍ଷା ନୀତିରେ ପଢ଼ିବା ପରିବର୍ତ୍ତେ ଶିକ୍ଷଣ ଉପରେ ଧ୍ୟାନ ଦିଆଯିବା ସହ ପାଠ୍ୟକ୍ରମ ବାହାରେ ଗଭୀର ଚିନ୍ତାଧାରାକୁ ଗୁରୁତ୍ୱ ଦେବାର ବ୍ୟବସ୍ଥା କରାଯାଇଛି। ଏହି ନୀତି ପ୍ରକ୍ରିୟା ଅପେକ୍ଷା ଅଧିକ ଉତ୍ସାହ, ବ୍ୟବହାରିକ ଏବଂ କାର୍ଯ୍ୟଦକ୍ଷତା ଉପରେ ଗୁରୁତ୍ୱ ଦେଇଛି। କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ଶିକ୍ଷା ବ୍ୟବସ୍ଥା ଦ୍ୱାରା ସମ୍ପୃକ୍ତ ସମସ୍ତ ବ୍ୟକ୍ତିବିଶେଷ ଏହି ଶିକ୍ଷାନୀତି ସହିତ ଜଡ଼ିତ। ହେଲେ ଏହା ମନେରଖିବାକୁ ହେବ ଯେ, ଶିକ୍ଷାନୀତି ଉପରେ ଅନ୍ୟମାନଙ୍କ ହସ୍ତକ୍ଷେପ ନ ରହିବା ଆବଶ୍ୟକ ବୋଲି ମୋଦି କହିଛନ୍ତି। ପୂର୍ବର ଶିକ୍ଷାନୀତି ଅନୁସାରେ ଜଣେ ଛାତ୍ର +୨ରେ ଏକ ନିର୍ଦ୍ଦିଷ୍ଟ ବିଭାଗ(ଷ୍ଟ୍ରିମ୍)କୁ ବାଛିବାକୁ ବାଧ୍ୟ ହେଉଥିଲା। ଯାହାକି ତାକୁ ବୁଝିବାରେ ଅଧିକ ସମୟ ଲାଗି ଯାଉଥିଲା। ଏହି ସମସ୍ୟାଗୁଡ଼ିକର ସମାଧାନ ନୂଆ ଶିକ୍ଷାନୀତିରେ କରାଯିବାକୁ ଚେଷ୍ଟା କରାଯାଇଛି। ପିଲାଟିଏ ତା'ର ନିଜର ସୁବିଧା ଅନୁସାରେ ବିଷୟ ନେଇ ପଢ଼ିପାରିବ। ଏପରି କି ନୂଆ ଶିକ୍ଷାନୀତିରେ କମ୍ ବୟସରେ ପିଲାମାନଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରତି ମନୋନିବେଶ କରିବାକୁ ସୁଯୋଗ ଦିଆଯାଇଛି, ଯାହାଫଳରେ ଯୁବାବସ୍ଥାରେ ସେମାନେ ଆତ୍ମନିର୍ଭର ହେବା ସହ ଏକ ସୁନ୍ଦର ଜୀବନ ଯାପନ କରିପାରିବେ ବୋଲି ମୋଦି କହିଛନ୍ତି।

ଉଚ୍ଚତର ଶିକ୍ଷାକୁ ବାସ୍ତବତାରେ ରୂପାନ୍ତରିତ କରିବାରେ ରାଜ୍ୟପାଳଙ୍କ ଭୂମିକାକୁ ନେଇ ଏନ୍ଇପି-୨୦୨୦ ଶୀର୍ଷକ ସମ୍ମିଳନୀ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆୟୋଜନ କରାଯାଇଛି। ଦୀର୍ଘ ୩୪ବର୍ଷ ପରେ ଏକବିଂଶ ଶତାବ୍ଦୀର ପ୍ରଥମ ଶିକ୍ଷାନୀତି ଭାବେ ଏନ୍ଇପି-୨୦୨୦କୁ ମଞ୍ଜୁରୀ ମିଳିଛି। ଗତ ଜୁଲାଇ ୨୯ରେ କେନ୍ଦ୍ର କ୍ୟାବିନେଟ ଜାତୀୟ ଶିକ୍ଷାନୀତି-୨୦୨୦କୁ ମଞ୍ଜୁରୀ ଦେଇଛି। ଉଭୟ ବିଦ୍ୟାଳୟ ଓ ଉଚ୍ଚତର ଶିକ୍ଷା କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିବା ଏନ୍ଇପି-୨୦୨୦ର ଲକ୍ଷ୍ୟ ଅଟେ। ଭାରତକୁ ଏକ ସମାନତା ଏବଂ ଚଳଚଞ୍ଚଳ ଜ୍ଞାନଭିତ୍ତିକ ସମାଜ ଭାବେ ଗଢ଼ିତୋଳିବା ହେଉଛି ନୂଆ ଜାତୀୟ ଶିକ୍ଷାନୀତିର ଉଦ୍ଦେଶ୍ୟ। ଭାରତକୁ ପ୍ରତ୍ୟକ୍ଷ ଭାବେ ଏକ ବିଶ୍ୱ ଶକ୍ତିରେ ରୂପାନ୍ତରିତ କରିବା ପାଇଁ ଏହି ଶିକ୍ଷାନୀତିରେ ଗୁରୁତ୍ୱ ଦିଆଯାଇଛି। ଗ୍ରାମାଞ୍ଚଳର ଜଣେ ଶିକ୍ଷକ ହୁଅନ୍ତୁ ବା ବଡ଼ ଶିକ୍ଷାବିତ୍ ହୁଅନ୍ତୁ, ସମସ୍ତେ ଜାତୀୟ ଶିକ୍ଷାନୀତି ଉପରେ ଦୃଷ୍ଟି ରଖିଛନ୍ତି। ସମସ୍ତଙ୍କର ଭାବନା ଯେ, ନୂଆ ଶିକ୍ଷାନୀତିରେ ହୋଇଥିବା ପରିବର୍ତ୍ତନ ଉଚିତ ଏବଂ ସମୟୋପଯୋଗୀ ଅଟେ। ଆଜି ଦ୍ରୁତ ପରିବର୍ତ୍ତନଶୀଳ ଚାକିରି, ଭବିଷ୍ୟତର କାର୍ଯ୍ୟ ପ୍ରଣାଳୀ ଉପରେ ବିଶ୍ୱ ଆଲୋଚନା କରୁଛି। ତେଣୁ ଭବିଷ୍ୟତର ଆବଶ୍ୟକତା ଅନୁଯାୟୀ ଏହି ନୀତି ଦେଶର ଯୁବବର୍ଗଙ୍କୁ ନୂଆ ଜ୍ଞାନ ଏବଂ କୌଶଳ ଉଭୟ ଦିଗରେ ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ଏହି ରାଜ୍ୟପାଳ ସମ୍ମିଳନୀରେ ସବୁ ରାଜ୍ୟର ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟର କୁଳପତି ଏବଂ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ।

# ପାଞ୍ଚ ମାସ ପରେ ମେଟ୍ରୋ ସେବା



ନୂଆଦିଲ୍ଲୀ, ୭।୯

କୋଭିଡ୍-୧୯ ଯୋଗୁ ବନ୍ଦ ରହିଥିବା ମେଟ୍ରୋ ରେଳସେବା ଦୀର୍ଘ ୫ ମାସ ପରେ ସୋମବାର, ଦିଲ୍ଲୀ, ଲକ୍ଷ୍ନୌ, ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ ଓ ଅହମ୍ମଦାବାଦ୍ରେ ଆରମ୍ଭ ହୋଇଛି। ଗୃହ ଓ ସହରୀ ବ୍ୟାପାର ମନ୍ତ୍ରଣାଳୟ ସଚିବ ଦୁର୍ଗାଶଙ୍କର ମିଶ୍ର କହିଛନ୍ତି ଯେ, ଯାତ୍ରୀମାନେ ସାମାଜିକ ଦୂରତ୍ୱ ବଜାୟ ରଖିବା ସହ କୋଭିଡ୍-୧୯ର ନିୟମାବଳୀ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୋମବାର ସକାଳେ ଦିଲ୍ଲୀରେ ପ୍ରଥମ ମେଟ୍ରୋ ଟ୍ରେନ୍ ସମୟପୁର ବଦ୍ଲି ଷ୍ଟେଶନରୁ ହୁଡ଼ା ସିଟି ସେଣ୍ଟ୍ରାଲ ଷ୍ଟେଶନକୁ ଯାତ୍ରା କରିଥିଲା। ଯାତ୍ରୀମାନଙ୍କର ଥର୍ମାଲ ସ୍କ୍ରିନିଂ କରାଯିବା ସହ ସେମାନେ ହାତର ସାନିଟାଇଜର ଥିବା ଦେଖିବା ପରେ ସେମାନଙ୍କୁ ଟ୍ରେନ୍ ଭିତରକୁ ଛଡ଼ାଯାଇଥିଲା। ଦିଲ୍ଲୀ ମେଟ୍ରୋ ଗ୍ରାଉଣ୍ଡ ଷ୍ଟାଫ୍ ଓ ସିଆଇଏସ୍ଏଫ୍ର କର୍ମଚାରୀମାନେ ମାସ୍କ ପିନ୍ଧିବା ସହ ହାତରେ ଗ୍ଲୋଭ୍ସ ପିନ୍ଧିଥିଲେ। ଦିଲ୍ଲୀରେ ପ୍ରାରମ୍ଭିକ ଅବସ୍ଥାରେ ସକାଳ ୭ଟାରୁ ୧୧ଟା ଏବଂ ଅପରାହ୍ନ ୪ଟାରୁ ୮ଟାଏ ଚାଲିବ। ସେହିପରି ଗୁଜରାଟର ଅହମ୍ମଦାବାଦ୍, ଉତ୍ତରପ୍ରଦେଶର ଲକ୍ଷ୍ନୌ, ତାମିଲନାଡୁର ଚେନ୍ନାଇ ମେଟ୍ରୋ ରେଳସେବା ଆରମ୍ଭ ହୋଇଛି। ଅନୁରୂପ ଭାବେ ତେଲଙ୍ଗାନାର ହାଇଦ୍ରାବାଦ୍ର ମେଟ୍ରୋ ରେଳସେବା ମିୟାପୁରରୁ ଏଲ୍ବି ନଗର ପର୍ଯ୍ୟନ୍ତ ଆରମ୍ଭ ହୋଇଛି।

# ୪୨ ଲକ୍ଷ ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା



**ନୂଆଦିଲ୍ଲୀ, ୭।୯:** ଦେଶରେ କରୋନା ମହାମାରୀ ସଂକ୍ରମଣ ତାଣ୍ଡବ ଯୋଗୁ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଗତ ୨ ଦିନ ଧରି ଲଗାତାର ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ୯୦ ହଜାର ଉପରେ ରହୁଛି। ସେହିପରି ମୃତକଙ୍କ ସଂଖ୍ୟା ହଜାରେ ଉପରେ ରହୁଛି। ଏହାକୁ ନେଇ ସରକାରଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ସୋମବାର କରୋନା ସଂକ୍ରମଣ ଏହାର ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିଛି। ଗତ ୨୪ ଘଣ୍ଟା ମଧ୍ୟରେ ୯୦ ହଜାର ୮୦୨ ଜଣ ନୂଆ କରୋନା ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ସେହିପରି ଏହି ସମୟ ମଧ୍ୟରେ ୧୦୧୬ଜଣଙ୍କ ମୃତ୍ୟୁ ଘଟିଛି। ଇତିମଧ୍ୟରେ ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪୨ ଲକ୍ଷ ୪ ହଜାର ୬୧୪ ଛୁଇଁଛି। ସେହିପରି ମୃତକଙ୍କ ସଂଖ୍ୟା ୭୧ହଜାର ୬୪୨ରେ ପହଞ୍ଚିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ୩୨ ଲକ୍ଷ ୫୦ ହଜାର ୪୨୯ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସେହିପରି ୮ ଲକ୍ଷ ୮୨ ହଜାର ୫୪୨ଜଣ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି।

# 'କେଦାରନାଥ ଚଳଚ୍ଚିତ୍ର ଶୁଟିଂ ବେଳଠୁ ଡ୍ରଗ୍ସ ପ୍ରତି ଆସକ୍ତଥିଲେ ସୁଶାନ୍ତ'

## ୨ୟ ଦିନ ଜେରାରେ ମୁହଁ ଖୋଲିଲେ ରିଆ



**ନୂଆଦିଲ୍ଲୀ,୭।୯(ପି.ଟି.):** ବଲିଉଡ ଅଭିନେତା ସୁଶାନ୍ତ ସିଂ ରାଜପୁତ୍ ମୃତ୍ୟୁ ଘଟଣାରେ ବଲିଉଡ୍ ଅଭିନେତ୍ରୀ ରିଆ ଚକ୍ରବର୍ତ୍ତୀ ଦ୍ୱିତୀୟ ଥର ପାଇଁ ସୋମବାର ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ(ଏନ୍ସିବି) ଦ୍ୱାରା ଜେରାର ସମ୍ମୁଖୀନ ହୋଇଛନ୍ତି। ଏକ ଗଣମାଧ୍ୟମରେ ପ୍ରକାଶିତ ତଥ୍ୟ ଅନୁସାରେ ରିଆ ଜେରା ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ କଥା ପ୍ରକାଶ କରିଛନ୍ତି। ୨୦୧୬ରେ ନିର୍ମିତ 'କେଦାରନାଥ' ଚଳଚ୍ଚିତ୍ର ଶୁଟିଂ ବେଳେ ସୁଶାନ୍ତ ଡ୍ରଗ୍ସ ପ୍ରତି ଆସକ୍ତ ଥିଲେ। ଏପରିକି ଏହି ଶୁଟିଂରେ ଥିବା ଅନ୍ୟ କଳାକାରମାନେ ମଧ୍ୟ ଡ୍ରଗ୍ସ ନେଇଥିଲେ। ସୁଶାନ୍ତ ହ୍ୱାଟ୍ସ ଆପ୍ ମେସେଜ୍ରେ ଡ୍ରଗ୍ସ ସମ୍ପର୍କରେ ତାଙ୍କ ପାଖକୁ ଲେଖି ପଠାଉଥିଲେ। ଏହି ଡ୍ରଗ୍ସ ତାଙ୍କର ଜଣେ ସହଯୋଗୀ ଯୋଗାଉଥିଲେ। ଏ ବିଷୟରେ ଅନ୍ୟ କେହି ଜାଣନ୍ତି ନାହିଁ ବୋଲି ରିଆ କହିଛନ୍ତି। ରବିବାର ରିଆଙ୍କୁ ଏନ୍ସିବି କାର୍ଯ୍ୟାଳୟ ବାହାରେ ଗଣମାଧ୍ୟମ ପ୍ରତିନିଧିମାନେ ପଚାରିବାକୁ ଚେଷ୍ଟା କରୁଥିବାବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଭଳି ସ୍ଥିତିର ପୁନରାବୃତ୍ତି ନ ହେବାପାଇଁ ରିଆଙ୍କୁ ସୋମବାର ବାରିକେଡ୍ ମାଧ୍ୟମରେ ନିଆଯାଇଥିଲା।

# ରାଜଧାନୀରୁ ବାବର ଖାଲ୍ସା ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ, ୭।୯

ଆତଙ୍କବାଦୀ ସଂଗଠନ ବାବର ଖାଲ୍ସାର ୨ ସଦସ୍ୟଙ୍କୁ ରାଜଧାନୀ ଦିଲ୍ଲୀରୁ ସୋମବାର ଗିରଫ କରାଯାଇଛି। ଗିରଫ ଦୁଇ ଆତଙ୍କବାଦୀ ଦିଲାୱର ସିଂ ଏବଂ କୁଲୱନ୍ତ ସିଂଙ୍କ ଟାର୍ଗେଟରେ ପଞ୍ଜାବ ଏବଂ ଦିଲ୍ଲୀର ବହୁ ରାଜନେତା ଥିଲେ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସେମାନଙ୍କ ପାଖରୁ ୬ ପିସ୍ତଲ ଏବଂ ୪୦ ଗୁଳି ଜବତ ହୋଇଛି। ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ୍ ସହିତ ଆତଙ୍କବାଦୀମାନେ ମୁହାଁମୁହିଁ ହୋଇଥିଲେ। ଶେଷରେ

## ଟାର୍ଗେଟରେ ରାଜନେତା

ସେମାନଙ୍କୁ ଗିରଫ କରାଯାଇଥିଲା। କେତେକ ଆପରାଧୀକ ଘଟଣାରେ ପଞ୍ଜାବରେ ଏହି ୨ ଆତଙ୍କବାଦୀଙ୍କୁ ୱାଣ୍ଟେଡ୍ ଘୋଷଣା କରାଯାଇଥିଲା। ସୂଚନାଯୋଗ୍ୟ, ଗତମାସରେ ରାଜସ୍ଥାନ ୱାଡ଼ମେର୍ର ଏକ କୋର୍ଟ ବାବର ଖାଲ୍ସାର ଜଣେ ଆତଙ୍କବାଦୀଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ସେ ୨୦୦୯ରେ ପାକିସ୍ତାନରୁ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇଥିଲା।

## ଫୁର୍ସତ୍

# ପୌରାଣିକ ଫିଲ୍ମ ପାଇ କିଆରା ଖୁସି


କିଆରା ଆଡ୍ଭାନୀ

**ମୁମ୍ବାଇ:** ଫିଲ୍ମ 'ଆଦିପୁରୁଷ'ରେ ନାୟିକା ଭୂମିକାରେ ନଜର ଆସିବେ କିଆରା ଆଡ୍ଭାନୀ। ବାହୁବଳୀର ସଫଳତା ପରେ ସୁପରଷ୍ଟାର ପ୍ରଭାସ ନିଜ ନୂଆ ପ୍ରୋଜେକ୍ଟ ସମ୍ପର୍କରେ ଘୋଷଣା କରିଛନ୍ତି। ନିର୍ଦ୍ଦେଶକ ଓମ୍ ରାଉତଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଆଦିପୁରୁଷ'ରେ ନଜର ଆସିବେ ପ୍ରଭାସ ଏବଂ କିଆରା। ସୂଚନାଯୋଗ୍ୟ ଯେ, ଓମ୍ ରାଉତ ଅଜୟ ଦେବଗନଙ୍କ ସୁପରହିଟ ଫିଲ୍ମ ତାନାଜୀରେ ନିର୍ଦ୍ଦେଶନା ଦେଇଥିଲେ। ପୂର୍ବରୁ ଏହି ଫିଲ୍ମର ପୋଷ୍ଟର ପ୍ରଭାସ ଶେୟାର କରିଥିଲେ। କିନ୍ତୁ ଫିଲ୍ମରେ ହିରୋଇନ କିଏ ହେବେ ତାହାକୁ ନେଇ କଳ୍ପନା ଜଳ୍ପନା ଲାଗିରହିଥିଲା। ଏନେଇ କିଆରାଙ୍କ ସହ ଓମ ଯୋଗାଯୋଗରେ ଥିବା ସୂଚନା ମିଳିଛି। କିଆରା ଏଥିପାଇଁ କିଛି ସମୟ ମାଗିଥିବା ବେଳେ ସେ ରାଜି ହେବେ ବୋଲି ଆଶା କରାଯାଉଛି। ତେବେ କିଆରା ଏହି ଫିଲ୍ମ ପାଇ ବହୁତ ଖୁସି ଅଛନ୍ତି। ତାଙ୍କୁ ସବୁବେଳେ ଭିନ୍ନ ଚରିତ୍ର କରିବାକୁ ଭଲ ଲାଗେ। ପ୍ରଥମ ଥର ସେ ଏକ ପୌରାଣିକ ଫିଲ୍ମରେ ନଜର ଆସୁଥିବାରୁ ବେଶ୍ ଖୁସି ଅଛନ୍ତି। ତାଙ୍କ ପୂର୍ବରୁ ଦକ୍ଷିଣ ଅଭିନେତ୍ରୀ କିର୍ତ୍ତୀ ସୁରେଶଙ୍କୁ ଏହି ଚରିତ୍ର ପାଇଁ ଅଫର୍ ଦିଆଯାଇଥିଲା। ତେବେ କୌଣସି କାରଣରୁ ସେ ମନା କରିବା ପରେ କିଆରାଙ୍କୁ ଏହି ସୁଯୋଗ ମିଳିଛି। 'ଆଦିପୁରୁଷ' ରାମାୟଣ ଉପରେ ଆଧାରିତ ହେବ। ଏଥିରେ ପ୍ରଭାସଙ୍କୁ ଶ୍ରୀରାମ ଏବଂ ସୈଫ୍ ଅଲ୍ଲୀ ଖାନ୍ଙ୍କୁ ରାବଣ ଚରିତ୍ରରେ ଦେଖିବାକୁ ମିଳିବ। ଆସନ୍ତାବର୍ଷ ଏହାର ଶୁଟିଂ ଆରମ୍ଭ ହେବାକୁ ଥିବା ବେଳେ ୨୦୨୨ରେ ଚଳଚ୍ଚିତ୍ରଟି ମୁକ୍ତିଲାଭ କରିପାରେ। ଏହି ଫିଲ୍ମ ୨୦୨୨ରେ ହିନ୍ଦୀ, ତେଲୁଗୁ, ତାମିଲ, ମାଲାୟାଲମ ଓ କନ୍ନଡ଼ ଭାଷାରେ ରିଲିଜ ହେବ।

# ଫାଦର ଅଫ୍ ଟ୍ରି

**ଚଣ୍ଡିଗଡ଼:** କୁହାଯାଏ ଗୋଟିଏ ଗଛ ୧୦ଟି ପୁତ୍ର ସନ୍ତାନ ସହିତ ସମାନ। ପୁରାଣ ଶାସ୍ତ୍ରର ଏହି କଥାକୁ ହୃଦୟଙ୍ଗମ କରି ନିଜ ଜୀବନକୁ ପ୍ରକୃତିର ସୁରକ୍ଷା ନିମନ୍ତେ ଉତ୍ସର୍ଗ କରି ଦେଇଛନ୍ତି ଯୋଗୀନ୍ଦର ସିଂହ। ସେଥିପାଇଁ ତାଙ୍କୁ ଏବେ ଲୋକେ କହୁଛନ୍ତି 'ଫାଦର ଅଫ୍ ଟ୍ରି'। ପଞ୍ଜାବ ପଟିଆଲାର କୁତବନପୁର ନର୍ସରିର ମାଲିକ ହେଉଛନ୍ତି ଯୋଗୀନ୍ଦର ସିଂହ। ୨୦ ବର୍ଷ ମଧ୍ୟରେ ସେ ଦେଢ ଲକ୍ଷରୁ ଅଧିକ ଗଛ ଲୋକଙ୍କୁ ବାଣ୍ଟି ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରି ପାରିଛନ୍ତି।

ଯୋଗୀନ୍ଦର ଗଛକୁ ନିଜ ପୁତ୍ର ସନ୍ତାନଙ୍କ ଭଳି ପାଳନ କରିଥାନ୍ତି। ଆଉ ବିଭିନ୍ନ ଲୋକଙ୍କୁ ମଧ୍ୟ ଗଛଟିଏ ଦାନ କରି ତାକୁ ନିଜର ସନ୍ତାନ ଭଳି ବଡ଼ କରିବା ପାଇଁ କହିଥାନ୍ତି। ଆଉ ଗଛକୁ ନେଇ କେହି ଯଦି ତା'ର ଠିକ୍ ଭାବେ ଯତ୍ନ ନେଇ ନ ଥାନ୍ତି ତେବେ ସେ ବହୁତ ବିରକ୍ତ ହୋଇଯାନ୍ତି। ତେଣୁ ଯାହାକୁ ବି ସେ ଗଛ ଦାନ କରନ୍ତି ସେ ଠିକ୍ ଭାବରେ ଗଛକୁ ପାଳନ କରୁଛନ୍ତି କି ନାହିଁ ତାହା ଦେଖିବା ପାଇଁ ଅନେକ ସମୟରେ ସେମାନଙ୍କ ଘରକୁ ମଧ୍ୟ ଯାଇଥାନ୍ତି।

ଯୋଗୀନ୍ଦର ସିଂହ ଗଛ ଦାନ କରିବା ପାଇଁ ରାଜସ୍ଥାନ, ଉତ୍ତରପ୍ରଦେଶ ଓ ମହାରାଷ୍ଟ୍ରରେ ବି ନର୍ସରି ଖୋଲିଛନ୍ତି। ସେଠାରେ ମଧ୍ୟ ହଜାର ହଜାର ସଂଖ୍ୟାରେ ଲୋକଙ୍କୁ ଗଛ ବାଣ୍ଟିଥାନ୍ତି। ୧୯୨୮ ମସିହାରୁ ସେ ତାଙ୍କର ଏହି ଅଭିଯାନ ଆରମ୍ଭ କରିଥିଲେ। ପ୍ରଥମେ ନର୍ସରି ତିଆରି କରି ସେ ଗଛ ବିକ୍ରି କରୁଥିଲେ କିନ୍ତୁ ପରେ ଲୋକଙ୍କୁ ମାଗଣାରେ ଗଛ ବାଣ୍ଟି ଭିନ୍ନ ଆନନ୍ଦ ପାଇଥିଲେ। ଏବେ ତାଙ୍କଠାରୁ କେହି ଗଛ ନେବା ପାଇଁ ଆସିଲେ ସେ ତାକୁ ମାଗଣାରେ ଗଛ ବାଣ୍ଟିଥାନ୍ତି ସତ, କିନ୍ତୁ ଗଛଟିକୁ ନିଜର ସନ୍ତାନ ଭଳି ପାଳିବା ନିମନ୍ତେ ପ୍ରତିଶ୍ରୁତି ନେଇଥାନ୍ତି।



ସେ ପ୍ରାୟତଃ ବିଭିନ୍ନ ଔଷଧୀୟ ଗଛକୁ ଲୋକଙ୍କ ମଧ୍ୟରେ ବାଣ୍ଟିଥାନ୍ତି। ତାଙ୍କର ଏପରି ଅଭିଯାନ ଫଳରେ ପ୍ରକୃତିର ସୁରକ୍ଷା ହେବା ସହିତ ଲୋକ ମଧ୍ୟ ଉପକୃତ ହୋଇପାରିବେ ବୋଲି ସେ କହନ୍ତି। ସ୍ଥାନୀୟ ଅଞ୍ଚଳରେ ତାଙ୍କର ଏହି ଅଭିଯାନ ଏବେ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେବା ସହିତ ବିଭିନ୍ନ ସ୍ଥାନରୁ ସମ୍ମାନିତ ବି କରିପାରିଛି।

# ଏବେ ଆସିବ ସ୍ୱଦେଶୀ ଖେଳନା

**ନୂଆଦିଲ୍ଲୀ:** ବଜାରରେ ଏଣିକି ଚାଇନା ଖେଳନାକୁ ଟକ୍କର ଦେବ ସ୍ୱଦେଶୀ ଖେଳନା। ଏହି ଲକ୍ଷ୍ୟରେ ଏବେ ବିଭିନ୍ନ ରାଜ୍ୟରେ ଖେଳନା ଉଦ୍ୟୋଗ ସ୍ଥାପନ କରିବା ନିମନ୍ତେ ଆହ୍ୱାନ ଦିଆଯାଉଛି। ଏବେ ସ୍ୱଦେଶୀ ଖେଳନା ପ୍ରସ୍ତୁତି ନିମନ୍ତେ ପଶ୍ଚିମବଙ୍ଗର କୋଲକାତାରେ ତିଆରି ହେବ ଖେଳନା ପାର୍କ। ପଶ୍ଚିମବଙ୍ଗର ଏଗ୍ଜିମ୍ ଆସୋସିଏଶନ୍ ପକ୍ଷରୁ ଖେଳନା ପାର୍କ ତିଆରି କରିହେବ।

ଏବେ ଦେଶର ସବୁଆଡ଼େ ଚାଇନା ଖେଳନାର ପ୍ରାଚୁର୍ଯ୍ୟ। କିନ୍ତୁ ଚାଇନାକୁ ଅର୍ଥନୈତିକ କଟକଣା ନିମନ୍ତେ ଏବେ ଦେଶସାରା ସବୁଆଡ଼େ ଚାଇନା ଜିନିଷ ବର୍ଜନ ନିମନ୍ତେ ଆହ୍ୱାନ ଦିଆଯାଉଛି। ଅନେକ ସ୍ଥାନରେ ଏବେ ଚାଇନା ଜିନିଷର ବିକଳ୍ପଭାବେ ବିଭିନ୍ନ ଉତ୍ପାଦ ଆରମ୍ଭ ବି ହେଲାଣି। ତେଣୁ ଖୁବଶୀଘ୍ର ଖେଳନା ଉଦ୍ୟୋଗ ସ୍ଥାପନ କରି ସ୍ୱାବଲମ୍ବୀ ହେବା ନିମନ୍ତେ କୋଲକାତାରେ ପ୍ରୟାସ ହେବାକୁ ଯାଉଛି। ଖେଳନା ଉଦ୍ୟୋଗ ନିମନ୍ତେ କୋଲକାତା ନିକଟରେ ୨୦ ଏକରର ଏକ ଜମି ନିମନ୍ତେ ଆବେଦନ କରାଯାଇଛି। ତେଣୁ ଖୁବଶୀଘ୍ର ଖେଳନା ଉଦ୍ୟୋଗ ସ୍ଥାପନ କରାଯାଇ ନିଯୁକ୍ତି ସୁଯୋଗ ସୃଷ୍ଟି ସହିତ ଉତ୍ପାଦନ କରାଯିବ। ଏବେ କର୍ଣାଟକ ଓ ଉତ୍ତରପ୍ରଦେଶରେ ଖେଳନା ଉତ୍ପାଦନ ନିମନ୍ତେ ବିଭିନ୍ନ କମ୍ପାନୀ ସ୍ଥାପନ କରାଯାଇଛି। ସୂଚନା ଅନୁସାରେ ଭାରତରେ ୮୦ ପ୍ରତିଶତ ଖେଳନା ଚାଇନାରୁ ଆସିଥାଏ। ବ୍ୟାଟେରି ଚାଳିତ ଖେଳନାଠାରୁ ଆରମ୍ଭ କରି ସଫ୍ଟ ଟୟ, ରିମୋଟ୍ କଣ୍ଟ୍ରୋଲ ଆଦି ଖେଳନା ଏଥିରେ ଅନ୍ତର୍ଭୁକ୍ତ। ଚାଇନା ବ୍ୟତୀତ ମାଲେସିଆ, ହଂକଂ, ବ୍ରିଟେନ୍ ଓ ଜର୍ମାନୀରୁ ମଧ୍ୟ କିଛି ପରିମାଣରେ ଖେଳନା ଭାରତକୁ ଆସିଥାଏ।



# ସୂର୍ଯ୍ୟଙ୍କର ସ୍ୱଚ୍ଛ ଛବି



**ମ୍ୟାଡ୍ରିଡ:** ୟୁରୋପରେ ଥିବା ଏକ ଟେଲିସ୍କୋପ ସୂର୍ଯ୍ୟଙ୍କର ବର୍ତ୍ତମାନ ପର୍ଯ୍ୟନ୍ତ ନିଆଯାଇଥିବା ସବୁଠାରୁ ସ୍ୱଚ୍ଛ ଛବି ଉଠାଇବାରେ ସଫଳ ହୋଇଥିବା କୁହାଯାଉଛି। ସୂର୍ଯ୍ୟଙ୍କର ଉକ୍ତ ଛବିଟି ଯେତିକି ଆଶ୍ଚର୍ଯ୍ୟକର ଲାଗୁଛି ସେତିକି ଭୟ ମଧ୍ୟ ଜାତ କରୁଛି। ସ୍ପେନ ମହାକାଶରେ ନଜର ରଖୁଥିବା ଜର୍ମାନୀର ବୈଜ୍ଞାନିକମାନେ ଗ୍ରେଗୋର ଟେଲିସ୍କୋପ ମାଧ୍ୟମରେ ସୂର୍ଯ୍ୟଙ୍କର ଏହି ହାଇ ରିଜୋଲ୍ୟୁଶନ ଫଟୋ ଉଠାଇଥିବା କୁହାଯାଉଛି। ଏହି ଟେଲିସ୍କୋପ ଟାଇଡେ ଅବଜରଭେଟୋରିରେ ଲଗାଯାଇଛି। ଲିବନିଜ ଇନଷ୍ଟିଚ୍ୟୁଟ ଫର୍ ସୋଲାର ଫିଜିକ୍ସ(କେଆଇଏସ୍)ର ବୈଜ୍ଞାନିକମାନେ ଏହି ଟେଲିସ୍କୋପର ଲେନ୍ସକୁ ପୁଣିଥରେ ଡିଜାଇନ କରିଛନ୍ତି ; ଯେଉଁଥିରେ ଅଦ୍ଭୁତ ଫଟୋ ଉଠାଯାଇ ପାରୁଛି। ଏବେ ଏହି ଫଟୋ ଜରିଆରେ ବୈଜ୍ଞାନିକ ଚୁମ୍ବକୀୟ ଶକ୍ତି, ବାୟୁମଣ୍ଡଳୀୟ ବିକ୍ଷୋଭ ଓ ସନ ସେଟ୍ରକୁ ନେଇ ଅଧିକ ଅଧ୍ୟୟନ କରିପାରିବେ। ବୈଜ୍ଞାନିକମାନେ ଆହୁରି ମଧ୍ୟ କହିଛନ୍ତି, ଗ୍ରେଗୋର ଟେଲିସ୍କୋପ ମାଧ୍ୟମରେ ଏବେ ସୂର୍ଯ୍ୟଙ୍କର ଏମିତି ଫଟୋ ଉଠାଯାଇପାରିବ, ଯେମିତି କି ଏହାକୁ ୪୮ କିଲୋମିଟର ଦୂର ମଧ୍ୟରେ ଦେଖିହେବ। ଏହି ଫଟୋରୁ ଏବେ ବୈଜ୍ଞାନିକମାନଙ୍କୁ ବହୁ ତଥ୍ୟ ମିଳିପାରିବ ବୋଲି ଅନୁମାନ କରାଯାଉଛି। ଏହି ପ୍ରୋଜେକ୍ଟର ମୁଖ୍ୟ ଥିବା ଡାକ୍ତର ଲୁସିୟାକେତଲଇଣ୍ଟ କହିଛନ୍ତି, ଏହା ବହୁତ ରୋମାଞ୍ଚକର ଓ ବେଶ୍ କଠିନ ପ୍ରୋଜେକ୍ଟ। ମାତ୍ର ବର୍ଷକ ଭିତରେ ଟେଲିସ୍କୋପର ମେଶିନ, ଲେନ୍ସ ଓ ଅନ୍ୟ ଇଲେକ୍ଟ୍ରୋନିକ୍ସ ଉପକରଣକୁ ବଦଳାଇ ଦିଆଯାଇଛି। ବୈଜ୍ଞାନିକମାନେ ଏବେ ଜାଣିପାରିବେ କେଉଁ ପ୍ରକାରର ଉପଗ୍ରହକୁ ସୂର୍ଯ୍ୟଙ୍କଠାରୁ ବଞ୍ଚାଇ ରଖିହେବ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୭୩,୫୬,୪୦୯ | ୮,୯୪,୦୧୮ | ୧,୯୪,୨୪,୬୭୦ |
| ଭାରତ | ୪୨,୩୬,୯୬୧ | ୭୨,୦୩୩ | ୩୨,୭୮,୯୯୯ |
| ଓଡ଼ିଶା | ୧,୨୭,୮୯୨ | ୫୫୬(+୫୩) | ୯୯,୩୯୮ |

ସୋମବାର ରାତି ୯ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର






# ୨୪ ଘଣ୍ଟାରେ ୩୮୬୧ ଆକ୍ରାନ୍ତ, ୧୦ ମୃତ

ଭୁବନେଶ୍ୱର, ୭।୯(ବ୍ୟୁରୋ)

■ ଖୋର୍ଦ୍ଧାରେ ସର୍ବାଧିକ ୭୬୭ ପଜିଟିଭ୍
■ ରାଜ୍ୟରେ ସଂକ୍ରମଣ ୧,୨୭,୮୯୨ ଏବଂ ମୃତ୍ୟୁ ୫୫୬କୁ ବୃଦ୍ଧି

ସବୁ ପଦକ୍ଷେପ ସତ୍ତ୍ୱେ ନିୟନ୍ତ୍ରଣକୁ ଆସିପାରୁନି ସଂକ୍ରମଣ। କରୋନା ମହାମାରୀ ହୁହୁ ହୋଇ ମାଡ଼ି ଚାଲିଥିବାବେଳେ ପ୍ରତିଦିନ ୪ହଜାର ପାଖାପାଖି ଆକ୍ରାନ୍ତ ହେଉଛନ୍ତି। ଶେଷ ୨୪ ଘଣ୍ଟାରେ ରାଜ୍ୟରେ ୪୫,୧୬୫ ନମୁନା ପରୀକ୍ଷା କରାଯାଇଥିବାବେଳେ ଏଥିମଧ୍ୟରୁ ରେକର୍ଡ ସଂଖ୍ୟକ ୩୮୬୧ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଙ୍ଗରୋଧରୁ ୨୨୭୮ଜଣ ରହିଥିବାବେଳେ ୧୫୮୩ ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଫଳରେ ଏବେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୨୭ ହଜାର ୮୯୨କୁ ବୃଦ୍ଧି ପାଇଛି।

ସୂଚନା ଓ ଲୋକ ସମ୍ପର୍କ ବିଭାଗର ତଥ୍ୟ ଅନୁସାରେ, ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୭୬୭ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କଟକରୁ ୩୮୬, ଯାଜପୁର ୨୮୫, ପୁରୀ ୨୦୦, ଝାରସୁଗୁଡ଼ା ୧୯୯, ବରଗଡ଼ ୧୭୬, ରାୟଗଡ଼ା ୧୫୩,ମୟୂରଭଞ୍ଜ ୧୨୨, ଅନୁଗୋଳ ୧୨୦, ସୋନପୁର ୧୧୭ ଓ ବାଲେଶ୍ୱରରୁ ଆଉ ୧୦୫ ପଜିଟିଭ୍ ବାହାରିଛନ୍ତି। ସେହିପରି ଅନ୍ୟସବୁ ଜିଲାରୁ ଶହେ ତଳକୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ କରୋନାରେ ରାଜ୍ୟରେ ଆଉ ୧୦ ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ଗଞ୍ଜାମରୁ ସର୍ବାଧିକ ୩ଜଣ ରହିଥିବାବେଳେ ସେମାନଙ୍କ ବୟସ ଯଥାକ୍ରମେ ୩୮, ୫୨ ଓ ୫୯ ବର୍ଷ। ସେହିପରି କଟକର ଜଣେ ୭୦ ବର୍ଷୀୟା ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଭୁବନେଶ୍ୱର, ବାଲେଶ୍ୱର, ରାୟଗଡ଼ା, କଳାହାଣ୍ଡି, ନୟାଗଡ଼ ଓ କୋରାପୁଟରୁ ଜଣେ ଲେଖାଏ ମୃତକ ରହିଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୫୫୬କୁ ବୃଦ୍ଧି ପାଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୬୪ ଓଇଏସଙ୍କ ପଦୋନ୍ନତି

ଭୁବନେଶ୍ୱର,୭।୯(ବ୍ୟୁରୋ)

ରାଜ୍ୟର ୬୪ଜଣ ଓଇଏସ ଅଧିକାରୀଙ୍କୁ ସୋମବାର ରାଜ୍ୟ ସରକାର ପଦୋନ୍ନତି ଦେଇଛନ୍ତି। ସରକାର ପଦୋନ୍ନତି ଦେଇଥିବା ଗ୍ରୁପ-ବି ଓଇଏସ ଅଧିକାରୀଙ୍କୁ ଗ୍ରୁପ-ଏକୁ ପଦୋନ୍ନତି କରିଛନ୍ତି। ଏହି ପ୍ରକ୍ରିୟାରେ ବହୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅନ୍ୟ ସ୍ଥାନକୁ ବଦଳି କରାଯାଇଥିବା ବେଳେ ଆଉ କେତେଜଣ ସେହି ସ୍ଥାନରେ ରହି ପଦୋନ୍ନତି ପାଇଛନ୍ତି। ଏହାସହ ଆହୁରି ଅନେକ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କୁ ଅନ୍ୟ ସ୍କୁଲର ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ପାଇଛନ୍ତି।

## ଅନିର୍ଦ୍ଦିଷ୍ଟ କାଳ ପାଇଁ ଘୁଞ୍ଚିଲା ଓଜେଇଇ

**ଭୁବନେଶ୍ୱର, ୭।୯(ବ୍ୟୁରୋ):** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଆସନ୍ତା ୯ରୁ ୧୫ ତାରିଖ ମଧ୍ୟରେ ହେବାକୁ ଥିବା ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)କୁ ଘୁଞ୍ଚାଇ ଦିଆଯାଇଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅନ୍‌ଲାଇନ୍‌ରେ ଏହି ପରୀକ୍ଷା କରିବାକୁ ପୂର୍ବରୁ ଘୋଷଣା କରିଥିଲା। ତେବେ ଏଥିରେ ପରିବର୍ତ୍ତନ କରାଯାଇଥିଲେ ମଧ୍ୟ ପରୀକ୍ଷା କେବେ ହେବ ସେନେଇ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ବର୍ତ୍ତମାନର ସ୍ଥିତିକୁ ନେଇ ଆସନ୍ତା ଅକ୍ଟୋବର ମାସରେ ଅନ୍‌ଲାଇନ୍‌ରେ ଏହି ପ୍ରବେଶିକା ପରୀକ୍ଷା କରିବାକୁ ବିଭାଗ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଚଳିତବର୍ଷ ୭୨ ହଜାରରୁ ଅଧିକ ଛାତ୍ରୀଛାତ୍ର ଓଜେଇଇ ପାଇଁ ନାମ ପଞ୍ଜୀକରଣ କରିଛନ୍ତି। କରୋନା ମହାମାରୀ ପାଇଁ ଚଳିତବର୍ଷ ପ୍ରଥମଥର ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାରରେ ଓଜେଇଇ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ରାଜ୍ୟ ଭିତରେ ୨୧ଟି ଏବଂ ବାହାରେ ୩ଟି ପରୀକ୍ଷା କେନ୍ଦ୍ର ହୋଇଥିଲା। ଓଡ଼ିଶାରେ ଅନୁଗୋଳ, ବାଲେଶ୍ୱର, ବରଗଡ଼, ବାରିପଦା, ବ୍ରହ୍ମପୁର, ଭଦ୍ରକ, ଭୁବନେଶ୍ୱର, କଟକ, ଢେଙ୍କାନାଳ, ଜୟପୁର, ଝାରସୁଗୁଡ଼ା, କେନ୍ଦୁଝର, ରାୟଗଡ଼ା, ରାଉରକେଲା, ସମ୍ବଲପୁର, ବଲାଙ୍ଗୀର, ପାରଳାଖେମୁଣ୍ଡି(ଗଜପତି), ଜଗତ୍‌ସିଂହପୁର, ଯାଜପୁର, ନୟାଗଡ଼, ଫୁଲବାଣୀ ସହରରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ସେହିଭଳି ରାଜ୍ୟ ବାହାରେ ବିହାରର ପାଟନା, ଝାଡ଼ଖଣ୍ଡର ରାଞ୍ଚି ଏବଂ ପଶ୍ଚିମବଙ୍ଗର କୋଲକାତା ସହରରେ ପରୀକ୍ଷା କେନ୍ଦ୍ର କରିବାକୁ ଓଜେଇଇ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ।

# ବିସ୍ମୟ ବାଳକ ଆୟୁଷ

ଆୟୁଷ ରଞ୍ଜନ ରାଉତ। ବୟସ ୧୪। ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିବା ଏହି ଛାତ୍ର ଜଣକ ଏବେ ବିସ୍ମୟ ବାଳକ ଭାବେ ବେଶ୍ ଚର୍ଚ୍ଚା ସାଉଣ୍ଟିଛନ୍ତି। ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ କୁଡାନାଳି ଗ୍ରାମର ସରୋଜ ଓ ରଶ୍ମିତାଙ୍କ ପୁଅ ହେଉଛନ୍ତି ଆୟୁଷ। ତୁଳସୀ ୨ ପତ୍ରରୁ ବାସିଲା ଭଳି ପିଲାଟି ଦିନରୁ ତାଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରସ୍ଫୁଟିତ ହୋଇଛି। ବର୍ତ୍ତମାନ ସୁଦ୍ଧା ସେ ଫେସବୁକ, ହ୍ୱାଟ୍ସଆପ ଭଳି ମନୋରଞ୍ଜନଧର୍ମୀ ଓ ଦରକାରୀ ୧୫ ଗୋଟି ଆପ୍ ତିଆରିରେ କାମ କରିଛନ୍ତି। ସେଥିମଧ୍ୟରୁ ରାଉଟର ଓ ରଙ୍ଗିଲା ନିଜସ୍ୱ ଆପ୍ ରହିଛି। ଯାହାକୁ ସାମାଜିକ ଗଣମାଧ୍ୟମରେ ଲୋକେ ବ୍ୟବହାର କରୁଛନ୍ତି। ଏଥିପାଇଁ ତାଙ୍କର ନିଷ୍ଠା ଓ ଆଗ୍ରହ ଆଣିଦେଇଛି ସ୍ୱୀକୃତି। ସର୍ବ କନିଷ୍ଠ ୱେବ ଡିଜାଇନର ଭାବେ ସେ ରାଜ୍ୟରେ ପ୍ରଥମ ବୋଲି ରେଢାଖୋଲ ମହୋତ୍ସବରେ ତାଙ୍କୁ ପ୍ରମାଣପତ୍ର ମିଳିଛି। ୨୦୧୯ ଜୁଲାଇ ୨୯ରେ ରେ ସେ ଓଡିଶାର ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଭେଟି ନିଜର କୃତିତ୍ୱ ବିଷୟରେ ଅବଗତ କରିବା ସହ ଆଶୀର୍ବାଦ ଓ ଶୁଭେଚ୍ଛା ପାଇଛନ୍ତି। ବରଗଡ ଓ ଦେବଗଡ ଜିଲାର କେତେକ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଛି। ଆଗକୁ ସେ ଜଣେ ଆଇଏଏସ ଅଧିକାରୀ କିମ୍ବା ସଫ୍ଟୱେର ବିଶେଷଜ୍ଞ ହେବାକୁ ଲକ୍ଷ୍ୟ ରଖିଛନ୍ତି। ଚାଷୀ ପରିବାରରୁ ଆସିଥିବା ଆୟୁଷଙ୍କ ସହ ସ୍ୱତନ୍ତ୍ର ସାକ୍ଷାତ୍‌କାର.....

**- ଶୁଭାଶିଷ ପାଢ଼ୀ, ସମ୍ବଲପୁର**



ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସହ ଆୟୁଷ ରଞ୍ଜନ ରାଉତ।

■ ସଫ୍ଟୱେର ବିଶେଷଜ୍ଞ ହେବାର ଲକ୍ଷ୍ୟ
■ ଚାଷୀ ପରିବାରରୁ କନିଷ୍ଠ ଡିଜାଇନର

**ଆପ୍ କରିବା ପାଇଁ କାହାଠାରୁ ପ୍ରେରଣା ପାଇଛନ୍ତି?**

❖ ବାପା ସରୋଜ ମତେ ସବୁବେଳେ ଆଗକୁ ବଢିବା ପାଇଁ ପ୍ରେରଣା ଦେଇଛନ୍ତି। ତାଙ୍କଠାରୁ ଆପ୍ ଓ ୱେବସାଈ୍ଟ ବିଷୟରେ କିଛିଟା ଜାଣିବା ପରେ ନିଜେ ତିଆରି କରିବାକୁ ମନରେ ଇଚ୍ଛା ଜାଗ୍ରତ ହୋଇଥିଲା। ୟୁ-ଟ୍ୟୁବ୍‌ରେ ୱେବ୍ ସାଇଟ୍ କିଭଳି ତିଆରି ଓ ଡିଜାଇନ କରାଯାଏ ତାହା ଶିଖିଥିଲି। ୨୦୧୮ରେ ପ୍ରଥମେ ଆଦ୍ୟାଶ୍ୟା ନ୍ୟୁଜ ନାମରେ ସାଇଡ ଖୋଲିଥିଲି।

**ୱେବସାଇଟ୍ ତିଆରିର ଲକ୍ଷ ଓ ଲାଭ କ'ଣ ?**

❖ ଦେଶ ବାହାର କମ୍ପାନୀ ଭାରତରେ ବ୍ୟବସାୟ କରୁଛନ୍ତି। ଏହା ଜାଣିବା ପରେ ୱେବସାଇଡ ଖୋଲିବା ମୋର ଏକ ନିଶା ଭଳିଆ ହୋଇଗଲା। ବର୍ତ୍ତମାନର ଚାହିଦାକୁ ଦୃଷ୍ଟିରେ ରଖି ଯେଭଳି ଆବଶ୍ୟକ ସେଭଳି ୱେବସାଇଟ୍ ଖୋଲାଯାଇଛି, ଯାହାକି ପ୍ଲେ-ଷ୍ଟୋରରେ ଉପଲବ୍ଧ ରହିଛି। ଆତ୍ମନିର୍ଭର ଭାରତ ଯୋଜନାରେ ବେଶ ପ୍ରଭାବିତ ହୋଇଛି। ଫେସବୁକ ବିକଳ୍ପ ଭାବରେ ବ୍ୟବହାର ପାଇଁ ରାଉଟର ନାମରେ ଆପ୍ କରିଛି। ସେହିପରି ହ୍ୱାଟ୍ସଆପର ବିକଳ୍ପ ଓ ଟିକ୍‌ଟକ୍‌ର ବିକଳ୍ପ ରଙ୍ଗିଲା ନାମରେ ଆପ କରିଛ, ଯାହାକି ପ୍ଲେ-ଷ୍ଟୋରରେ ଜଣେ ଡାଉନଲୋଡ କରି ପାରିବେ। ଏଭଳି ୧୫ ଆପ୍ ପାଇଁ କାମ କରିଛି।

**ଆୟ ହେଲେ ଖର୍ଚ୍ଚ କିପରି କରିବେ ?**

❖ ସବୁ ଆପଗୁଡିକରେ ଅଧିକ ସଂଖ୍ୟାରେ ୟୁଜର୍ସ ବ୍ୟବହାର କଲେ ଲାଭ ଅଧିକ ହୋଇଥାଏ। ଆମେ କୌଣସି ସାମଗ୍ରୀ ବିଷୟରେ ଗୁଗଲ କିମ୍ବା ଅନ୍ୟ ଆପ୍‌ରେ ସର୍ଚ୍ଚ କରିଥାଉ। କିଛି ସମୟ ପରେ ଅଟୋମେଟିକ ଆମର ଚାହିଦା ଅନୁସାରେ ବିଭିନ୍ନ କମ୍ପାନୀର ଉକ୍ତ ସାମଗ୍ରୀ ବିଷୟରେ ସୂଚନା ଆସିଥାଏ। ଏଥିରେ ସାମଗ୍ରୀର କମ୍ପାନୀ ଆପ୍ ସହିତ ସମ୍ପର୍କ ରହିଥାଏ। ସେମାନେ କିଛି ଟଙ୍କା ଦେୟ କରନ୍ତି। ଦେଶ ଓ ଦେଶ ବାହାର କମ୍ପାନୀଗୁଡିକ ଆମ ଦେଶରେ ବେଶ୍ ଲାଭବାନ ହେଉଛନ୍ତି। ମୋର ତିଆରି ଆପଗୁଡିକ ରାଜ୍ୟ ତଥା ଦେଶ ବାହାରେ ଯେତେ ସଂଖ୍ୟାରେ ବ୍ୟବହାର କରିବେ ସେତିକି ଆୟ ମଧ୍ୟ ହୋଇପାରିବ। ଏବେ ଆୟ କିଛି ହେଉ ନାହିଁ। ଯଦି ଆୟ ହେବ ତା ହେଲେ ୨୦ ପ୍ରତିଶତ ଦେଶର ଯବାନମାନଙ୍କ ପାଇଁ ଖର୍ଚ୍ଚ କରିବି।

**ସରକାରୀ ସ୍ତରରେ ପ୍ରୋତ୍ସାହନ ଆବଶ୍ୟକ କି ?**

❖ ଆପ ବ୍ୟବହାର କରି ଦେଶ ତଥା ଦେଶ ବାହାରେ କିଛି ଲୋକ ପ୍ରଶଂସା କରିଛନ୍ତି। ହେଲେ ତିଆରି କରିଥିବା ଆପ୍‌ର ପ୍ରଚାର ପ୍ରସାର ନ ହେବାରୁ ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ। ଏଥିପାଇଁ ସରକାରଙ୍କ ସହାୟତା ଦରକାର। ସରକାରୀ ସ୍ତରରେ ଯେଉଁ ଆପ୍ ବ୍ୟବହାର ହୋଇ ପାରିବ ସେ ଉପରେ ନଜର ଦେବା ଆବଶ୍ୟକ। ଏଥିସହ ନିଜ ଗ୍ରାମରେ ନ ହେଲେ ବି ଜିଲାରେ ଏକ ଆଇଟି ହବ୍ ତିଆରି କରିବା ଦିଗରେ ସରକାର ଦୃଷ୍ଟି ଦେଲେ ପ୍ରତିଭାର ବିକାଶ ହୋଇପାରିବ।

**ଆପ୍ ତିଆରି କରିବା ପାଇଁ କେତେ ସମୟ ଦିଅନ୍ତି ?**

❖ ପ୍ରତିଦିନ ସକାଳ ୫ଟାରୁ ଉଠି ପାଠ ପଢେ। ସନ୍ଧ୍ୟାରୁ ରାତି ୯ଟା ପର୍ଯ୍ୟନ୍ତ ସ୍କୁଲ ପାଠ ଶେଷ କଲା ପରେ ପ୍ରତିଦିନ କମ୍ପ୍ୟୁଟର ସାମନାରେ ୩ ଘଣ୍ଟା ବସି ଆପ୍ ତିଆରିରେ ମନ ଦିଏ। ବାପା ମୋତେ ଏ କ୍ଷେତ୍ରରେ ସହାୟତା କରିଥାନ୍ତି। ଦେବଗଡ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାଠ ପଢୁଛି। ଏବେ ଗାଁରେ ଅଛି। ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଶ୍ରେଣୀରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ପାସ କରିଛି। ସ୍କୁଲରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ମଧ୍ୟ ଭାଗ ନିଏ। ପରିଶ୍ରମ କଲେ ଫଳ ନିଶ୍ଚୟ ମିଳେ। ଆମ ଅଞ୍ଚଳରେ ଥିବା ନହୁରାଣୀ ନାଳ ଉପରେ ପୋଲ କରିବାକୁ ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲି। ଆଜି ସେ ସ୍ଥାନରେ ପୋଲ ନିର୍ମାଣ ହୋଇ ଜିଲାର ସୀମାନ୍ତ ଗ୍ରାମରୁ ଅନୁଗୋଳ ଜିଲାକୁ ସଂଯୋଗ କରିଛି, ଯାହାକି ମତେ ବେଶ୍ ଖୁସି ଆଣି ଦେଇଛି।

## ରାତି ସାଢ଼େ ୧୦ ଯାଏ ଖୋଲା ରହିବ ମଦ ଦୋକାନ

ଭୁବନେଶ୍ୱର,୭।୮(ବ୍ୟୁରୋ)

ରାଜ୍ୟ ସରକାର ମଦ ଦୋକାନ ଖୋଲିବା ଅବଧିକୁ ବଢାଇ ଦେଇଛନ୍ତି। ସକାଳ ୧୦ଟା ୩୦ରୁ ରାତି ୧୦ଟା ୩୦ପର୍ଯ୍ୟନ୍ତ ମଦ ଦୋକାନ ଖୋଲା ରହିବ। ଏନେଇ ସୋମବାର ଅବକାରୀ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଲାଇସେନ୍ସ ପ୍ରାପ୍ତ ବିଦେଶୀ, ଦେଶୀ, ବିୟର, ଠିପି ଖୋଲା ମଦ ଦୋକନ ରାତି ସାଢେ ୧୦ଟା ଯାଏ ଖୋଲା ରହିବ। ଏଥିସହିତ ପୂର୍ବଭଳି ହୋମ ଡେଲିଭରି କରିବାକୁ ମଧ୍ୟ ଅନୁମତି ପ୍ରଦାନ କରାଯାଇଛି। ଦୋକାନ ଖୋଲିବା ସମୟରେ କରୋନା ଗାଇଡଲାଇନକୁ କଡାକଡି ଭାବେ ପାଳନ କରିବାକୁ ବିଜ୍ଞପ୍ତିରେ କୁହାଯାଇଛି। ସାମାଜିକ ଦୂରତା ଓ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଛି। କେବଳ ସଂକ୍ରମିତ ଅଞ୍ଚଳ ବାହାରେ ମଦଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି। କରୋନା ଯୋଗୁ ଦୀର୍ଘଦିନ ପର୍ଯ୍ୟନ୍ତ ମଦଦୋକାନ ବନ୍ଦ ରହିଥିଲା। ପରେ ଅନ୍‌ଲାଇନ୍ ଓ ହୋମ ଡେଲିଭରିକୁ ଅନୁମତି ଦିଆଯାଇଥିଲା।

## ରେଲୱେ ସଫ୍ଟୱେର ହାଇଜାକ କରିଥିବା ଯୁବକ ଗିରଫ

**ପାରାଦୀପ,୭।୯(ସ୍ୱ.ପ୍ର.):** ସାରାଦେଶରେ ରେଲୱେ ସଫ୍ଟୱେର ହାଇଜାକ କରିଥିବା ଜଣେ ଯୁବକଙ୍କୁ ସୋମବାର ଆରପିଏଫ ଗିରଫ କରିଛି। ସମ୍ପୃକ୍ତ ଯୁବକ ହେଲେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ରାଜକୁମାର ସାହୁ। ସେ ପଟ୍ଟାମୁଣ୍ଡାଇ ବଜାରରେ ରାଜ କମ୍ୟୁନିକେଶନ ନାମରେ ଏକ ଦୋକାନ କରିଛନ୍ତି। ଏ ସମ୍ପର୍କରେ ଆରପିଏଫ ସି-୩-ସି/୨୯/୨୦୨୦ ମାମଲା ରୁଜୁ କରିବା ସହ ତାଙ୍କୁ କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ଆଇଆରସିଟିସି ଏଜେଣ୍ଟ ଦସ୍ତାବିଜ, ଗୋଟିଏ ଡଙ୍ଗଲ, ଗୋଟିଏ ଡାଏରୀ, ଦୁଇଟି ମୋବାଇଲ ଓ ରେଲୱେ ନାମରେ ବ୍ୟବହାର କରୁଥିବା ୨୫ ନକଲି ଆକାଉଣ୍ଟ ଜବତ କରାଯାଇଛି।

## ପୂର୍ବତନ ରାଜ୍ୟ ସଭା ଏମ୍‌ପି ନରେନ୍ଦ୍ର ସ୍ୱାଇଁଙ୍କ ପରଲୋକ

ଭୁବନେଶ୍ୱର,୭।୯(ବ୍ୟୁରୋ)



ନରେନ୍ଦ୍ର ସ୍ୱାଇଁ

ପୂର୍ବତନ ରାଜ୍ୟ ସଭା ଏମ୍‌ପି ତଥା ବିଜେଡିର ବରିଷ୍ଠ ନେତା ନରେନ୍ଦ୍ର କୁମାର ସ୍ୱାଇଁଙ୍କର ସୋମବାର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ହୋଇଥିଲା। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା କାରଣରୁ ସେ ଚିକିତ୍ସାଧୀନ ଥିଲେ। ସେ ବିଜୁ ଜନତା ଦଳରୁ ୨୦୧୪ରେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ଏଥିସହିତ ସେ ବିଜେଡିର ସାଧାରଣ ସମ୍ପାଦକ ସହିତ ଦୀର୍ଘଦିନ ଧରି ବିଜେଡିର ସାଙ୍ଗଠନିକ ଦାୟିତ୍ୱ ବୁଝୁଥିଲେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଇଁଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏ ନେଇ ଟୁଇଟ୍ କରି ଜଣାଇଛନ୍ତି ଯେ, ପୂର୍ବତନ ରାଜ୍ୟ ସଭା ଏମ୍‌ପି ନରେନ୍ଦ୍ର ସ୍ୱାଇଁଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ସେ ଜଣେ ଦକ୍ଷ ସଂଗଠକ ଥିଲେ।

### ମୁଖ୍ୟମନ୍ତ୍ରୀ, ଦଳୀୟ ନେତାଙ୍କ ଶୋକ

ଲୋକଙ୍କ କଲ୍ୟାଣ ପାଇଁ କରିଯାଇଥିବା କାର୍ଯ୍ୟ ତାଙ୍କୁ ସର୍ବଦା ସ୍ମରଣୀୟ କରି ରଖିବ। ମୁଖ୍ୟମନ୍ତ୍ରୀ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ପରଲୋକଗତ ନେତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ପ୍ରତାପ ଜେନା, ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଂଜୟ ଦାସବର୍ମା, ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ପ୍ରମୁଖ ସ୍ୱାଇଁଙ୍କ ବିୟୋଗରେ ଦୁଃଖ ପ୍ରକାଶ କରିବା ସହ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।





STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

OPEN FOR SPOT ADMISSION
LIMITED SEATS ARE VACANT

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. Diploma In Front Office Operation | 1½ Year | 10+2 pass or equivalent | 25 Years as on 1st July 2020 for General/ OBC candidates & 28 Years for SC/ST candidates |
| 2. Diploma In Food & Beverage Service | 1½ Year | 10+2 pass or equivalent | |
| 3. Diploma In Food Production | 1½ Year | 10+2 pass or equivalent | |
| 4. Diploma In Housekeeping Operation | 1½ Year | 10+2 pass or equivalent | |
| 5. Craftsmanship Certificate Course In Food & Beverage Service | 06 Months | 10th pass | |
| 6. Craftsmanship Certificate Course In Food Production | 1½ Year | 10th pass | |

LAST DATE OF ADMISSION: 15.09.2020
FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No.9348849484, 6370180040, 9437140772, 9437030720



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ମନୋଜ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଅକ୍ଟୋବର ୧୨ରେ ପରବର୍ତ୍ତୀ ଶୁଣାଣି

**ବର୍ଷା-ଅନୁଭବ ବିବାଦ ମାମଲା**

- ବିବାହ ବିଚ୍ଛେଦ ନ କରିବାକୁ ବର୍ଷାଙ୍କ ନିବେଦନ
- ଫୋନ୍ ପାଇ ଅନୁଭବଙ୍କ ଘରେ ପହଞ୍ଚିଲା ପୋଲିସ

**କଟକ ଅଫିସ,୭।୯**

ଅଭିନେତା ତଥା ଏମ୍‌ପି ଅନୁଭବ ମହାନ୍ତି ଓ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ବିବାଦକୁ ନେଇ ଜିଲା ପ୍ରୋଟେକ୍ସନ ଅଫିସର କଟକ ସଦର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ସୋମବାର ଅପରାହ୍ଣରେ ରିପୋର୍ଟ ଦାଖଲ କରିଛନ୍ତି। ବର୍ଷାଙ୍କ ବୟାନ ରେକର୍ଡ ପରେ ରିପୋର୍ଟ ଦାଖଲ ହୋଇଥିଲା। ତେବେ ଏସ୍‌ଡିଜେଏମ୍ କୋର୍ଟ ମାମଲାର ଶୁଣାଣିକୁ ଆସନ୍ତା ଅକ୍ଟୋବର ୧୨ ତାରିଖକୁ ଘୁଞ୍ଚାଇଛନ୍ତି। ଏହାଛଡ଼ା କଟକ ପରିବାର ଅଦାଲତରେ ବର୍ଷା ଯେଉଁ ମାମଲା ରୁଜୁ କରିଥିଲେ ଏଥିରେ କିଛି ସଂଶୋଧନ କରାଯାଇ ପିଟିଶନକୁ ପୁନର୍ବାର ଦାଖଲ କରାଯିବ ବୋଲି ଜଣାପଡ଼ିଛି। ଆସନ୍ତା ଅକ୍ଟୋବର ୧୪ରେ ଏହି ମାମଲାର ଶୁଣାଣି ନିମନ୍ତେ ଦିନ ଧାର୍ଯ୍ୟ ହୋଇଛି। ସେମାନଙ୍କ ବୈବାହିକ ସମ୍ପର୍କକୁ ଚିରସ୍ଥାୟୀ କରାଯାଉ। ହିନ୍ଦୁ ମ୍ୟାରେଜ୍ ଆଇନର ଧାରା ୯ରେ ସେମାନଙ୍କ ବୈବାହିକ ବିଚ୍ଛେଦ ନ ହେଉ ବୋଲି ବର୍ଷା ପ୍ରାର୍ଥନା କରିଛନ୍ତି। ଅନୁଭବ ଦିଲ୍ଲୀ ପଟିଆଲା ହାଉସ କୋର୍ଟରେ ଛାଡ଼ପତ୍ର ପାଇଁ ଯେଉଁ ଆବେଦନ କରିଛନ୍ତି ତାହାକୁ ଖାରଜ କରାଯାଉ ବୋଲି ସେ ନିବେଦନ କରିଛନ୍ତି।

ଅନ୍ୟଏକ ଘଟଣାରେ ସୋମବାର ଅପରାହ୍ଣରେ ବର୍ଷା ଭୟଭୀତ ହୋଇ ପୋଲିସର ସହାୟତା ଲୋଡ଼ିଥିବା ଜଣାପଡ଼ିଛି। ସେ ଘରେ ଖାଇବା ପାଇଁ ପ୍ରସ୍ତୁତ ହେଉଥିବାବେଳେ କେହି ତାଙ୍କ ଫଟୋ ଉଠାଉଛି ବୋଲି ସେ ପୋଲିସ ହେଲ୍‌ପ ଲାଇନ୍ ନଂ-୧୦୦କୁ ଫୋନ କରି କହିଥିଲେ। ପରେ ପୁରୀଘାଟ ଥାନା ଆଇଆଇସି ରଶ୍ମିରଞ୍ଜନ ସାହୁ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲେ। ଏ ନେଇ କୌଣସି ଲିଖିତ ଅଭିଯୋଗ ହୋଇନାହିଁ ବୋଲି ଆଇଆଇସି ସାହୁ କହିଛନ୍ତି।

## ତିକ୍ତତାର ଅଠା...

ବୈବାହିକ ଜୀବନ ୬ବର୍ଷ ଅତିକ୍ରମ କରି ସାରିଛି। ହେଲେ ବିବାହର ୧୮ ମାସ ପରଠୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ଭଲ ନ ଥିବା ଅଭିଯୋଗପତ୍ରରୁ ଜଣାପଡ଼ିଛି। ଅଭିନେତ୍ରୀ ବର୍ଷା ଗତ ଅଗଷ୍ଟ ୭ ତାରିଖରେ କଟକସଦର ଏସ୍‌ଡିଜେଏମ୍ କୋର୍ଟରେ ଏକ ଅଭିଯୋଗପତ୍ର ଦାଖଲ କରିଥିଲେ। ଏଥିରେ ସେ ଦର୍ଶାଇଛନ୍ତି, ଉଭୟ କଟକର ବାସିନ୍ଦା ଓ ବୈଦିକ ରୀତିରେ ଉଭୟଙ୍କ ବିବାହ ହୋଇଥିଲା। ବିବାହ ସମୟରେ ବର୍ଷାଙ୍କ ପରିବାର ଲୋକେ ୫୦ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ବିବାହ ଦିନ ୨ହଜାର ବରଯାତ୍ରୀଙ୍କୁ ଚାନ୍ଦିର ମୁଦ୍ରା ଦିଆଯାଇଥିଲା। ୨୦୧୯ ଡିସେମ୍ବର ପର୍ଯ୍ୟନ୍ତ ଏମାନେ ସ୍ୱାମୀ-ସ୍ତ୍ରୀ ଭାବେ ରହି ଆସୁଥିଲେ। ବିବାହ ପରଠାରୁ ଅନୁଭବଙ୍କ ସହିତ ବର୍ଷା ଏକାଧିକ ଚଳଚ୍ଚିତ୍ରରେ ଅଭିନୟ କରିଥିଲେ ମଧ୍ୟ ତାଙ୍କୁ ଟଙ୍କାଟିଏ ବି ପାରିଶ୍ରମିକ ଦିଆଯାଇନାହିଁ। ଏପରି କି କୌଣସି କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁଭବଙ୍କ ପରିବାର ପକ୍ଷରୁ ତାଙ୍କୁ ବାରଣ କରାଯାଉଥିଲା; ଯାହାକି ଏକପ୍ରକାର ନିର୍ଯାତନା ଥିଲା। ଏଥିସହିତ ବର୍ଷା ଦର୍ଶାଇଛନ୍ତି ଯେ, ଅନୁଭବ ଜଣେ ପେସାଦାର ମଦ୍ୟପ। ସେ ମଦ୍ୟପାନ କରିବାବେଳେ ନିଜ ଦାୟିତ୍ୱକୁ ଭୁଲି ଯାଆନ୍ତି ଓ ଅସଭ୍ୟ ଭାଷାରେ ଗାଳିଗୁଲଜ କରନ୍ତି। ରାତିତମାମ ବର୍ଷା କାନ୍ଦୁଥିବାବେଳେ ଅନୁଭବ ମଦ୍ୟପାନରେ ବ୍ୟସ୍ତ ରୁହନ୍ତି। ଗତ ମେ' ୨୫ ପର୍ଯ୍ୟନ୍ତ ଅନୁଭବ ଓ ତାଙ୍କ ପରିବାର ଦିଲ୍ଲୀରେ ଲକ୍‌ଡାଉନରେ ଫସିଥିଲେ। ଏହି ସମୟରେ ବର୍ଷା ଏକୁଟିଆ କଟକରେ ଥିବାବେଳେ ତାଙ୍କ ଭଲମନ୍ଦ କଥା କେହି ବୁଝି ନ ଥିଲେ ବୋଲି ବର୍ଷା ଅଭିଯୋଗ କରିଛନ୍ତି। ସମ୍ପର୍କକୁ ବଞ୍ଚାଇବା ପାଇଁ ବର୍ଷା ବହୁତ ଚେଷ୍ଟା କରିଥିଲେ। ହେଲେ ଗତ ଜୁନ୍ ୭ରେ ଅନୁଭବ ଓ ତାଙ୍କ ବାପା ୨ ଘଣ୍ଟା ଧରି ଗାଳିଗୁଲଜ କରିଥିଲେ ବୋଲି ବର୍ଷା କହିଛନ୍ତି। ବର୍ଷା କଟକ ସଦର ଏସ୍‌ଡିଜେଏମ୍ କୋର୍ଟରେ ଘରୋଇ ହିଂସାରୁ ମହିଳାଙ୍କୁ ସୁରକ୍ଷା ଆଇନ-୨୦୦୫ ଆଧାରରେ ଏକ ଏତଲା ଦେଇଥିଲେ। ଭରଣପୋଷଣ ବାବଦକୁ ବର୍ଷା ୧୫ କୋଟି ଟଙ୍କା ବର୍ଷା ଦାବି କରିଛନ୍ତି। ସେଥିମଧ୍ୟରେ ୧୩ କୋଟି ଟଙ୍କା କ୍ଷତିପୂରଣ ଓ ରୋଜଗାର ହରାଇଥିବାରୁ ୨ କୋଟି ଟଙ୍କା ଦର୍ଶାଇଛନ୍ତି। ଏହାଛଡ଼ା ମାସିକ ୨୦ ହଜାର ଟଙ୍କା ଘର ଭଡ଼ା ଓ ଚଳିବା ପାଇଁ ମାସିକ ଖର୍ଚ୍ଚ ୫୦ ହଜାର ଟଙ୍କା ଦେବାକୁ ବର୍ଷା ପିଟିଶନରେ ଉଲ୍ଲେଖ କରିଛନ୍ତି।

ଅନ୍ୟପକ୍ଷରେ ଅନୁଭବ ଦିଲ୍ଲୀ ପଟିଆଲା ହାଉସ କୋର୍ଟରେ ଗତ ଜୁଲାଇ ୭ ତାରିଖରେ ବର୍ଷାଙ୍କ ବିରୋଧରେ ଛାଡ଼ପତ୍ର ଆବେଦନ କରିଥିବା ଜଣାପଡ଼ିଛି। ୪୭ ପୃଷ୍ଠା ସମ୍ବଳିତ ଉକ୍ତ ଆବେଦନରେ ଅନୁଭବ ତାଙ୍କ ପାରିବାରିକ ବିବାଦର ଅନେକ କଥା ଉଲ୍ଲେଖ କରିଛନ୍ତି। ବର୍ଷା ଓ ଅନୁଭବ ଗୋଟିଏ କଲେଜରେ ପାଠ ପଢୁଥିଲେ। ଏକ ହନୁମାନ ଚାଳିଶା କାର୍ଯ୍ୟକ୍ରମରେ ଉଭୟଙ୍କର ପରିଚୟ ହୋଇଥିଲା। ପରେ ସମ୍ପର୍କ ମଜଭୁତ ହେବା ସହ ଉଭୟ ବିବାହ କରିଥିଲେ। ବର୍ଷା ସାଧାରଣ ଜୀବନ ବଞ୍ଚିବାରେ ସହଯୋଗ କରୁ ନ ଥିଲେ। ଏପରି କି ଶାରୀରିକ ସମ୍ପର୍କ ରଖିବାକୁ ରାଜି ହେଉ ନ ଥିଲେ। ବିବାହର ପ୍ରଥମ ରାତିରୁ ଏହି ବିବାଦର ସୂତ୍ରପାତ ହୋଇଥିଲା। ଶାରୀରିକ ସମ୍ପର୍କ ରଖିବାକୁ ବର୍ଷା ୩ରୁ ୪ ମାସ ସମୟ ମାଗିଥିଲେ। ଇତି ମଧ୍ୟରେ ଅନୁଭବ ରାଜ୍ୟ ସଭା ସଦସ୍ୟ ହୋଇ ଦିଲ୍ଲୀରେ ରହିବା ଆରମ୍ଭ କରିଥିଲେ। କଟକ ଫେରିବା ପରେ ଶାରୀରିକ ସମ୍ପର୍କ ରହିବ ବୋଲି ବର୍ଷା କହିଥିଲେ। ହେଲେ ଅନୁଭବ କଟକ ଫେରିବା ପରେ ମଧ୍ୟ ସମାନ ବ୍ୟବହାର ଦେଖାଇଥିଲେ ବର୍ଷା। ଏପରି କି ବର୍ଷାଙ୍କ ଜନ୍ମଦିନ ପାଳନ ପାଇଁ ଅନୁଭବ ସମସ୍ତ ପ୍ରକାର ସାଜସଜ୍ଜା କରିଥିଲେ ମଧ୍ୟ ବର୍ଷା ଏହାକୁ ଗ୍ରହଣ କରି ନ ଥିଲେ। ବର୍ଷା ଅଧିକାଂଶ ସମୟ ନିଜ ବାପଘରେ ରହିବାକୁ ପସନ୍ଦ କରୁଥିଲେ। ଏପରି କି ଶାଶୁଘର ଖାଦ୍ୟ ମଧ୍ୟ ତାଙ୍କୁ ଭଲ ଲାଗୁ ନ ଥିଲା। ୨୦୧୫ରେ ଦିଲ୍ଲୀରେ ଏକ ଗୃହପ୍ରବେଶ ପୂଜା ଥିଲା। ଅନୁଭବଙ୍କ ନିବେଦନ ସତ୍ତ୍ୱେ ବର୍ଷା ପୂଜାରେ ଯୋଗଦେଇ ନ ଥିଲେ। ୨୦୧୫ ଜୁନ୍‌ରେ ଉଭୟ ଏକ କାର୍ଯ୍ୟକ୍ରମରେ ଆମେରିକା ଯାଇଥିଲେ। ବର୍ଷାଙ୍କ ପାଇଁ ଅନୁଭବ ଏକ ସ୍ୱତନ୍ତ୍ର ଆୟୋଜନ କରିଥିଲେ। ତଥାପି ବର୍ଷା ଶାରୀରିକ ସମ୍ପର୍କ ରଖିବାକୁ ଅନିଚ୍ଛା ପ୍ରକାଶ କରିଥିଲେ। ବର୍ଷା କେବେ ବି ଅନୁଭବଙ୍କୁ ସ୍ୱାମୀ ଭାବେ ବ୍ୟବହାର କରୁ ନ ଥିଲେ। ଅନ୍ୟ ସହଅଭିନେତ୍ରୀଙ୍କ ସହ ଅନୁଭବଙ୍କର ସମ୍ପର୍କ ଅଛି ବୋଲି ବର୍ଷା ମିଥ୍ୟା ଅଭିଯୋଗ କରୁଛନ୍ତି। ୨୦୧୯ ମେ' ୧ରୁ ଉଭୟ ଅଲଗା ରହୁଛନ୍ତି। ବର୍ଷା ଜଣେ ଭଲ ବୋହୂ କିମ୍ବା ସ୍ତ୍ରୀ ହେବାରେ ବିଫଳ ହୋଇଛନ୍ତି। ବିବାହ ପରଠାରୁ ଏପର୍ଯ୍ୟନ୍ତ ବର୍ଷାଙ୍କ ସ୍ୱାର୍ଥବାଦୀ ନୀତି ଯୋଗୁ ଅନୁଭବ କେବେ ସୁଖୀ ଦାମ୍ପତ୍ୟ ଜୀବନ ଅତିବାହିତ କରିପାରିନାହାନ୍ତି ବୋଲି ଅନୁଭବ ପିଟିଶନରେ ଦର୍ଶାଇଛନ୍ତି।




ଅନୁଭବଙ୍କ କଟକସ୍ଥିତ ବାସଭବନକୁ ଯାଉଛନ୍ତି ପୋଲିସ।

# ଏଚ୍‌ଏସ୍‌ଟିଡିଭିର ସଫଳ ପରୀକ୍ଷଣ




**ନୂଆଦିଲ୍ଲୀ,୭।୯(ପି.ଟି.)**

ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ହାଇପରସୋନିକ ଟେକ୍ନୋଲୋଜି ଡେମୋନ୍‌ଷ୍ଟ୍ରେଟର ଭେହିକିଲ (ଏଚ୍‌ଏସ୍‌ଟିଡିଭି)ର ସୋମବାର ସଫଳ ପରୀକ୍ଷଣ କରାଯାଇଛି। ଡିଫେନ୍ସ ରିସର୍ଚ୍ଚ ଆଣ୍ଡ ଡେଭ୍‌ଲପ୍‌ମେଣ୍ଟ ଅର୍ଗାନାଇଜେଶନ (ଡିଆର୍‌ଡିଓ)ର ଏହି ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସ୍କ୍ରାମଜେଟ୍ ଇଞ୍ଜିନ୍‌ରେ ପ୍ରସ୍ତୁତ ଏଚ୍‌ଏସ୍‌ଟିଡିଭି ପ୍ରତିରକ୍ଷା ବୈଷୟିକ ଜ୍ଞାନର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି। ଏହାବ୍ୟତୀତ ଏହା ସଶକ୍ତ ଭାରତ ଏବଂ ଆତ୍ମନିର୍ଭର ଭାରତ ନିର୍ମାଣ ଦିଗରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିପାରିଛି। ଡିଆର୍‌ଡିଓ ଏହି ସଫଳ ମିଶନ ଜରିଆରେ ଏହାର ଉଚ୍ଚ ବୈଷୟିକ ଜ୍ଞାନ ସମ୍ପନ୍ନ କାର୍ଯ୍ୟଦକ୍ଷତାର ପରିଚୟ ଦେଇଛି। ଏହା ୨୦ସେକେଣ୍ଡ ମଧ୍ୟରେ ୩୨ମାଇଲ ଗତି କରିପାରିବ। ଡିଆର୍‌ଡିଓର ଅଧ୍ୟକ୍ଷ ଏଥିପାଇଁ ସମସ୍ତ ବୈଜ୍ଞାନିକ, ଗବେଷକ ଓ ଏହାସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ଡିଆର୍‌ଡିଓକୁ ଧନ୍ୟବାଦ ଦେଲେ ରାଜନାଥ**

# ଚନ୍ଦା କୋଚରଙ୍କ ସ୍ୱାମୀ ଦୀପକ ଗିରଫ

**ନୂଆଦିଲ୍ଲୀ,୭।୯:** ଆଇସିଆଇସିଆଇ ବ୍ୟାଙ୍କର ପୂର୍ବତନ ସିଇଓ ଚନ୍ଦା କୋଚରଙ୍କ ସ୍ୱାମୀ ଦୀପକ କୋଚରଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସୋମବାର ଗିରଫ କରିଛି। ବେଆଇନ ଅର୍ଥ କାରବାର ଆଇନ ଅଧିନରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଜଣାପଡ଼ିଛି। ପ୍ରାୟ ଦେଢ ବର୍ଷ ପୂର୍ବରୁ ଇଡି ଏମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ନିକଟରେ ଇଡି ଦୀପକ କୋଚରଙ୍କୁ ଜେରା କରିଥିଲା। ତାଙ୍କ ବିରୋଧରେ ଠୋସ ପ୍ରମାଣ ଏହି ଏଜେନ୍ସି ହାତରେ ଲାଗିଥିବା କହାଯାଉଛି। ଦୀପକଙ୍କ କମ୍ପାନୀ ନ୍ୟୁ ପାୱାର ରିନ୍ୟୁଏବୁଲ୍ସ ଦ୍ୱାରା ବେଆଇନ ଅର୍ଥ କାରବାର ହୋଇଥିବା ଜଣାପଡ଼ିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପାଚିଲା ବାଳରେ ମହଣ**
**ବୁଢ଼ୀ ସଉକି ଦେଖିବ କଅଣ।**

ସୌନ୍ଦର୍ଯ୍ୟ ପ୍ରତି ନାରୀ ମନରେ ଅହେତୁକ ଦୁର୍ବଳତା ରହିଥାଏ। ବୟସ ଯେତେ ବଢି ବଢି ଯାଉଥିଲେ ମଧ୍ୟ ସୌନ୍ଦର୍ଯ୍ୟକୁ ନେଇ ନାରୀ ମନରେ ରହିଥିବା ଆଗ୍ରହ କେବେ କମି ପାରି ନ ଥାଏ। ଉତ୍ତୀର୍ଣ୍ଣ ବୟସରେ ଉପନୀତ ହୋଇଥିବା ମହିଳାଙ୍କ ସାଜସଜ୍ଜା ପ୍ରତି ରହିଥିବା ସଉକକୁ ଦୃଷ୍ଟିରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ପାଇଟି ସାରି ବସ**
**ଶତ୍ରୁ ମାରି ବସ।**

ପାଇଟି ବା କାମଦାମ ସାରିଦେଲେ ମଣିଷ ଚିନ୍ତାଶୂନ୍ୟ ହୋଇଯାଏ। ତେଣିକି ବସି ବିଶ୍ରାମ କରିବାରେ ଅସୁବିଧା ରହି ନ ଥାଏ। ସେହିପରି ଶତ୍ରୁକୁ ଦମନ କରିଦେଲେ ଦାଉ ସାଧିବାକୁ ଆଉ କେହି ନ ଥାଏ। ଫଳସ୍ୱରୂପ ଶତ୍ରୁକୁ ନେଇ ଭୟଭୀତ ହେବାର ଆଉ କିଛି ଅବକାଶ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଗତକାଲିଠାରୁ ପାରିବାରିକ ପରିସ୍ଥିତି ବିଗିଡି ଯାଇଥିବା କାରଣରୁ ଦ୍ୱନ୍ଦ୍ୱରେ ପଡି କୌଣସି ନୂତନ କାମ ଆରମ୍ଭ କରିପାରିବେ ନାହିଁ। କର୍ମକ୍ଷେତ୍ରରେ ମଧ୍ୟ ଭୁଲ୍ ବୁଝାମଣା ଯୋଗୁଁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଭ୍ରାତୃବର୍ଗ ଦ୍ୱାରା ପାଖ,ପଡୋଶୀଙ୍କ ସହ ଉପୁଜିଥିବା ସମସ୍ୟା ସମାଧାନ କରିବେ।

**ବୃଷ**
କର୍ମକ୍ଷେତ୍ରରେ ମୃଗଶିରା ନକ୍ଷତ୍ର ଅନ୍ୟମାନଙ୍କ ଉପରେ ପୂର୍ଣ୍ଣ ଭରସା କରି ପ୍ରତାରିତ ହୋଇପାରନ୍ତି। କୌଣସି ଉନ୍ନତିମୂଳକ କାମ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡିପାରେ। ସହକର୍ମୀ କିମ୍ବା ଅଧସ୍ତନ କର୍ମଚାରୀଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ।

**ମିଥୁନ**
ନିଜ ସମ୍ପର୍କୀୟମାନେ ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ଦୀର୍ଘ ଦିନର ଶତ୍ରୁତା ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରେ। ଅଫିସରେ ପରସ୍ପର ଗୋଡଟଣା ଟଣି ହେତୁ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡିବ।

**କର୍କଟ**
ହାତକୁ ନେଇଥିବା କାମଗୁଡିକ ସୁରୁଖୁରୁରେ ହୋଇଯିବା କାରଣରୁ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ଆର୍ଥିକ ଦିଗରୁ ସନ୍ତୋଷଜନକ ଫଳ ପାଇ ମନ ଖୁସୀ ରହିବ। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଅଶ୍ଳେଷା ନକ୍ଷତ୍ର ସକାଶେ ଆତ୍ମୀୟମାନଙ୍କ ଅସହଯୋଗ କାର୍ଯ୍ୟହାନିର କାରଣ ହୋଇପାରେ।

**ସିଂହ**
ଆଜି ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତାରେ ଅବଶ୍ୟ ସଫଳତା ହାସଲ କରିବେ। କେତେକ କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ ମନୋବୃତ୍ତି ପୋଷଣ କରିବେ। ମଘା ନକ୍ଷତ୍ରର ମାନସିକ ଅବସାଦ ଯୋଗୁଁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। କୌଣସି କାମ ହାସଲ ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡିପାରେ।

**କନ୍ୟା**
ଦୀର୍ଘଦିନର ଆଶା ପୂରଣ ହେବା ସଙ୍ଗକୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟରେ ନୂତନ କିଛି ଯୋଡିବା ସକାଶେ ଚିନ୍ତା କରିବେ। ପରିବାରରେ ପାରସ୍ପରିକ ସମ୍ପର୍କ ହାନି ଯୋଗୁଁ ଚିନ୍ତା ପ୍ରକଟ କରିପାରନ୍ତି। ପବ୍ଲିକେଶନରେ ସମସ୍ୟା ସମାଧାନ ହୋଇଯିବ।

**ତୁଳା**
ଆଜି କୌଶଳରେ କାମ ହାସଲ କରି ଯେତିକି ଖୁସୀ ହେବେ, ପରିବାରରେ ଅଶାନ୍ତିର ବାତାବରଣରୁ ସେତିକି ଦୁଃଖୀ ହୋଇପାରନ୍ତି। ସାମାଜିକ ସ୍ତରରେ ଧର୍ମକାର୍ଯ୍ୟ କରି ଏବଂ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ବନ୍ଧୁମାନେ ନିଜର ଫାଇଦା ହାସଲ କରିବା ଲାଗି ମନ ବଳାଇବେ।

**ବିଛା**
କାର୍ଯ୍ୟହାସଲ ସକାଶେ ବହୁତ ଝଡଝଞ୍ଜା ମଧ୍ୟ ଦେଇ ଗତି କରିବାକୁ ପଡିବ। ଭୁଲ୍ ବୁଝାମଣା କାରଣରୁ ଅନ୍ୟମାନଙ୍କ ସହ ସୁସମ୍ପର୍କରେ ବାଧା ଉପୁଜିବ। ପରିବାରରେ ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁଁ କ୍ଷୋଭ ପ୍ରକାଶ କରିପାରନ୍ତି। ମାନସିକ ଅବସାଦ ଦୂର ହେବାରେ ବନ୍ଧୁ ସାହାଯ୍ୟ କରିପାରନ୍ତି।

**ଧନୁ**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ଭିତରେ ରହିବା ହେତୁ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। କିନ୍ତୁ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ନଚେତ୍ ସମାଲୋଚିତ ହେବାକୁ ପଡିପାରେ। ଜମିଜମା, ଗୃହ କିମ୍ବା ଯାନ୍ତ୍ରିକ ଜିନିଷ କିଣାବିକା କ୍ଷେତ୍ରରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**ମକର**
ଦୀର୍ଘଦିନରୁ ଲାଗି ରହିଥିବା ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିପାରେ। ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ ଓ କାର୍ଯ୍ୟ ଅବଶ୍ୟ ହାସଲ କରିବେ। ପୁରାତନ ରୋଗ ପୀଡା, ଶାରୀରିକ ପୀଡାରେ କଷ୍ଟ ପାଇପାରନ୍ତି। ବନ୍ଧୁଙ୍କ ସହାୟତା ନେଇ ପାରିବାରିକ ସମସ୍ୟାକୁ ଚତୁରତାର ସହ ସମାଧାନ କରିବେ।

**କୁମ୍ଭ**
ଦିନଟି ବହୁତ ଭଲ ଏପରି କି ବାଣିଜ୍ୟ, ବ୍ୟବସାୟ, ସଭାସମିତି, ପରିବହନ, ପ୍ରଶାସନିକ କ୍ଷେତ୍ରରୁ ସୁଫଳ ମିଳିବ। ସରକାରୀ ସ୍ତରରୁ ଆଶା କରୁଥିବା ଶୁଭଖବର ପାଇ ଖୁସି ହେବେ। ଘରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ।

**ମୀନ**
ଲାଗିରହିଥିବା ସମସ୍ୟା ସୁଧୁରିଯିବା କାରଣରୁ ପାରିବାରିକ ସଦ୍ଭାବ କ୍ରମଶଃ ବୃଦ୍ଧି ପାଇବ। ବାଣିଜ୍ୟ, ବ୍ୟବସାୟରେ ଭାଗୁଆଳିମାନଙ୍କ ସହ ମାନମନାନ୍ତର ଦେଖା ଦେଇପାରେ। ଧାତୁ, ଅଳଙ୍କାର, ଔଷଧ ପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅପେକ୍ଷା କରନ୍ତୁ ବିଳମ୍ବ ହେଲେ ମଧ୍ୟ କାର୍ଯ୍ୟ ସାଧିତ ହେବ।

ଆଜି ଆଶ୍ୱିନ କୃଷ୍ଣପକ୍ଷର ଗଜଷଷ୍ଠୀ ମଙ୍ଗଳବାର, ସେପ୍ଟେମ୍ବର ୮ ତାରିଖ, ବିଶ୍ୱ ସାକ୍ଷରତା ଦିବସ, ଦିବ୍ୟଜୀବନ ସଂଘ ପ୍ରତିଷ୍ଠାତା ସ୍ୱାମୀ ଶିବାନନ୍ଦ ମହାରାଜଙ୍କ ଜୟନ୍ତୀ, ଦୈନିକ ଧରିତ୍ରୀର ପୂର୍ବତନ ସମ୍ପାଦକ ଓ ପୂର୍ବତନ ସାଂସଦ ଦେବେନ୍ଦ୍ର ଶତପଥୀଙ୍କ ଜୟନ୍ତୀ, ରାଶି ନକ୍ଷତ୍ର-ଦିବା ଘ.୦୮.୨୫ମି. ଗତେ, କୃତ୍ତିକା/ମେଷ, ମକର ରାଶିର ଘାତବାର, ଷଷ୍ଠୀର ଶ୍ରାଦ୍ଧ, ଦିବା ଘ.୦୮.୦୩ ମି. ଗତେ ଘ.୧୦.୩୦ ମି. ମଧ୍ୟେ, ଘ.୧୨.୫୭ମି. ଗତେ ଘ.୦୨.୩୫ମି. ମଧ୍ୟେ, ଘ.୦୩.୨୪ମି. ଗତେ ଘ.୦୫.୦୨ମି. ମଧ୍ୟେ, ସନ୍ଧ୍ୟା ଘ.୦୫.୫୧ମି. ଗତେ ଘ.୦୬.୩୮ମି. ମଧ୍ୟେ, ରାତ୍ରି ଘ.୦୮.୫୯ମି. ଗତେ ଘ.୧୧.୨୦ମି. ମଧ୍ୟେ, ଘ.୦୧.୪୧ମି. ଗତେ ଘ.୦୩.୨୦ମି. ମଧ୍ୟେ ଅମୃତ ବେଳା। ଅପରାହ୍ଣ ଘ.୦୨.୪୮ମି. ଗତେ ଘ.୦୪.୨୦ମି. ମଧ୍ୟେ ରାହୁକାଳ।


# classifieds Everyday 0674-2580101, 2549302

## real estate

### SALE

ପଟିଆ ଶିବମନ୍ଦିର ପାଖରେ 1200sqft. plot, road, electric ଥାଇ 25,00,000/ରେ କିଣନ୍ତୁ। 7788888879. D-69159

URGENT SALE PLOT BHUBANESWAR: 15000sqft LAND, Rs: 2300/sqft, near Aditya Birla School, XUB. Our plot is opp to Safehome duplex community. Whatsapp/ Call if interested 9437513333. D-18169

The agricultural land of Mouza: Khairbhadi, Ps: Komna, under Khata No. 294. 4Nos. of Plots- 606, 608, 610, 639 having 2acres and 26decimals. I want to sale the said land. Interested parties may contact Ramsingh Majhi, R/o. Kalyanpur, Ps. Jonk, Dist. Nuapada. Mob. 9178009695, 8847865777. D-69807

ତମାଣ୍ଡୋ National Highwayଠାରୁ 600mtrs ଦୂରରେ immediate ଘରକରି ରହିବା ପାଇଁ yellow zone plot ମିଳୁଛି। 8480348215. D-69537

**Fully developed residential gharabari plot at Phulnakhara connected to 200'road side East Engineering College, 500mtrs from Trinath Bazar Market Complex- 9439889903.** D-69144

**Land sale farm house/ industry roadside at Dhenkanal area 60km from Cuttack. 7809525452, 8249851363.** D-69533

**Booking open for 3BHK luxurious & premimum flat at Surya Nagar, Bhubaneswar, genuine buyer Contact: DEEPAK- 9937329999.** D-69907

**Gharabari developed plot with boundary near Phulnakhara (Synergy College), 9439487505.** D-69333

**ଭୁବନେଶ୍ୱର ନିକଟସ୍ଥ ପିତାପଲ୍ଲୀଛକରେ NH16କୁ ଲାଗି 30ft mainroad ଓ 25ft subroad ଥାଇ BDA ଅନ୍ତର୍ଭୁକ୍ତ ସ୍ଥିତିବାନ ପ୍ଲଟ୍ Electricity, ପାଚେରିସହ ମିଳୁଅଛି। 9090963952.** D-69141

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69151

**Bhubaneswar Engineering College (BEC), Backside Govt. ରାସ୍ତାକୁ ଲାଗି ସ୍ଥିତିବାନ ପ୍ଲଟ୍ ମିଳୁଅଛି। 8338932027.** D-69150

**2BHK flat near Tamando Market, Starts @45,15,000/-, 9937166932.** D-69332

### PURCHASE

ଭୁବନେଶ୍ୱରରେ ଘର କରିବା ପାଇଁ ପାଚେରି ହୋଇଥିବା ପ୍ଲଟ୍ ଦରକାର। Land owner Contact: 9439493164. D-69157

**Email ମାଧ୍ୟମରେ କ୍ଲାସିଫାଏଡ୍‌ର ବିଜ୍ଞାପନ ପଠାଇବାର ଠିକଣା:-** classifieddharitri@gmail.com

## healthcare

Open new SPA station 3rd floor, Big Bazar, Nayapalli. 7655024727, 8118079281. D-69536

Newly open full body massage SPA in Bhubaneswar. Contact: 7205058838. D-69741

Relaxing body massage by Lady/ Gents therapists - 7008773793. D-60888

Newly open full body massage by Lady/ Gents therapists - 8018656899. D-60887

Herbal full body massage by smart/ expert therapist. Contact: 8338067247. D-69737

Swarna SPA newly open positively health benefits with expert therapist. 7873794731. D-69736

Get refreshment body massage by expert therapist contact for. 9556978408. D-69738

Newly open spa centre smart therapist body massage, Bamikhal, 7205187702. D-59960

Newly open spa centre smart therapist body massage, Rasulgarh: 7846814019. D-59959

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

As per the affidavit sworn before the Excutive Magistrate, Angul, I Pabitra Kumar Sahu, declare the following for correction in my Army records. That the names and date of births of my dependents are erroneously recorded in my Army records. Hence the correct names and date of births are declared by way of this affidavit for making neccssary correction in my records.
1. Father: Pabana Sahu, D.O.B. 01.01.1954, Instead of 01. 01.1963.
2. Mother: Triphala Sahu, D.O.B. 18.10.1970, Instead of 01.01.1966.
3. Sister: Pinky Sahu, D.O.B. 05.06.1993, Insted of 01.01.1994.
4. Brother: Bichitra Nanda Sahu, Instead of Bichitra Ku. Sahu. D.O.B. 05.04.1999, Instead of 01.01.1992.
D-18170

**Happy Birthday Mana**



**ଡା. ମନୋଜ କୁମାର ଦାଶ**
ଖୋଡ଼ାସିଙ୍ଗି, ବ୍ରହ୍ମପୁର
ଜନ୍ମଦିନର ଅନେକ ଶୁଭ କାମନା। ପ୍ରଭୁ ଶ୍ରୀଜଗନ୍ନାଥ ମୋ ପାପାଙ୍କୁ ସବୁବେଳେ ଖୁସିରେ ରଖନ୍ତୁ।
**-:ଶୁଭେଚ୍ଛା ସହ:-**
ଚନ୍ଦନ, ବାବା, ବୋଉ ଓ ପରିବାରବର୍ଗ।
ଧ-୧୮୧୬୭


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ବେଆଇନ ମଦ ବିକ୍ରି, ୩ ଗିରଫ

ପୁରୀ ଅଫିସ : ବେଆଇନ ମଦ ବିକ୍ରି ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ୩ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଡିପ ଜାଗାର ବିଜୟ ଦଳାଇ, ତିଆଡ଼ି ସାହିର ଗୌରହରି ପାଢ଼ୀ ଓ ଗୌଡ଼ବାଡ ସାହିର ରାଜେଶ କୁମାର ମହାନ୍ତି। ଏମାନଙ୍କ ସହିତ ଅନ୍ୟ ଜଣେ ନାବାଳକ ମଧ ଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୧୪୫/୨୦) ରୁଜୁ ହୋଇଛି। ସୂଚନା ମୁତାବକ, ରବିବାର ସନ୍ଧ୍ୟା ପ୍ରାୟ ୬ଟାରେ ଥାନାର ଏକ ଟିମ୍ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସମୁଦ୍ର କୂଳ ଅଞ୍ଚଳରେ ୪ଜଣ ବେଆଇନ ମଦ ବିକ୍ରି କରୁଥିବା ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଚଢ଼ାଉ କରିଥିଲେ। ୪ ଜଣଙ୍କୁ ଧରିବା ସହ ୧୧୪ ବୋତଲ (୨୭ଲି.୬୪୫ମିଲି) ବିଦେଶୀ ମଦ ଜବତ କରିଥିଲେ।

**ସଂକ୍ଷେପରେ**

## ପର୍ଯ୍ୟଟନ ମନ୍ତ୍ରୀଙ୍କୁ କରୋନା



ଜ୍ୟୋତିପ୍ରକାଶ ପାଣିଗ୍ରାହୀ

ଭୁବନେଶ୍ୱର,୭।୯(ବ୍ୟୁରୋ): ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କରୋନାରେ ସଂକ୍ରମିତ ହୋଇଛନ୍ତି। ରାଜ୍ୟରେ ଚତୁର୍ଥ ମନ୍ତ୍ରୀଭାବେ ପାଣିଗ୍ରାହୀ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏନେଇ ଜ୍ୟୋତିପ୍ରକାଶ ଟୁଇଟ୍ କରି ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଇଚ୍ଛା ଅନୁସାରେ ଏହି ମହାମାରୀରେ ମାର୍ଚ୍ଚ ମଧଭାଗରୁ ନିୟମିତ ଲୋକମାନେ ଯେପରି ନିଜକୁ ଏକା ନ ଭାବିବେ ସେଥିଲାଗି ସେ ଲୋକଙ୍କ ପାଇଁ ସରକାରୀ କାର୍ଯ୍ୟ କରି ଆସୁଥିଲେ। କୌଣସି ଗୋଟିଏ ଦିନ ବି ତାଙ୍କର ଖାଲି ଯାଇନାହିଁ। କିନ୍ତୁ ଶେଷରେ ସେ କୋଭିଡ୍-୧୯ର ଶିକାର ହୋଇଛନ୍ତି। ତେଣୁ ଯେଉଁମାନେ ଗତ ୭ ଦିନ ମଧରେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନେ ନିଜକୁ ସଙ୍ଗରୋଧରେ ରଖିବାକୁ ଜ୍ୟୋତିପ୍ରକାଶ ଅନୁରୋଧ କରିଛନ୍ତି।

## ଦୁଇ ଗୋଷ୍ଠୀ ମଧରେ ସଂଘର୍ଷ, ୯ ଆହତ

ବାଲିପାଟଣା,୭।୯(ଡି.ଏନ୍.ଏ.): ବାଲିପାଟଣା ଥାନା ଅଧୀନ ଜାହାଙ୍ଗିରପାଟଣାରେ ସୋମବାର ଦୁଇ ଗୋଷ୍ଠୀ ମଧରେ ସଂଘର୍ଷ ଘଟିଛି। ଏଥିରେ ଆହତ ୯ଜଣଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ଜାହାଙ୍ଗିରପାଟଣା ଗ୍ରାମର ମଣ୍ଟୁ ବେହେରାଙ୍କଠାରୁ ଗଡ଼ଚାରିପଡ଼ା ଗ୍ରାମର ଜୟୀ ପାତ୍ର ଟଙ୍କା ଧାର ନେଇଥିଲେ। ଦେଢ଼ ବର୍ଷ ବିତି ଯାଇଥିଲେ ମଧ ଜୟୀ ତାଙ୍କୁ ଟଙ୍କା ଫେରାଇ ନ ଥିଲେ। ଏନେଇ ସୋମବାର ଦୁଇଜଣଙ୍କ ମଧରେ ବଚାସା ହୋଇଥିଲା। ପରେ ଏହା ଦୁଇ ଗୋଷ୍ଠୀ ମଧରେ ସଂଘର୍ଷ ହୋଇଥିଲା। ଏଥିରେ ଉଭୟ ପକ୍ଷର ୯ଜଣ ଆହତ ହୋଇଥିଲେ। ଆହତଙ୍କୁ ଚିକିତ୍ସା ପାଇଁ ପ୍ରଥମେ ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ଦୁଇଟି ମାମଲା(ନଂ.୨୬୮/୨୦. ୨୬୯/୨୦)ରୁଜୁକରି ତଦନ୍ତ ଚଳାଇଛି।

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ଖୋର୍ଦ୍ଧା ଅଫିସ,୭।୯: ବିଦ୍ୟୁତ୍ ଆଘାତରେ ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ବଡ଼ବେରଣାର ସିଦ୍ଧାନ୍ତ ସ୍ୱାଇଁ(୨୨)। ସୂଚନା ଅନୁଯାୟୀ, ସିଦ୍ଧାନ୍ତ ପୂର୍ବାହ୍ନରେ ନଳକୂପରୁ ପାଣି ଆଣି ଘରେ ରଖିବା ପରେ ଫ୍ୟାନ ସୁଇଚ ଅନ୍ କରିବା ବେଳେ ସେ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ପ୍ରାୟ ୧ଘଣ୍ଟା ପରେ ପରିବାରଲୋକେ ଦେଖି ତାଙ୍କୁ ସଙ୍ଗେସଙ୍ଗେ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଝାଁଲା,୭।୯(ଡି.ଏନ୍.ଏ.): ଝାଁଲା ଫାଣ୍ଡି ପୋଲିସ ସୋମବାର ମଦନପୁର ପଞ୍ଚାୟତ ଦେଉଳିଆପାଟଣା ଗ୍ରାମରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସେ ହେଲେ ଏହି ଗ୍ରାମର ଲିଙ୍ଗରାଜ ଜୟସିଂ(୨୫)। ସୂଚନା ଅନୁଯାୟୀ, ରବିବାର ରାତିରେ କୌଣସି କାରଣକୁ ଲିଙ୍ଗରାଜଙ୍କ ଘରେ ପାଟିତୁଣ୍ଡ ହୋଇଥିଲା। ସୋମବାର ସକାଳୁ ତାଙ୍କ ମୃତଦେହ ଘରେ ଝୁଲୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରାଇ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୮/୨୦)ରୁଜୁକରି ତଦନ୍ତ ଚଳାଇଛି।

# ରାଜଧାନୀରେ ବ୍ୟାଙ୍କ୍ ଲୁଟ୍

ଭୁବନେଶ୍ୱର,୭।୯ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରେ ୪ବର୍ଷ ପରେ ପୁଣି ଏକ ବ୍ୟାଙ୍କ୍ ଲୁଟ୍ ହୋଇଛି। ଜଣେ ଲୁଟେରା କର୍ମଚାରୀଙ୍କ ମୁଣ୍ଡରେ ଖେଳଣା ବନ୍ଧୁକ ଲଗାଇ ୨ଲକ୍ଷ ୮୦ହଜାର ଟଙ୍କା ଲୁଟି ନେଇଛନ୍ତି। ଇନ୍‌ଫୋସିଟି ଥାନା ଅନ୍ତର୍ଗତ ନନ୍ଦନବିହାରସ୍ଥିତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ୍‌ରେ ସୋମବାର ଅପରାହ୍ନରେ ଏହି ଘଟଣା ଘଟିଛି। ଖବରପାଇ ଇନ୍‌ଫୋସିଟି ଥାନା ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବ୍ୟାଙ୍କରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ କର୍ମଚାରୀଙ୍କ ବୟାନ ରେକର୍ଡ କରିଛନ୍ତି। ବ୍ୟାଙ୍କ୍ ପରିଚାଳକ ଏନେଇ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।





ସିସିଟିଭିରେ ଲୁଟ୍ ସମୟର ଦୃଶ୍ୟ।

■ କର୍ମଚାରୀଙ୍କ ମୁଣ୍ଡରେ ଖେଳନା ବନ୍ଧୁକ ଲଗାଇ ଲୁଟିନେଲେ ୨.୮୦ଲକ୍ଷ
■ ବ୍ୟାଙ୍କ୍‌ରେ ନ ଥିଲେ କୌଣସି ସୁରକ୍ଷାକର୍ମୀ

ମିଳିଥିବା ସୂଚନା ଅନୁଯାୟୀ, କରୋନା ପାଇଁ କମ୍ ସଂଖ୍ୟକ କର୍ମଚାରୀଙ୍କୁ ନେଇ ବ୍ୟାଙ୍କ୍ କାର୍ଯ୍ୟ କରୁଛି। ଫଳରେ ଲୁଟେରାମାନେ ଏବେ ବ୍ୟାଙ୍କ୍‌କୁ ଟାର୍ଗେଟ କରିଛନ୍ତି। ସୋମବାର ମଧ ନନ୍ଦନବିହାରସ୍ଥିତ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ୍‌ରେ ୩ଜଣ କର୍ମଚାରୀ ରହିଥିବାବେଳେ ଦୁଇଜଣ ମହିଳା ଓ ଜଣେ ପୁରୁଷ ଥିଲେ। ପୁଣି ୨ ମହିଳାଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଦିବ୍ୟାଙ୍ଗ। ଏଥିସହ ବ୍ୟାଙ୍କ୍‌ରେ ମଧ କୌଣସି ସୁରକ୍ଷା କର୍ମୀ ନ ଥିଲେ। ଅପରାହ୍ନ ପ୍ରାୟ ୩ଟା ୩୦ରେ ଜଣେ ଲୁଟେରା ଏକ ସ୍କୁଟିରେ ଆସି ବ୍ୟାଙ୍କ୍ ନିକଟରେ ପହଞ୍ଚିଥିଲେ। ବ୍ୟାଙ୍କ୍ ଆଗରେ ସ୍କୁଟି ରଖିବା ପରେ ସିଧା ଭିତରକୁ ପଶିଥିଲେ। ସେତେବେଳେ ବ୍ୟାଙ୍କ୍‌ରେ କୌଣସି ଗ୍ରାହକ ନ ଥିଲେ। କର୍ମଚାରୀମାନେ କେହିକିଛି ବୁଝିବା ପୂର୍ବରୁ ହଠାତ୍ ଲୁଟେରା ଜଣକ ଅଣ୍ଟାରୁ ବନ୍ଧୁକ ବାହାର କରି ପ୍ରଥମେ ଜଣେ ପୁରୁଷ କର୍ମଚାରୀଙ୍କ ମୁଣ୍ଡରେ ଲଗାଇ ବ୍ୟାଙ୍କ୍‌ରେ ଥିବା ସବୁ ଟଙ୍କା ଦେଇଦେବାକୁ କହିଥିଲେ। ଟଙ୍କା ନ ଦେଲେ ଗୁଳି କରି ମାରିଦେବାକୁ ଧମକ ଦେଇଥିଲେ। ଭୟରେ ୨ଜଣ ମହିଳା କର୍ମଚାରୀ ବ୍ୟାଙ୍କ୍‌ରେ ଥିବା ୨ଲକ୍ଷ ୮୦ ହଜାର ଟଙ୍କା ବ୍ୟାଗ୍‌ରେ ପୂରାଇ ଲୁଟେରାଙ୍କୁ ଧରାଇ ଦେଇଥିଲେ। ଟଙ୍କା ବ୍ୟାଗ୍ ପାଇବା ପରେ ଲୁଟେରା ଜଣକ ଆଖି ପିଛୁଳାକେ ସ୍କୁଟିରେ ଚମ୍ପଟ ମାରିଥିଲେ। କର୍ମଚାରୀଙ୍କଠାରୁ ଖବରପାଇ ବ୍ୟାଙ୍କ୍‌ର ବରିଷ୍ଠ ଅଧିକାରୀ ପହଞ୍ଚିଥିଲେ। ଏଥିସହ ପୋଲିସ ପହଞ୍ଚି ସିସିଟିଭି ଫୁଟେଜ ଜବତ କରିବା ସହ ସମ୍ପୃକ୍ତ ଲୁଟେରାଙ୍କୁ ଚିହ୍ନଟ ପାଇଁ ଉଦ୍ୟମ ଚଳାଇଛି। ତେବେ ଲୁଟେରା ଜଣକ ବ୍ୟବହାର କରୁଥିବା ବନ୍ଧୁକ ଖେଳଣା ବୋଲି ଥାନାଧିକାରୀ ବିଶ୍ୱଜିତ୍ ମହାନ୍ତି କହିଛନ୍ତି। ସୂଚନାଯୋଗ୍ୟ,୨୦୧୬ ସେପ୍ଟେମ୍ବର ୨୮ରେ କ୍ୟାପିଟାଲ ଥାନା ଅନ୍ତର୍ଗତ ବାପୁଜୀ ନଗର ୟୁକୋ ବ୍ୟାଙ୍କ୍‌ରୁ ୧୩ ଲକ୍ଷ ଟଙ୍କା ଏବଂ ୭୦ ପ୍ୟାକେଟ ସୁନା ଗହଣା ଲୁଟେରାମାନେ ଲୁଟି ନେଇଥିଲେ। ଏହି ମାମଲାରେ ପୋଲିସ ଦୀର୍ଘଦିନ ପରେ ବାହାର ରାଜ୍ୟରୁ ୪ଜଣଙ୍କୁ ଗିରଫ କରିଥିଲେ ମଧ ସେମାନଙ୍କ ନିକଟରୁ କୌଣସି ଲୁଟ ସାମଗ୍ରୀ ଜବତ କରିପାରି ନ ଥିଲା। ଏହା ପରଠୁ ରାଜଧାନୀରେ ଏକାଧିକ ବଡ଼ ଲୁଟ୍ ଘଟଣା ଘଟିଥିଲେ ମଧ କୌଣସି ବ୍ୟାଙ୍କ୍ ଲୁଟ୍ ହୋଇ ନ ଥିଲା। ତେବେ ଏବେର ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ୍ ଲୁଟ୍ ଘଟଣାକୁ ନେଇ କମିଶନରେଟ ପୋଲିସର କାର୍ଯ୍ୟଧାରା ଉପରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବିସ୍ମିତ, ବିଦ୍ୟାଶ୍ରୀଙ୍କ ନାମରେ ମାମଲା

**ଆଦିତ୍ୟ ଦାଶ ମୃତ୍ୟୁ ଘଟଣା**

ଖଇରା, ୭।୯(ଡି.ଏନ.ଏ.)

ମାନବପ୍ରେମୀ ଆଦିତ୍ୟ ଦାଶ ମୃତ୍ୟୁ ଘଟଣା ଦିନକୁ ଦିନକୁ ଦିନ ନୂଆମୋଡ ନେବାରେ ଲାଗିଛି। ଆଦିତ୍ୟଙ୍କ ସହ ସମ୍ପର୍କ ଥିବା ଖଇରା ଅଞ୍ଚଳର ଝିଅ ଚିନ୍ମୟୀ ମହାପାତ୍ର (୨୨)ଙ୍କୁ ସାଇକୋ ଲେଡିର ଆଖ୍ୟା ଦେଇ ବଦନାମ କରାଯାଇଥିବା ନେଇ ଖଇରା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ୫ତାରିଖରେ ଆଦିତ୍ୟଙ୍କ ବନ୍ଧୁ ବିସ୍ମିତ ଦାସ, ପତ୍ନୀ ବିଦ୍ୟାଶ୍ରୀ ଓ ଅନ୍ୟ କେତେଜଣ ସହଯୋଗୀଙ୍କ ନାମରେ ଏକ ମାମଲା(ନଂ.୧୮୪/୨୦) ରୁଜୁ କରିଛି।

ଚିନ୍ମୟୀଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଖନ୍ତାପଡା ଥାନା ମହାରାଜପୁର ଗ୍ରାମର ବିସ୍ମିତ ଆଦିତ୍ୟଙ୍କ ମୃତ୍ୟୁ ସହ ଚିନ୍ମୟୀ ମହାପାତ୍ରଙ୍କୁ ଯୋଡି ତାଙ୍କୁ ଓ ତାଙ୍କ ପରିବାରକୁ ବଦ୍‌ନାମ କରିବାକୁ ଉଦ୍ୟମ କରୁଛନ୍ତି। ଏଥରେ ତାଙ୍କୁ ସାଇକୋ ଲେଡି, ବ୍ଲାକମେଲର ଭାବେ ବାରମ୍ବାର ଆଖ୍ୟା ଦିଆଯିବା ତାଙ୍କୁ ମାନସିକ ନିର୍ଯାତନା ଦିଆଯାଇଛି। ଏଥିସହ ବିସ୍ମିତ ତାଙ୍କୁ ଅନେକ ସମୟରେ ନିଜକୁ କ୍ରାଇମବ୍ରାଞ୍ଚ ଅଧିକାରୀ ଭାବେ ପରିଚୟ ଦେଇ ଫୋନ କରିବା ତଥା ହ୍ୱାଟ୍ସଆପରେ ମେସେଜ ଦେଇ ତାଙ୍କୁ ନିଜ ଅଧୀନରେ ରଖିବାକୁ ଏବଂ ତାଙ୍କ ସଙ୍ଗଠନରେ କାର୍ଯ୍ୟ କରିବାକୁ ଚାପ ପ୍ରୟୋଗ କରୁଥିଲେ। ଏଭଳି କି ତାଙ୍କୁ ମାରିଦେବାକୁ ମଧ ଫୋନରେ ଧମକ ଦେଇଛନ୍ତି ବୋଲି ଚିନ୍ମୟୀ ଏତଲାରେ ଦର୍ଶାଇଛନ୍ତି। କିଛି ନ୍ୟୁଜ ଚ୍ୟାନେଲ ମଧ ତାଙ୍କ ନାମରେ ମିଥ୍ୟା ଖବର ପ୍ରସାରଣ କରିବା ସହ ତାଙ୍କର ଓ ଆଦିତ୍ୟଙ୍କର କିଛି ଅସ୍ପଷ୍ଟ ଫଟୋ ଦେଖାଇ ତାଙ୍କୁ ବଦନାମ କରିଥିବା ନେଇ ସେ ଉଲ୍ଲେଖ କରିଛନ୍ତି। ଆଇପିସି ଧାରା ୫୦୦, ୫୦୬, ୧୯୯, ୨୦୩ ଓ ୩୪ରେ ଏହି ମାମଲା ରୁଜୁ କରାଯାଇଛି। ଉଲ୍ଲେଖଥାଉ କି, ଆଦିତ୍ୟ ଦାଶଙ୍କ ମୃତ୍ୟୁ ଆତ୍ମହତ୍ୟା କି ହତ୍ୟା ଏ ପର୍ଯ୍ୟନ୍ତ ରହସ୍ୟ ହୋଇ ରହିଥିବା ବେଳେ ତାଙ୍କର ବିଭିନ୍ନ ବ୍ୟକ୍ତିବିଶେଷଙ୍କ ସହ ସମ୍ପର୍କକୁ ନେଇ ଦୈନିକ ନୂଆ ନୂଆ ଘଟଣା ସାମନାକୁ ଆସୁଛି। ଏହି ଏହି ଘଟଣାର ତଦନ୍ତ ଭାର ଏବେ କ୍ରାଇମବ୍ରାଞ୍ଚ ହାତରେ ଅଛି।



ଚିନ୍ମୟୀଙ୍କୁ ସାଇକୋ ଲେଡି କହିବା ମହଙ୍ଗା ପଡ଼ିଲା

## ୧୨ ପଇସା କମିଲା ଡିଜେଲ

ଭୁବନେଶ୍ୱର,୭।୯

ସୋମବାର ଭୁବନେଶ୍ୱରରେ ଡିଜେଲ ଦର ୧୨ ପଇସା କମିଛି। ଏଠାରେ ଡିଜେଲ ଦର ଲିଟର ପିଛା ୧୨ ପଇସା ହ୍ରାସ ପାଇ ୭୯.୬୦ ଟଙ୍କା ସ୍ତରରେ ରହିଛି। ଏଠାରେ ପେଟ୍ରୋଲ ଦର ଅପରିବର୍ତ୍ତିତ ୮୨.୬୪ ଟଙ୍କା ଥିବା ଜଣାପଡିଛି। ଦେଶର ମେଟ୍ରୋ ସହରଗୁଡ଼ିକରେ ଡିଜେଲ ଦର ୧୦ରୁ ୧୨ ପଇସା ହ୍ରାସ ହୋଇଛି। ନୂଆଦିଲ୍ଲୀରେ ସୋମବାର ଡିଜେଲ ଦର ୧୧ ପଇସା ନିମ୍ନରେ ରହି ୭୩.୧୬ ଟଙ୍କା ରହିଛି। ସେହିଭଳି ଚେନ୍ନାଇରେ ଡିଜେଲ ୧୦ ପଇସା କମି ୭୮.୪୮ ଟଙ୍କା, କୋଲକାତାରେ ୧୧ ପଇସା ନିମ୍ନରେ ରହି ୭୬.୬୬ ଟଙ୍କା ଏବଂ ମୁମ୍ବାଇରେ ୧୨ ପଇସା ହ୍ରାସ ପାଇ ୭୯.୬୯ ଟଙ୍କା ରହିଛି। ଏହି ସହରଗୁଡ଼ିକରେ ପେଟ୍ରୋଲ ଦର ଯଥାକ୍ରମେ ୮୨.୦୮ ଟଙ୍କା, ୮୫.୦୪ ଟଙ୍କା, ୮୩.୫୭ ଟଙ୍କା ଏବଂ ୮୮.୭୩ ଟଙ୍କା ରହିଛି। ସୂଚନାଯୋଗ୍ୟ ଭୁବନେଶ୍ୱରରେ ପେଟ୍ରୋଲ ଏବଂ ଡିଜେଲ ଦର ନୂଆଦିଲ୍ଲୀଠାରୁ ଊର୍ଦ୍ଧ୍ୱରେ ରହିଛି। ଗତ ଶନିବାର ଭୁବନେଶ୍ୱରରେ ଡିଜେଲ ଦର ୧୪ ପଇସା ହ୍ରାସ ହୋଇଥିଲା।

**ସଂକ୍ରମଣ ବଢ଼ାଉଛି ରେଳ ଷ୍ଟେଶନ**





ରାଜ୍ୟରେ କରୋନା ସଂକ୍ରମଣ ହୁହୁ ହୋଇ ବଢ଼ୁଥିବାବେଳେ ଭୁବନେଶ୍ୱର ରେଳ ଷ୍ଟେଶନ ବାହାରେ ଓ ବିଶ୍ରାମସ୍ଥଳରେ ଯାତ୍ରୀମାନେ କୋଭିଡ୍ ନିୟମକୁ ମାନୁ ନାହାନ୍ତି।

## ଆଉ ଜଣେ ନିର୍ଦ୍ଦେଶକଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

**କ୍ୟୁ ନେଟ୍ ଠକେଇ ମାମଲା**

ଭୁବନେଶ୍ୱର,୭।୯(ବ୍ୟୁରୋ)

ବହୁ କୋଟି ଟଙ୍କାର କ୍ୟୁ ନେଟ୍ ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ଅନ୍ୟତମ ନିର୍ଦ୍ଦେଶକଙ୍କୁ ଗିରଫ କରିଛି। ସେ ହେଲେ ପଟିଆ ମାରୁତି ଭିଲାର ଏମ୍‌ଆଇଜି-୧୦ରେ ରହୁଥିବା ପ୍ରଶାନ୍ତ କୁମାର ମହାନ୍ତି(୩୭)। ତାଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ଦଫା ୪୦୬, ୪୨୦, ୪୬୭, ୪୬୮, ୪୭୧, ୧୨୦-ବି' ରେ ମାମଲା ନଂ-୧୭/୨୦ ରୁଜୁ କରି କଟକ ଓପିଆଇଡି କୋର୍ଟକୁ ଚାଲାଣ କରିଛି। ସୂଚନା ଅନୁଯାୟୀ, ମଲ୍ଟି ଲେଭଲର କ୍ୟୁ ନେଟ୍ କମ୍ପାନୀ ହଂକଂରେ ପଞ୍ଜୀକୃତ ହୋଇ ପ୍ରଥମେ କାର୍ଯ୍ୟ ଆରମ୍ଭ କରିଥିଲା। ଏହାପରେ ଭାରତକୁ ବିହାନ ଡାଇରେକ୍ଟ ସେଲିଂ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ନାମ ସଂସ୍ଥା ଉକ୍ତ କମ୍ପାନୀକୁ ଫ୍ରାଞ୍ଚାଇଜ୍ ଭାବେ ଆଣିଥିଲା। ଓଡ଼ିଶାରେ ଉକ୍ତ କମ୍ପାନୀର ଉଚ୍ଚପଦପଦବୀରେ ରହି କାର୍ଯ୍ୟ କରୁଥିବା ଚନ୍ଦନ କୁମାର ମହାଲିକ, ଶରତ ପରିଡା, ଦେବବ୍ରତ ହରିଚନ୍ଦନ, ପ୍ରଶାନ୍ତ କୁମାର ମହାନ୍ତି ଏବଂ ଅନ୍ୟମାନେ ବେଆଇନ ଭାବେ ଲୋକଙ୍କଠାରୁ ଟଙ୍କା ଆଦାୟ କରୁଥିଲେ। ଲୋଭନୀୟ ସ୍କିମ୍ ଜରିଆରେ ଲୋକଙ୍କୁ ବିଭିନ୍ନ ସାମଗ୍ରୀ ଦେବା ସହ ଚେନ୍ ସିଷ୍ଟମ କରି ଲୋକଙ୍କଠାରୁ ଟଙ୍କା ଲୁଟୁଥିଲେ। ଲୋଭରେ ପଡ଼ି ଟଙ୍କା ଜମା କରିଥିବା ଲୋକେ ପରବର୍ତ୍ତୀ ସମୟରେ ଚୁକ୍ତି ଅନୁସାରେ କିଛି ବି ପାଇ ନ ଥିଲେ। ଏ ନେଇ ୧.୨ କୋଟି ଜମା କରି ଠକେଇର ଶିକାର ହୋଇଥିବା ୩୧ଜଣ ବ୍ୟକ୍ତି ୨୦୧୭ରେ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏହି ସଂସ୍ଥା ଭାରତରୁ ୫ ହଜାର କୋଟି ଟଙ୍କା ଠକେଇ କରିଥିବା ଜଣାପଡିଥିଲା। ୨୦୧୯ ଅକ୍ଟୋବର ୧ରେ କମ୍ପାନୀର ନିର୍ଦ୍ଦେଶକ ଓ ଅନ୍ୟ ପଦପଦବୀରେ ଥିବା ଶରତ ପରିଡା, ଦେବବ୍ରତ ହରିଚନ୍ଦନ, ଚନ୍ଦନ କୁମାର ମହାଲିକ ଗିରଫ ହୋଇଥିଲେ। ହେଲେ ପ୍ରଶାନ୍ତ କୁମାର ମହାନ୍ତି ଫେରାର ଥିଲେ।

## ସିଂହଦ୍ୱାର ନିଷିଦ୍ଧାଞ୍ଚଳରେ ଶ୍ରାଦ୍ଧ ପାଇଁ ବ୍ୟବସ୍ଥା ହେଉ

ପୁରୀ ଅଫିସ,୭।୯

ସନାତନ ଧର୍ମର ସର୍ବୋତ୍କୃଷ୍ଟ ଧାର୍ମିକ ବ୍ୟବସ୍ଥା ହେଉଛି ପିତୃପକ୍ଷ। ଏହା ଆଶ୍ୱିନ ପ୍ରତିପଦାଠାରୁ ଆରମ୍ଭ ହୋଇ ମହାଳୟା ଅମାବାସ୍ୟା ତିଥିରେ ସମ୍ପୂର୍ଣ୍ଣ ହୋଇଥାଏ। ବର୍ତ୍ତମାନ ପିତୃପକ୍ଷ ଚାଲିଛି। ଏହି ସମୟରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ଓ ପିଣ୍ଡଦାନ କରିବାର ବିଧି ରହିଛି। ଶ୍ରାଦ୍ଧ ଦେବାଳୟରେ କରାଯିବାର ବିଧି ଥିବାରୁ ପ୍ରାୟ ସମସ୍ତେ ଶ୍ରୀମନ୍ଦିର ବାଇଶିପାହାଚରେ ଶ୍ରାଦ୍ଧ କରିବା ପାଇଁ ମନସ୍ଥ କରିଥାନ୍ତି। ମାତ୍ର ବର୍ତ୍ତମାନ କରୋନା ପାଇଁ ଭକ୍ତଙ୍କୁ ଶ୍ରୀମନ୍ଦିର ଭିତରକୁ ବାରଣ କରାଯାଇଛି। ଫଳରେ ବାଇଶିପାହାଚରେ ଶ୍ରାଦ୍ଧ କର୍ମ କରାଯାଇପାରୁ ନାହିଁ। ତେଣୁ ପ୍ରଶାସନ ସିଂହଦ୍ୱାର ନିଷିଦ୍ଧାଞ୍ଚଳରେ କୌଣସି ଏକ ସ୍ଥାନରେ ଛାମୁଣ୍ଡିଆ ମାରି ଶ୍ରାଦ୍ଧ ପାଇଁ ବ୍ୟବସ୍ଥା କରିବା ଦରକାର ବୋଲି ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଉପଦେଷ୍ଟା ଦୁର୍ଗାପ୍ରସାଦ ମହାପାତ୍ର ଓ ଆବାହକ ସୂର୍ଯ୍ୟନାରାୟଣ ରଥ ଦାବି କରିଛନ୍ତି।

# ପେଣ୍ଠକଟାରେ ହେବ ମତ୍ସ୍ୟ ଅବତରଣ କେନ୍ଦ୍ର

ପୁରୀ ଅଫିସ, ୭।୯

ପୁରୀ ସମୁଦ୍ର ଉପରେ ନିର୍ଭର କରି ଚଳୁଥିବା ମତ୍ସ୍ୟଜୀବୀଙ୍କ ଜୀବନ ଜୀବିକାକୁ ସଜଡ଼ା ଯିବ। ସେମାନଙ୍କ ପାଇଁ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ହେବ। ସେମାନେ କିପରି ଭଲଭାବେ ସେମାନଙ୍କ ମାଛ ବିକ୍ରି କରିବେ ସେ ନେଇ ଭିତ୍ତିଭୂମି ତିଆରି କରାଯିବ। ରାଜ୍ୟ ସରକାରଙ୍କ ମତ୍ସ୍ୟ ବିଭାଗ ନିର୍ଦ୍ଦେଶକ ସ୍ମୃତିରଞ୍ଜନ ପ୍ରଧାନ ରବିବାର ପୁରୀ ଗସ୍ତରେ ଆସି ଏ ସବୁର ଅନୁଧ୍ୟାନ କରିଛନ୍ତି। ନିର୍ଦ୍ଦେଶକ ପ୍ରଧାନ, ଅତିରିକ୍ତ ନିର୍ଦ୍ଦେଶକ ଦେବାନନ୍ଦ ଭଞ୍ଜ, ପୁରୀ ଜିଲାପାଳ ବଲଓ୍ୱନ୍ତ ସିଂ, ଜିଲା ମତ୍ସ୍ୟ ଅଧିକାରୀ ଦେବେନ୍ଦ୍ର ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ ବାଲିନୋଳିଆ ସାହି ଓ ପେଣ୍ଠକଟା ବେଳାଭୂମି ଅଞ୍ଚଳ ପରିଦର୍ଶନ କରିଥିଲେ। ଏହି ଅବସରରେ ମତ୍ସ୍ୟଜୀବୀ ସମ୍ପ୍ରଦାୟର ନେତାଙ୍କ ସହ ସେମାନେ ଆଲୋଚନା କରିଥିଲେ। ମତ୍ସ୍ୟଜୀବୀଙ୍କ ପାଇଁ ବିଭିନ୍ନ କଲ୍ୟାଣମୂଳକ ଯୋଜନା ଏବଂ ଭିତ୍ତିଭୂମି ଉପରେ ଏହି ଆଲୋଚନା ହୋଇଥିଲା।

ସମୁଦ୍ରରୁ ମାଛ ମାରି ଫେରୁଥିବା ମତ୍ସ୍ୟଜୀବୀମାନେ ଡଙ୍ଗାକୁ ଏଠିସେଠି ରଖୁଛନ୍ତି। ଫଳରେ ବେଳାଭୂମିର ସୌନ୍ଦର୍ଯ୍ୟ ନଷ୍ଟ ହେଉଛି। ତେଣୁ ଦିଗବାରିଣୀଠାରୁ ଲାଇଟ୍ ହାଉସ୍ ମଧରେ ଏଣିକି କୌଣସି ଡଙ୍ଗା ରଖାଯିବ ନାହିଁ। ଲାଇଟ୍ ହାଉସ୍ ସମ୍ମୁଖରେ ମତ୍ସ୍ୟଜୀବୀଙ୍କ ପାଇଁ ସେଫ୍ ବୋଟ୍ ପାର୍କିଂ (ଏସ୍‌ବିପି) କରାଯିବ। ଏହି ଗୋଟିଏ ଜାଗାରେ ସେମାନେ ଡଙ୍ଗା ରଖିବେ। ସେହିପରି ପେଣ୍ଠକଟାରେ ହଜାର ହଜାର ମତ୍ସ୍ୟଜୀବୀ ରହିଥିବାରୁ ଗଙ୍ଗାମାତା ନିକଟରେ ମତ୍ସ୍ୟ ଅବତରଣ କେନ୍ଦ୍ର ବା ଫିସ୍ ଲ୍ୟାଣ୍ଡିଂ ସେଣ୍ଟର (ଏଫ୍‌ଏଲସି) ନିର୍ମାଣ କରାଯିବାକୁ ଯୋଜନା କରାଯାଇଛି। ସେଠାରେ ଥିବା ସରକାରୀ ଜାଗାକୁ ଅନୁଧ୍ୟାନ କରିଛନ୍ତି ନିର୍ଦ୍ଦେଶକ। ଏଫ୍‌ଏଲସି ନିର୍ମାଣ କରାଗଲେ ସେଠାରୁ ମତ୍ସ୍ୟଜୀବୀମାନେ ସମୁଦ୍ରକୁ ମାଛ ମାରିବାକୁ ଯିବେ ଏବଂ ମାଛ ଆଣି ସେହିଠାରେ ବିକ୍ରି କରିପାରିବେ। ତେବେ ଏସବୁର ବୈଷୟିକ ଦିଗ ପ୍ରତି ଅନୁଧ୍ୟାନ କରାଯିବା ପରେ ଏହାର ଭିତ୍ତିଭୂମି ବିକାଶ କରାଯିବ ବୋଲି ଆଲୋଚନା ହୋଇଛି। ସେହିପରି ବେଳାଭୂମିକୁ ସ୍ୱଚ୍ଛ ଏବଂ ସୁନ୍ଦର ରଖିବା ଲାଗି ପ୍ରତ୍ୟେକ ମତ୍ସ୍ୟଜୀବୀ ଯତ୍ନବାନ ହେବେ। ଏହାଦ୍ୱାରା ପର୍ଯ୍ୟଟକମାନେ ଅଧିକ ଆକୃଷ୍ଟ ହେବେ ବୋଲି ମତ୍ସ୍ୟଜୀବୀ ନେତାଙ୍କୁ ପରାମର୍ଶ ଦିଆଯାଇଥିଲା।

■ ଲାଇଟ୍ ହାଉସ୍ ସମ୍ମୁଖରେ ସେଫ୍ ବୋଟ୍ ପାର୍କିଂ
■ ଅତ୍ୟାଧୁନିକ ମାଛ ମାର୍କେଟ ଜାଗା ବୁଲିଲେ ମତ୍ସ୍ୟ ନିର୍ଦ୍ଦେଶକ

ଏହାପରେ ନିର୍ଦ୍ଦେଶକ ଏବଂ ଅଧିକାରୀମାନେ ତାଳବଣିଆଠାରେ ଅତ୍ୟାଧୁନିକ ମାଛ ମାର୍କେଟ ପାଇଁ ଚିହ୍ନଟ ହୋଇଥିବା ଜାଗାକୁ ଯାଇଥିଲେ। ଏହି ମାର୍କେଟ କିପରି ଏବଂ କେବେଠାରୁ ନିର୍ମାଣ ଆରମ୍ଭ କରାଯିବ ତାହା ଉପରେ ଆଲୋଚନା କରିଥିଲେ। ସୂଚନାଥାଉ କି, ମତ୍ସ୍ୟ ବିଭାଗ ଭିତ୍ତିଭୂମି ପାଣ୍ଠିରୁ ପୁରୀରେ ଏକ ସ୍ୱାସ୍ଥ୍ୟକର ଅତ୍ୟାଧୁନିକ ମାଛ ମାର୍କେଟ ନିର୍ମାଣ କରାଯିବ। ଏହାର ପ୍ରାକ୍ ଆକଳନ ୬ କୋଟି ଟଙ୍କା ରହିଥିବାବେଳେ ଏଥିଲାଗି ତାଳବଣିଆରେ ୨.୫ ଏକର ଜମି ଚିହ୍ନଟ ସରିଛି। ଏଠାରେ ପ୍ରଥମେ ୧୦୦ରୁ ଊର୍ଦ୍ଧ୍ୱ ମାଛ ବିକାଳୀଙ୍କୁ ମାଛ, କଙ୍କଡ଼ା ବିକିବାକୁ ସୁଯୋଗ ଦିଆଯିବ। ଚାହିଦାକୁ ଦେଖି ପରବର୍ତ୍ତୀ ସମୟରେ ଏହାକୁ ୨/୩ ମହଲା ବିଶିଷ୍ଟ କରାଯିବା ଯୋଜନା ରହିଛି। ଗୋଟିଏ ଛାତ ତଳେ ସବୁ ପ୍ରକାର ମାଛ, କଙ୍କଡ଼ା ଏପରି କି ଜୀଅନ୍ତା ମାଛ ବି ପାଇପାରିବେ ଗ୍ରାହକ। ସବୁଠୁ ବଡ଼ କଥା ହେଉଛି ସ୍ୱାସ୍ଥ୍ୟକର ପରିବେଶକୁ ଅଧିକ ଗୁରୁତ୍ୱ ଦେଉଛି ବିଭାଗ।

## ଆମ୍ବୁଲାନ୍ସ ମିଳିବାରେ ବିଳମ୍ବରୁ ଶିଶୁ ମୃତ

ବ୍ରହ୍ମଗିରି,୭।୯(ଡି.ଏନ୍.ଏ.): ଠିକ ସମୟରେ ଆମ୍ବୁଲାନ୍ସ ନ ମିଳିବାରୁ ସୋମବାର ଜଣେ ଶିଶୁଙ୍କ ଜୀବନ ଚାଲିଯାଇଛି। ଏହି ଘଟଣା ପୁରୀ ଜିଲା ବ୍ରହ୍ମଗିରି ବ୍ଲକର ବିଜିପୁର ଗ୍ରାମରେ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଏହି ଗ୍ରାମର ରାଜେନ୍ଦ୍ର ପ୍ରଧାନଙ୍କ ପୁଅ ଦୀପକ(୨) କିଛିଦିନ ତଳେ ଶ୍ୱାସରୋଗରେ ଆକ୍ରାନ୍ତ ହୋଇଥିଲେ। ସୋମବାର ସକାଳୁ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରିବାରଲୋକେ ଚିକିତ୍ସା ନିମନ୍ତେ ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଦେଖି କର୍ତ୍ତବ୍ୟରତ ଡାକ୍ତର ତାଙ୍କୁ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ନେବା ପାଇଁ କହିଥିଲେ। ଏ ନେଇ ରାଜେନ୍ଦ୍ର ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ରାଜେନ୍ଦ୍ରଙ୍କ କହିବା ଅନୁଯାୟୀ, ୧୦୮ ଆମ୍ବୁଲାନ୍ସ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ସମୟରେ କଲ ସେଣ୍ଟରୁ ଆମ୍ବୁଲାନ୍ସ ସାତପଡ଼ା ଯାଇଛି ବୋଲି ଉତ୍ତର ମିଳିଥିଲା। ଏହି କଥା ରାଜେନ୍ଦ୍ର ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଆମ୍ବୁଲାନ୍ସ ଥିବା କହିବାରୁ ଡ୍ରାଇଭରକୁ ଫୋନ ଦିଅ ବୋଲି ଉତ୍ତର ମିଳିଥିଲା। ଏ ନେଇ ରାଜେନ୍ଦ୍ର ପ୍ରାୟ ୧୫ ମିନିଟ କାଳ ଖୋଜିବାରେ ଡ୍ରାଇଭରକୁ ପାଇଲେ। ଶିଶୁକୁ ଆମ୍ବୁଲାନ୍ସରେ ପୁରୀ ମୁଖ୍ୟ ଚିକିତ୍ସାଳୟକୁ ନେବାରେ ବିଳମ୍ବ ହୋଇଥିଲା। ହେଲେ ପୁରୀ ଚିକିତ୍ସାଳୟରେ ପହଞ୍ଚିବା ବେଳକୁ ଶିଶୁଟିର ମୃତ୍ୟୁ ହୋଇଯାଇଥିଲା ବୋଲି ରାଜେନ୍ଦ୍ର କହିଛନ୍ତି।

## ନଦୀରୁ ମହିଳାଙ୍କ ମୃତଦେହ ଉଦ୍ଧାର

ନିମାପଡ଼ା,୭।୯(ଡି.ଏନ୍.ଏ.): ଧନୁଆଁ ନଦୀର ଏକ ଘାସ ବୁଦାରୁ ଜଣେ ମହିଳାଙ୍କ ମୃତଦେହ ନିମାପଡ଼ା ପୋଲିସ ସୋମବାର ଉଦ୍ଧାର କରିଛି। ମୃତ ମହିଳାଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ବୟସ ୫୦ରୁ ୫୫ ମଧରେ ହେବ ବୋଲି ପୋଲିସ ଅନୁମାନ କରୁଛି। ସୋମବାର ଅପରାହ୍ନରେ ଧନୁଆଁ ପଞ୍ଚାୟତର ଶୁନୁଗୋରଡ଼ି ଡିହସାହି ଗ୍ରାମ ନଦୀ ତୁଠରେ ଲୋକମାନେ ମାଛ ଧରୁଥିଲେ। ଏହି ସମୟରେ ନଦୀ ଭିତରେ ଥିବା ଏକ ଘାସ ବୁଦା ନିକଟରେ ଏକ ମୃତଦେହ ଭାସୁଥିବା ଦେଖି ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

> ଆମ ମନ ଆଉ ପ୍ରାଣ ସବୁବେଳେ ପ୍ରଶଂସା ଶୁଣିବାକୁ ବ୍ୟାକୁଳ ହୁଏ। ସେଥିପାଇଁ ଆମେ ସମାଲୋଚନା ସହିପାରୁନା ଏବଂ କାହା ଦ୍ୱାରା ନଗଣ୍ୟ ଓ ଉପେକ୍ଷିତ ହେବାକୁ ଚାହୁଁ ନାହିଁ। କିନ୍ତୁ ଆମେ ଯେପରି ସର୍ବଦା ଧକ୍କା ଓ ପରାଜୟ ନିମିତ ପ୍ରସ୍ତୁତ ହେବାକୁ ପଡିବ ଏବଂ ଧୀର ଶାନ୍ତ ଭାବେ ସହିବାକୁ ପଡିବ। —ଶ୍ରୀମା



# ସାମାଜିକ ଗଣମାଧ୍ୟମର ଚିତ୍ର ଓ ଚରିତ୍ର



ଡ. ପ୍ରଫୁଲ୍ଲ କୁମାର ସାହୁ

ମଣିଷ ମାତ୍ରେ ହିଁ ଖବର–ଭୋକୀ। ତା'ର ଏ ଭୋକକୁ ଏବେ ଅଧିକ ଉଜ୍ଜୀବିତ କରିଛି ସୋସିଆଲ ମିଡିଆର ହଟଚମଟ ଖେଳ। ସେଥିପାଇଁ ସକାଳୁ ଉଠିବା ମାତ୍ରେ ତା'ର ଦରକାର ହେଉଛି ଖବର। ଏହି ଖବର ଜାଣିବା ପାଇଁ ସେ ପୂର୍ବରୁ ନିର୍ଭର କରୁଥିଲା ଖବରକାଗଜ ଓ ଟେଲିଭିଜନ ଆଦି ପାରମ୍ପରିକ ଗଣମାଧ୍ୟମ ଉପରେ। ମାତ୍ର ଏବେ ସୂଚନା ଓ ମତାମତ ଆଦାନ ପ୍ରଦାନ କ୍ଷେତ୍ରରେ ଏକ ବଳିଷ୍ଠ ମାଧ୍ୟମ ହୋଇ ଉଭା ହୋଇଛି ସାମାଜିକ ଗଣମାଧ୍ୟମ। ପାରମ୍ପରିକ ଗଣମାଧ୍ୟମ ଗଣଚେତନାର ନିୟାମକ ହେଲେ ବି ପ୍ରାୟତଃ ଏହା ପରିଚାଳିତ ହୁଏ ଜଣର ଇଚ୍ଛାରେ ବା ମାଲିକର ମର୍ଜିରେ। ପରିବେଶ ଓ ପରିସ୍ଥିତିକୁ ଲକ୍ଷ୍ୟକରି ଏହା କେତେବେଳେ ସରକାରଙ୍କୁ ସମର୍ଥନ କରେ ତ କେତେବେଳେ ଥାଏ ବିରୋଧୀ ପକ୍ଷରେ। ଏହାର ନୀତିଗତ ଦ୍ୱନ୍ଦ୍ୱ ଓ ଲାଭକ୍ଷତିର ହିସାବ ନିକାଶ ଭିତରେ ନିରପେକ୍ଷ ତଥ୍ୟ ପାଇବାରୁ ବଞ୍ଚିତ ହେଉଥିଲା ବୃହତ୍ତର ପାଠକ ସମାଜ। ମାତ୍ର ସାମାଜିକ ଗଣମାଧ୍ୟମର ଆବିର୍ଭାବ ଓ ପ୍ରସାର ପରେ ବଦଳି ଯାଇଛି ସୂଚନା ପ୍ରସାରଣର ଢାଞ୍ଚା। ଲୋକେ କ'ଣ ଜାଣିବେ– ସେ କଥା ଦିନେ ନିର୍ଦ୍ଧାରଣ କରୁଥିଲେ ପ୍ରତିଷ୍ଠିତ ଖବରକାଗଜ ବା ସରକାର। ଏବେ କିନ୍ତୁ ଲୋକେ ମିଳିମିଶି ତିଆରି କରୁଛନ୍ତି ଖବର। ପାରମ୍ପରିକ ଗଣମାଧ୍ୟମ ଜରିଆରେ ଲୋକେ ନିଜର ମତବ୍ୟକ୍ତ କରିପାରୁ ନ ଥିଲେ କି ଜାହିର କରି ପାରୁ ନ ଥିଲେ ନିଜର ଅସନ୍ତୋଷ । ପୂର୍ବରୁ ଟେଲିଭିଜନ ମଞ୍ଚରେ ଦର୍ଶକ କେବଳ ଚୁପ୍ ଚାପ୍ ଦେଖୁଥିଲା ଉପସ୍ଥାପକଙ୍କ ବକ୍ତବ୍ୟ। ଏବେ ସେହି ଉପସ୍ଥାପକଙ୍କ ସମ୍ମୁଖରେ ପ୍ରତିକ୍ରିୟା ରଖିବା ପାଇଁ ଉପଭୋକ୍ତାକୁ ସୁଯୋଗ ଆଣିଦେଇଛି ସାମାଜିକ ଗଣମାଧ୍ୟମ। ଲେଖକଟିଏ ହେବା ପାଇଁ ଆଉ ଆଗଭଳି ଆବଶ୍ୟକ ହେଉନି ସଂପାଦକ ଓ ପ୍ରକାଶକମାନଙ୍କ ସ୍ୱୀକୃତି। ଏବେ ପ୍ରତ୍ୟେକ ପାଠକ ନିଜେ ଜଣେ ଜଣେ ଲେଖକ। ସେଥିପାଇଁ ସୋସିଆଲ ମେଡ଼ିଆରେ ପ୍ରତିଦିନ ଘୂରି ବୁଲୁଛି ନୂଆ ନୂଆ ଲେଖକଙ୍କ ଅସୁମାରି ଗଳ୍ପ ଓ କବିତା। ରାଜନୈତିକ କ୍ଷେତ୍ରରେ ମଧ୍ୟ ସମାନ କଥା। ଅର୍ଥାତ୍ ରାଜନୈତିକ ଦଳରେ ସାମିଲ ନ ହୋଇ ମଧ୍ୟ ଲୋକେ ସୋସିଆଲ ମିଡ଼ିଆରେ ରଖିପାରୁଛନ୍ତି ନିଜର ମତ ଓ ମନ୍ତବ୍ୟ। ବିଶେଷ କରି ନିର୍ବାଚନ ପ୍ରଚାର କ୍ଷେତ୍ରରେ ଏକ ଶକ୍ତିଶାଳୀ ଆୟୁଧ ହୋଇ ଉଭା ହୋଇଛି ସାମାଜିକ ଗଣମାଧ୍ୟମ। ଭୌଗୋଳିକ ବିସ୍ତୃତି ଓ ଭାଷାଗତ ତଥା ସାଂସ୍କୃତିକ ବିବିଧତା ଯୋଗୁ ଦିନେ ଖୁବ୍ କଷ୍ଟସାଧ୍ୟ ମନେ ହେଉଥିବା ନିର୍ବାଚନ ପ୍ରଚାର ଏବେ ଖୁବ୍ ସହଜରେ ହୋଇପାରୁଛି ଫେସବୁକ୍ ଓ ହ୍ୱାଟସ୍ଆପ ଜରିଆରେ। ଆଖି ପିଛୁଳାକେ ଲକ୍ଷ ଲକ୍ଷ ଭୋଟରଙ୍କ ପାଖରେ ପହଞ୍ଚାଇ ପାରୁଛି ପ୍ରାର୍ଥୀଙ୍କ ବାର୍ତ୍ତା। ଖୁବ୍ କମ୍ ସମୟ ମଧ୍ୟରେ, କମ୍ ଖର୍ଚ୍ଚରେ ଏକ ବିଶାଳ ଜନସଂଖ୍ୟା ସହିତ ବ୍ୟକ୍ତିଗତ ଭାବ ଆଦାନ ପ୍ରଦାନ କରାଯାଇପାରୁଛି ହ୍ୱାଟ୍ସଆପ୍ ଜରିଆରେ। ତେଣୁ ସାମାଜିକ ଗଣମାଧ୍ୟମ ଯୋଗୁ ଆମ ଗଣତାନ୍ତ୍ରିକ ଅଧିକାରର ମାନ ବୃଦ୍ଧି ପାଇଛି ଏବଂ ସାମାଜିକ, ସାଂସ୍କୃତିକ ଓ ରାଜନୈତିକ କ୍ଷେତ୍ରରେ ସୃଷ୍ଟି ହୋଇଛି ଏକ ନୂଆ ସମୀକରଣ।

ଇଣ୍ଟରନେଟ୍ ବ୍ୟବହାର ଆମ ଦେଶର ଲୋକଙ୍କ ପାଇଁ ଏକ ନୂଆ ଅଭିଜ୍ଞତା। ଦ୍ୱିତୀୟତଃ ହ୍ୱାଟ୍ସଆପ୍ ଭଳି ମେସେଜର ଆପ୍ଲିକେସନ ବ୍ୟବହାରରେ ପ୍ରେରକ ଓ ପ୍ରାପକଙ୍କ ଭିନ୍ନ ତୃତୀୟ ପକ୍ଷର ଅନୁପ୍ରବେଶ ନ ଥିବାରୁ ଯୋଗାଯୋଗକୁ ଶକ୍ତିଶାଳୀ କରୁଛି ବ୍ୟକ୍ତିଗତ ଗୋପନୀୟତା। ଏହି କାରଣରୁ ଇଣ୍ଟରନେଟ୍ ଦୁନିଆ ଦିନକୁ ଦିନ ଜନାକୀର୍ଣ୍ଣ ହେଉଛି ଏବଂ ଘଣ୍ଟା ଘଣ୍ଟା ଧରି ମୋବାଇଲ, ଟାବଲେଟ୍ ଓ ଲାପଟପରେ ଉପସ୍ଥିତ ରହୁଛନ୍ତି ଇଣ୍ଟରନେଟ୍ ଉପଭୋକ୍ତା। ୨୦୧୯ରେ ପ୍ରକାଶିତ ଏକ ସର୍ବେକ୍ଷଣ ତଥ୍ୟ ଅନୁସାରେ ଆମ ଦେଶର ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ପାଖାପାଖି ୪୫କୋଟି ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ଉପଭୋକ୍ତା ସେଥିରେ ନିୟୋଜିତ ରହୁଛନ୍ତି ଦୈନିକ ହାରାହାରି ୪ଘଣ୍ଟାରୁ ଅଧିକ ସମୟ। ଏତଦ୍‌ଭିନ୍ନ ସୋସିଆଲ ମିଡିଆର ଏକ ବିଶେଷ ଦିଗ ହେଉଛି ତା'ର ଭୌଗୋଳିକ ପରିସୀମା, ଯାହା ଖବରକାଗଜ ଓ ବୈଦ୍ୟୁତିକ ଗଣମାଧ୍ୟମ ତୁଳନାରେ ବିସ୍ତୃତ। ଏହି କାରଣରୁ ଏହା ଏକ ବିପୁଳ ଜନସଂଖ୍ୟାକୁ ପ୍ରଭାବିତ କରିପାରୁଛି ଖୁବ୍ କମ୍ ସମୟ ମଧ୍ୟରେ।

ପାରମ୍ପରିକ ଗଣମାଧ୍ୟମର ଯେଉଁ ଶୂନ୍ୟସ୍ଥାନ ସୃଷ୍ଟି ହେଉଛି, ତାହାକୁ ପୂରଣ କରିବାର କ୍ଷମତା ରଖେ ସାମାଜିକ ଗଣମାଧ୍ୟମ। ତେଣୁ ଏହା ଏକ ଭଲ ବିକଳ୍ପ ଓ ବୈପ୍ଳବିକ ଚିନ୍ତାଧାରାର ପରିଚାୟକ। ଏ ସବୁ ସତ୍ତ୍ୱେ ବି ସମାଜ ପାଇଁ ଏବେ ମୁଣ୍ଡବିନ୍ଧାର କାରଣ ହୋଇଛି ସୋସିଆଲମିଡିଆର ଦୁରୁପଯୋଗ। ସାଧାରଣତଃ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ଆଚରଣ ପାଇଁ ରହିଛି ନିୟନ୍ତ୍ରଣ ରେଖା। ସେଥିରେ କାର୍ଯ୍ୟରତ ସାମ୍ବାଦିକମାନେ ଅଭିଜ୍ଞ ଓ ଦାୟିତ୍ୱସମ୍ପନ୍ନ। ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମ ଏକ ଲଗାମହୀନ ଘୋଡ଼ା। ଏହାର ଅଧିକାଂଶ ଉପଭୋକ୍ତା ବୁଝନ୍ତି ନାହିଁ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ସାମାଜିକ ଦାୟବଦ୍ଧତା। ତେଣୁ ସତ ମିଛ ବିଚାର ନ କରି ଯିଏ ଯାହା ପାରିଲା ଲେଖିଲା– ଆଖି ନାହିଁ କାନ ନାହିଁ ବାଜି ଗଲେ ଦୋଷ ନାହିଁ ନ୍ୟାୟରେ। ବ୍ୟବସ୍ଥାଟି ସମ୍ପୂର୍ଣ୍ଣ ମୁକୁଳା ହୋଇଥିବାରୁ ଏଥିରେ ତଥ୍ୟ ଚୋରି ଏକ ସାଧାରଣ କଥା। ମିଛକୁ ଜଗିବା ପାଇଁ କିଛି ବାଡ଼ବତା ନ ଥିବାରୁ ତଥ୍ୟ ଅପେକ୍ଷା ଏଠି ଗୁଜବର ମାତ୍ରା ବେଶି। ପାରମ୍ପରିକ ଗଣମାଧ୍ୟମ କୌଣସି ଖବରକୁ ଚାପିଦିଏ ବା ଅତିରଞ୍ଜିତ କରେ ବିବଶତା କାରଣରୁ। ମାତ୍ର ସୋସିଆଲ ମିଡିଆରେ ଏବେ ଘୂରିବୁଲୁଛି ତୁଚ୍ଛା ମିଛ ଖବର। ଏଠି ବଞ୍ଚିଥିବା ଲୋକଙ୍କ ପାଇଁ ବି ଛୁଟୁଛି ଶ୍ରଦ୍ଧାଞ୍ଜଳିର ସୁଅ। ସାଧାରଣତଃ ମିଛ ଖବର ଖୁବ୍ ଶୀଘ୍ର ବ୍ୟାପି ଯାଏ ବଣର ନିଆଁ ଭଳି। ତେଣୁ ମିଛ ଖବର ଦୁନିଆରେ ଉବୁଟୁବୁ ହେଉଥିବା ଏହାର ଉପଭୋକ୍ତାଙ୍କୁ ଦେଖି ମନେହୁଏ ସୋସିଆଲ ମିଡିଆ ଏକ ଅଦୃଶ୍ୟ ଦୁନିଆ। ଏଥିରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ ବାସ୍ତବରେ ଏ ସଂସାରରେ ଅନୁପସ୍ଥିତ। ଅର୍ଥାତ୍ ନକଲି ବା (ଫେକ୍)। ଫେସ୍‌ବୁକ୍ ସ୍ତରୀୟ ସୋସିଆଲ ମିଡିଆରେ ମତ ରଖିବା ଆଳରେ ଲୋକେ ପରସ୍ପରକୁ ଏମିତି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରୁଛନ୍ତି, ଯାହା ଏକ ସଭ୍ୟ ସମାଜ ପାଇଁ ଅତ୍ୟନ୍ତ ନିନ୍ଦନୀୟ। ନୂଆ ଲେଖକଙ୍କ ପାଇଁ ସୋସିଆଲମିଡିଆ ଏକ ବଳିଷ୍ଠ ମଞ୍ଚ ବୋଲି କୁହାଯାଉଛି ସତ, ମାତ୍ର ପ୍ରବଳ ଭିଡ଼ ଭିତରେ ଏଠି ସମସ୍ତେ ଖୋଜୁଛନ୍ତି ପରିଚୟ। ଲାଇକ୍ ଓ କମେଣ୍ଟର ପରିମାଣ ଉପରେ ନିର୍ଭର କରୁଛି ଲେଖକର ସ୍ୱୀକୃତି। ତେଣୁ ଏଥିରେ ଘୂରି ବୁଲୁଥିବା ଲେଖା ସାହିତ୍ୟକୁ ସମୃଦ୍ଧ କରିବା ପାଇଁ ନୁହେଁ, ବରଂ ଅଳିଆ କରୁଛି ବୋଲି କହିଲେ ଚଳେ। ଗଣତନ୍ତ୍ରର ସଫଳତା ପାଇଁ ଆବଶ୍ୟକ ଅଭିବ୍ୟକ୍ତିର ମୁକ୍ତ ପ୍ରବାହ। ମାତ୍ର ଏଥିରେ ସରକାରଙ୍କ ଅଗଣତାନ୍ତ୍ରିକ ନୀତି ବା ଅନ୍ୟାୟ ବିରୋଧରେ ପ୍ରତିବାଦ କରି ପଦଟିଏ ପ୍ରତିବାଦ କଲେ ଆରମ୍ଭ ହୋଇଯାଉଛି ବାଚନିକ ଆକ୍ରମଣ। ମାଡ଼ି ଆସୁଛି ଅଶାଳୀନ ମନ୍ତବ୍ୟର ଲହରି। ଏହି ଦୃଷ୍ଟିରୁ ସାମାଜିକ ଗଣମାଧ୍ୟମ ପାଲଟି ଗଲାଣି ଅବାଞ୍ଛିତ ମନ୍ତବ୍ୟର ଏକ ଅଭୟାରଣ୍ୟ। ମଣିଷ ଏଠି ଖବର ଜାଣିବା ପାଇଁ ଯେମିତି ଆଗ୍ରହ ପ୍ରକାଶ କରୁଛି ତା'ଠାରୁ ବେଶି ଆଗ୍ରହୀ ହେଉଛି ନିଜେ ଖବର ହେବାପାଇଁ। ସମସ୍ତେ ଚାହୁଁଛନ୍ତି ନିଜକୁ ନେଇ ଉଡ଼ାଇବେ ଖବର ପତାକା। ତେଣୁ 'ମୁଁ ପଣରେ' ବନ୍ଧା ପଡ଼ିଗଲାଣି ସାମାଜିକ ଗଣମାଧ୍ୟମ।

ସାମାଜିକ ଗଣମାଧ୍ୟମ ସୃଷ୍ଟି ହୋଇଥିଲା ବନ୍ଧୁ ସମ୍ପର୍କ ବଢାଇବା ପାଇଁ। ଜନ୍ମଦିନ ପାଳନ, ଶ୍ରାଦ୍ଧ ବାର୍ଷିକୀ ଆୟୋଜନ ଓ ବାହାଘର ନିମନ୍ତ୍ରଣ ବାର୍ତ୍ତା ଆଦି ବ୍ୟକ୍ତିଗତ ପ୍ରଚାର ଭିତରେ ସୀମିତ ଥିଲା ତା'ର ଆଦ୍ୟ ପରିଚୟ। ଲୋକେ କେବଳ ପରସ୍ପର ଫଟୋ ଦେଖି ଖୁସି ହେଉଥିଲେ ଏବଂ କେହି କେହି ମଧ୍ୟ କିଛି ବାର୍ତ୍ତା ପ୍ରଚାର କରୁଥିଲେ ଲାଇକ୍ କମେଣ୍ଟ ପାଇବା ପାଇଁ। ଅର୍ଥାତ୍ ସାମାଜିକ ଗଣମାଧ୍ୟମର ପ୍ରାରମ୍ଭିକ ଅବସ୍ଥା ଥିଲା ଅତି ନିରୀହ। ମାତ୍ର ଯେବେଠାରୁ ଏହାକୁ ଏକ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରାଗଲା, ସେବେଠାରୁ ବଦଳିଗଲା ତା'ର ଚିତ୍ର ଓ ଚରିତ୍ର। ପ୍ରତିଷ୍ଠିତ ବ୍ୟକ୍ତି ଓ ବିଭିନ୍ନ ରାଜନେତିକ ଦଳ ସପକ୍ଷରେ ତିଆରି ହେଲା ସ୍ୱତନ୍ତ୍ର ଅନୁଗାମୀ ବାହିନୀ। ସାମାଜିକ ଗଣମାଧ୍ୟମକୁ ଆୟୁଧ କରି ଚାଲିଲା ସତ ସାଙ୍ଗରେ ଲୁଚକାଳି ଖେଳ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଭଳି ମହାପୁରୁଷ ତଥା ଆହୁରି ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ଅଯଥା, ଅସତ୍ୟମୂଳକ ଅପନିନ୍ଦାରେ କର୍ଦ୍ଦମାକ୍ତ କରିବା ପାଇଁ ତିଆରି ହେଲା ଅନେକ ମିଛ, ମନଗଢା, ଅବାସ୍ତବ ଓ ଚମକପ୍ରଦ କାହାଣୀ। ସେଥିପାଇଁ ତ ଏବେ ଖୋଜାଯାଉଛି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁଙ୍କ ବଂଶମୂଳ। ସେ ପରଲୋକ ଗମନ କରିବାର ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱକାଳ ପରେ ଏବେ କୁହାଯାଉଛି ତାଙ୍କ ପୂର୍ବପୁରୁଷମାନେ ଥିଲେ ମୁସଲମାନ ସମ୍ପ୍ରଦାୟର। ସାମାଜିକ ଗଣମାଧ୍ୟମରେ ଖେଳିବୁଲୁଥିବା ଏମିତି ଅନେକ ଅପପ୍ରଚାର ଦ୍ୱାରା ଦେଶରେ ବଢ଼ିଚାଲିଛି ସାମ୍ପ୍ରଦାୟିକ ବିଦ୍ୱେଷ। ବିପନ୍ନ ହେଉଛି ରାଷ୍ଟ୍ରର ଏକତା। ଜାଣିଶୁଣି ଆମ ଭବିଷ୍ୟତ ପିଢି ପାଇଁ ତିଆରି ଚାଲିଛି ଏକ ବିକୃତ ଇତିହାସ, ଯାହାର ମୂଳାଧାର ହେଉଛି ମିଥ୍ୟା।

ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ
ପଡ଼ିଆବେଡ଼ା, ମୟୂରଭଞ୍ଜ
ମୋ– ୯୪୩୮୪୫୦୮

# ମାନସିକ ଦୁଶ୍ଚିନ୍ତା



ଡକ୍ଟର ତ୍ରିନାଥ ପଟ୍ଟନାୟକ

ଅଧିକାଂଶ ମଣିଷ ପଚାଶ ବର୍ଷ ବୟସରେ ପହଞ୍ଚିଲେ ଅଧିକ ଚିନ୍ତିତ ହୋଇଯାଆନ୍ତି। ସତେ ଯେମିତି କିଏ ତାଙ୍କର ଗତିପଥକୁ ପଛରୁ ଭିଡ଼ିଧରୁଛି। ସେମାନେ ୨୦/୨୫ ବର୍ଷ ତଳର କ୍ରିୟାଶୀଳ ଜୀବନର ତାରୁଣ୍ୟକୁ ମନେପକାନ୍ତି। ପଛକୁ ଚାହିଁ ଆଗକୁ ଯିବା ପାଇଁ ସାହସ କୁଳେଇବେ କ'ଣ? ବିଷାଦ ଅନୁଭବ କରନ୍ତି। କେମିତି କେମିତି ଅସମଞ୍ଜସତା ଅନୁଭବ କରନ୍ତି। ସବୁ କାର୍ଯ୍ୟକୁ ପାହାଡ଼ ଭଳି ଅନୁଭବ କରନ୍ତି। କାର୍ଯ୍ୟ କରିବା ପାଇଁ ଆଗ୍ରହ ଆସେ ନାହିଁ। ଆତ୍ମବିଶ୍ୱାସ ହରେଇ ବସନ୍ତି। କୌଣସି ନିର୍ଦ୍ଦିଷ୍ଟ ନିର୍ଣ୍ଣୟ ନେବା ଦିଗରେ ବେଳେ ବେଳେ କୁଣ୍ଠାବୋଧ କରନ୍ତି। ନିଜର ପିଲାଛୁଆ, ବନ୍ଧୁ ବାନ୍ଧବଙ୍କ ପ୍ରତି ବୀତସ୍ପୃହ ହୋଇ ଉଠନ୍ତି। ଏପରି କି ନିଜ ଜୀବନର ସାଥୀଙ୍କୁ ମଧ୍ୟ ଠିକ ଭାବେ ବୁଝିପାରନ୍ତି ନାହିଁ କି ବୁଝାଇଲେ ମଧ୍ୟ ବୁଝିବା ପାଇଁ ଆଗ୍ରହ ପ୍ରକାଶ କରନ୍ତି ନାହିଁ। ବିଭିନ୍ନ ଚିନ୍ତା ମନରେ ଆସି ଘର ବାନ୍ଧି ରୁହେ। କାଳ୍ପନିକ ଭୟ ବାରବାର ମନକୁ ଆସେ।

ଏହି ଅବସ୍ଥାକୁ ଆମେ ପ୍ରୌଢ଼ାବସ୍ଥା ବୋଲି କହୁ। ବେଳେ ବେଳେ ବିଫଳ ଯୌନଚିନ୍ତା ଆସେ, ନିଜର ସଫଳତା ବିଷୟରେ ମନରେ ସନ୍ଦେହ ଆସେ। ଏଥିରେ ନୂତନତା କ'ଣ ବା ଅଛି। ବୟସ ବଢ଼ିଲେ ତ ସାଧାରଣତଃ ଯୌନ ଅସଫଳତା ଅଧିକାଂଶ ବ୍ୟକ୍ତିଙ୍କ ଜୀବନରେ ଆସେ। ଏଥିରେ ଚିନ୍ତିତ ହେବାର କିଛି ନାହିଁ। ପ୍ରୌଢ଼ାବସ୍ଥାରେ ପୁରୁଷ ଯୌନ ଶକ୍ତିରେ ଏକ ପରିବର୍ତ୍ତନ ଅବଶ୍ୟ ଆସେ କିନ୍ତୁ ଗ୍ରନ୍ଥିରେ କୌଣସି ବିକାର ଦେଖା ଦେବ ସେମିତି କିଛି କଥା ନାହିଁ। ମାନସିକ ସ୍ତରରେ ଲୋକ କୁହାକୁହିର କିଛିଟା ପ୍ରଭାବ ପଡ଼େ। ପଚାଶବର୍ଷ ମନୁଷ୍ୟର ଅର୍ଦ୍ଧ ବିରାଗ ସମୟ। କ୍ରମାଗତ ଭାବେ ଜୀବନକୁ ଉପଭୋଗ କରିବା ପରେ, ଜୀବନର ଗତି ଏଇଠି ଟିକିଏ ଅଟକିଗଲା ଭଳି ଲାଗେ। ବିରକ୍ତି ଭାବ ବି ମନରେ ଆସେ। ଅତୀତ ଜୀବନଯାତ୍ରାର ସମୀକ୍ଷା କରିବାକୁ ଇଚ୍ଛା ହୁଏ। କିଛି ପାଇଥିଲେ ସୁଦ୍ଧା ଆଉ କିଛି ପାଇବାକୁ ଲକ୍ଷ୍ୟ ରୁହେ। ଆଉ କିଛି ପାଇ ନ ଥିଲେ ମନରେ କ୍ଷୋଭ ଆସେ, ଅବସୋସ ବି ରହେ।

ଅସଫଳ ମଣିଷ ବେଳେବେଳେ ଆତ୍ମବିଶ୍ୱାସ ହରେଇ ବସେ। ଭୁଲବାଟରେ ଯିବାପାଇଁ ଇଚ୍ଛା କରେ। ସର୍ବଦା ପ୍ରସନ୍ନ ଚିତ୍ତହୋଇ ଅବଶିଷ୍ଟ ସମୟକୁ ସାଥିରେ ନେଇ ଅଗ୍ରସର ହୁଅନ୍ତୁ। ନିଶ୍ଚୟ ସଫଳତା ପାଇବେ। ଆଜିର ସମୟ ଭିନ୍ନ। ମଣିଷର ହାରାହାରି ବୟସ ସୀମା ୭୦ବର୍ଷ ହୋଇଗଲାଣି। ଯୁବକମାନେ କର୍ମ କ୍ଷେତ୍ରରେ ପ୍ରବେଶ କରୁ କରୁ ୩୫ବର୍ଷ ବ୍ୟତୀତ ହୋଇଯାଉଛି। ଏଣୁ ଏବର ସରକାର କର୍ମଚାରୀମାନଙ୍କର ଅବସର ବୟସ ସୀମାକୁ ଷାଠିଏ ବର୍ଷ କରିଦେଇଛନ୍ତି। ଡାକ୍ତର ଓ କେତେକ ପ୍ରଫେସରଙ୍କର ଅବସର ବୟସ ସୀମା ୬୫ ବର୍ଷକୁ ବଢ଼େଇ ଦେଇଛନ୍ତି। ଦ୍ୱିତୀୟ ମହାସମର ପରେ ପରେ ମଣିଷ ଶୀଘ୍ର ଶୀଘ୍ର ପ୍ରୌଢ଼ ହୋଇଗଲା। ଏବେ ସେ ସମୟ ନାହିଁ। ଏବର ୪୦ବର୍ଷର ବ୍ୟକ୍ତି ପ୍ରୌଢ଼ ନୁହେଁ, ଯୁବକ ଭଳି କାର୍ଯ୍ୟକ୍ଷମ।

ଅବଶ୍ୟ ପ୍ରୌଢ଼ାବସ୍ଥା ଆସିଲେ ମନୁଷ୍ୟ ଶରୀରରେ ବିଭିନ୍ନ ସମସ୍ୟା ଦେଖାଯାଏ। ପରିବାର ପୋଷଣ ଭାର ନିଜ ଉପରେ ପଡୁଥିବାରୁ ରୋଜଗାର ନିମନ୍ତେ ପରିଶ୍ରମ କରିବାକୁ ପଡ଼ିଥାଏ। ଖର୍ଚ୍ଚବଢ଼େ, ଚିନ୍ତା ବି ବଢ଼େ। ବୟସ ଢଳିଲେ ମନକୁ ଏକା ଏକା ବୋଧ ଆସେ କାହିଁକି ନା ପିଲାମାନେ ବଡ଼ ହୋଇଗଲା ପରେ ବୁଢ଼ାଲୋକ ଖୁସିବାସୀ ଆନନ୍ଦ ଟିକିଏ ପାଇବା ପାଇଁ ଲାଳାୟିତ ହୁଏ। ଦେହ ସହେନାହିଁ କି ଅନ୍ୟମାନେ କେତେକ କ୍ଷେତ୍ରରେ ସହଯୋଗ କରନ୍ତି ନାହିଁ। ଡାକ୍ତରଙ୍କ ପଛରେ ଗୋଡ଼ାଇବାକୁ ପଡ଼େ। ଔଷଧ ଖିଆ ଜୀବନ ବାସ୍ତବରେ ସରସ ଜୀବନ ନୁହେଁ। ତଥାପି ମଣିଷ ବାଧ୍ୟ ହୁଏ। ବୃଦ୍ଧାବସ୍ଥା ଆସିଲେ କେତେକ ନିର୍ଦ୍ଦିଷ୍ଟ ଯୋଗ ବ୍ୟାୟାମ, ପ୍ରାତଃ ଭ୍ରମଣ, ପ୍ରକୃତିକୁ ଅନୁଭବ କରିବା ଓ ଆଧ୍ୟାତ୍ମିକ ଚିନ୍ତା ଚେତନାରେ ମଜ୍ଜିଯିବା ଉଚିତ। ଭଲ କଥା ଦେଖ ଭଲ କଥା ଶୁଣ। ଏହା ହେଉଛି ବୃଦ୍ଧାବସ୍ଥାରେ ମଣିଷର ଆନନ୍ଦ ଅନ୍ୱେଷଣର ଉପାୟ।

ଯେଉଁମାନେ ଯୌବନାବସ୍ଥାରେ ଅନିୟମିତ ଜୀବନ ଶୈଳୀର ଦାସ ହୋଇଛନ୍ତି, ଅପ୍ରାକୃତିକ ଯୌନ ସମ୍ପର୍କ, ଦୂଷିତ ଖାଦ୍ୟ, ମାଦକ ଦ୍ରବ୍ୟ ସେବନ ଆଦିର ଅଧୀନ ହୋଇଛନ୍ତି, ସେମାନଙ୍କ ନିମନ୍ତେ ବୃଦ୍ଧାବସ୍ଥା ଅଧିକ ଦୁଃଖ ପ୍ରଦ ହୋଇଥାଏ। ବୃଦ୍ଧାବସ୍ଥାରେ ଶାରୀରିକ କଷ୍ଟକୁ ସହ୍ୟ କରିବା ନିମନ୍ତେ କଦାପି କୌଣସି ମାଦକ ଦ୍ରବ୍ୟର ସାହାଯ୍ୟ ନେବା ଉଚିତ ନୁହେଁ। ସେ ସବୁ ମାନସିକ ଶାନ୍ତି କି ଆନନ୍ଦ ଦେବେ ନାହିଁ ବରଂ ବିଷାଦରେ ଗୌହରକୁ ଟାଣି ନେବେ। ୨୦/୨୫ ବର୍ଷର ବ୍ୟକ୍ତି କଦାପି ତା'ର ସ୍ୱାସ୍ଥ୍ୟ ବିଷୟରେ ଚିନ୍ତାକରି ନ ଥାଏ। ୩୫ ବର୍ଷ ବେଳକୁ ତା'ର ସ୍ୱାସ୍ଥ୍ୟ ବିଷୟରେ ସଚେତନ ହୋଇ ଉଠେ। ସେହି ସମୟରୁ ସେ ଯଦି ସତ୍‌ସଙ୍ଗ କରେ, ନିଶାମୁକ୍ତ ରୁହେ, ସତ୍ ଜୀବନଶୈଳୀକୁ ଆପଣେଇ ନିଏ ତେବେ ବି କିଛି ଅଂଶରେ ମୁକ୍ତି ପାଇଯିବ। ପ୍ରୌଢ଼ାବସ୍ଥା ବାସ୍ତବରେ ଚିନ୍ତନ ଅବସ୍ଥା। ସ୍ଥବିର ସମୟ। ଯାହା ବାଲ୍ୟ କିଶୋରରେ ସମ୍ଭବ ହୋଇ ନ ଥିଲା ଏବେ ସମ୍ଭବ ହେବ, ଯଦି ମାନସିକ ବିଷାଦକୁ ଦୂରକରି କର୍ମତତ୍ପର ହେବ।

ନିଆଳି, କଟକ
ମୋ– ୯୯୩୭୮୪୦୩୮୭

## ଏଇ ଭାରତରେ

ଘର ଘର ବୁଲି ହେଉ କିମ୍ବା ରାସ୍ତାକଡରେ ବସି ଖବରକାଗଜ ବିକ୍ରି କରୁଥିବା ଜଣେ ଯୁବକ କ୍ୟାଟ୍(ସିଏଟି)ରେ ୯୯.୮୬ ନମ୍ବର ରଖିବା କିଛି କମ୍ ନୁହେଁ। ଏହି ଯୁବକ ଜଣକ ହେଉଛନ୍ତି ଶିବ କୁମାର ନଗେନ୍ଦ୍ର। ସେ ଜଣେ ଟ୍ରକ ଚାଳକଙ୍କ ପୁଅ। କ୍ୟାଟ୍‌ରେ ସଫଳତା ପାଇବା ପରେ ଏବେ ଆଇଆଇଏମ୍ କୋଲକାତାର ଛାତ୍ର। କର୍ଣାଟକର ମହୀଶୂରରେ ଜନ୍ମିତ ଶିବ କୁମାରଙ୍କ ପୂର୍ବରୁ ତାଙ୍କ ପରିବାରରେ କେହି ବି ସ୍କୁଲ ଦୁଆର ମୁହଁ ମାଡି ନ ଥିଲେ। କିନ୍ତୁ ଶିବ କୁମାରଙ୍କ ମା' ବହୁ କଷ୍ଟରେ ତାଙ୍କୁ ଇଂଲିଶ ମିଡିୟମ ସ୍କୁଲରେ ନାମ ଲେଖାଇଥିଲେ। ଶିକ୍ଷା ହାସଲ କରିବା ସହ ଶିବକୁମାର ପରିବାରକୁ ଚଳାଇବା ଲାଗି କାର ଧୋଇଛନ୍ତି,ଫୁଲ ବିକ୍ରି କରିଛନ୍ତି ଏପରିକି ରିଟେଲ ଷ୍ଟୋରରେ ବି କାମ କରିଛନ୍ତି। ନଗେନ୍ଦ୍ରଙ୍କୁ ବୟସ ୧୩ ହୋଇଥିବାବେଳେ ତାଙ୍କ ବାପାଙ୍କ ଦୁର୍ଘଟଣା ହୋଇଥିଲା। ସେତେବେଳେ ତାଙ୍କ ପଢିବାର ଆଶା ମଉଳି ଯାଇଥିଲା। କିନ୍ତୁ ଶିବ କୁମାର ଜଣେ ବ୍ୟବସାୟୀଙ୍କ ପାଖରୁ ଟଙ୍କା ଧାର ଆଣି ସ୍କୁଲ ଫି ଦେଇଥିଲେ। ଏହି ବ୍ୟବସାୟୀଙ୍କୁ ସେ ପ୍ରତିଦିନ ଖବରକାଗଜ ଦେଉଥିଲେ। ସେ ବାଙ୍ଗାଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ଡିଗ୍ରୀ ହାସଲ କରିବା ପରେ କ୍ୟାଟ ପାଇବାକୁ ସକ୍ଷମ ହୋଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ସେପ୍ଟେମ୍ବର ୧୯୯୫

- ଭାରତରେ ଡେନମାର୍କର ପୁଞ୍ଜି ବିନିଯୋଗର ଅଭିବୃଦ୍ଧି ଘଟାଇବା ଲକ୍ଷ୍ୟରେ ଦୁଇ ଦେଶ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଯାଇଛି।
- ଜାତୀୟ ଶୁଟିଂ ଚାମ୍ପିୟନଶିପ୍‌ର ପୁରୁଷ ଓପନ ଷ୍ଟାଣ୍ଡାର୍ଡ ପିସ୍ତଲ ଇଭେଣ୍ଟରେ ୬୦ ପଏଣ୍ଟରୁ ୫୮.୫ ପଏଣ୍ଟ ସଂଗ୍ରହ କରି ଭାରତୀୟ ଯୁବ ଶୁଟର ଯଶପାଲ ରାଣାଙ୍କ ବିଶ୍ୱରେକର୍ଡ।
- ପ୍ରବଳ ପାଟିତୁଣ୍ଡ, କଥା କଟାକଟି, ପରସ୍ପର ବିରୋଧୀ ସ୍ଲୋଗାନ ମଧ୍ୟରେ ଆନ୍ଧ୍ରପ୍ରଦେଶର ନୂଆ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁ ଆସ୍ଥା ଭୋଟ୍‌ରେ ବିଜୟୀ ହୋଇଛନ୍ତି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | | | | B | | | |
| | | 2 | | 4 | 6 | | 1 | | 5 | | | | | D |
| B | | 8 | | | | | | C | 2 | D | 1 | | | 6 |
| | | | 8 | 7 | | 4 | 3 | | | E | 6 | | | 2 |
| 1 | 4 | | | 0 | E | | | A | 8 | 7 | | | | |
| | B | | | | | | | | D | | 4 | | 2 | |
| | D | 7 | E | | | | | | | 8 | | | | C |
| 8 | | | | 5 | | | 2 | | | | | | | |
| | | | | | 3 | 0 | 4 | 1 | | 5 | 2 | | 7 | E |
| | | 6 | | | D | B | 5 | | 9 | | 0 | | | |
| E | | 4 | | | | | A | | | | | | | 7 |
| | C | | | 2 | B | | | 6 | | 1 | | | | 8 |
| | 3 | | 7 | A | 4 | 1 | E | 2 | | | | | | |
| | | | 3 | | | | 0 | B | | 9 | | | 4 | |
| | | | C | | | | 8 | | 7 | | | 5 | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | 8 | 0 | A | 3 | C | 1 | 9 | 4 | 6 | 2 | B | D | E | 7 |
| 1 | 4 | A | D | 6 | B | 0 | 8 | C | 3 | E | 7 | 5 | 2 | 9 |
| 2 | 9 | 3 | 7 | E | 0 | A | 6 | B | 5 | D | C | 8 | 1 | 4 |
| 7 | B | E | 2 | 8 | 1 | 5 | 3 | D | 9 | 4 | 0 | 6 | C | A |
| 6 | D | C | 4 | 9 | 5 | 2 | 7 | E | 8 | 1 | A | 0 | B | 3 |
| 8 | E | 6 | 9 | B | 4 | C | 5 | A | 0 | 3 | D | 2 | 7 | 1 |
| B | 2 | D | E | A | 7 | 8 | 0 | 9 | 1 | C | 6 | 4 | 3 | 5 |
| 4 | 3 | 7 | 6 | 0 | 8 | D | 1 | 2 | E | B | 5 | A | 9 | C |
| 9 | 0 | 5 | 1 | C | 3 | 7 | E | 6 | 2 | A | 4 | B | D | 8 |
| C | A | 1 | 5 | 2 | D | B | 4 | 3 | 7 | 8 | 9 | E | 6 | 0 |
| D | 5 | 2 | 8 | 1 | E | 9 | A | 7 | 4 | 6 | 3 | C | 0 | B |
| A | C | 8 | 3 | 4 | 9 | 6 | B | 1 | D | 0 | E | 7 | 5 | 2 |
| E | 7 | 9 | 0 | D | 2 | 4 | C | 8 | B | 5 | 1 | 3 | A | 6 |
| 3 | 1 | B | C | 5 | 6 | E | 2 | 0 | A | 7 | 8 | 9 | 4 | D |
| 0 | 6 | 4 | B | 7 | A | 3 | D | 5 | C | 9 | 2 | 1 | 8 | E |

ଗତକାଲିର ଉତ୍ତର

# ଚାକିରିର ଭିତିରି କଥା



ଅଲେଖ ଚନ୍ଦ୍ର ମିଶ୍ର

ପୁରୁଣା କଥାଟିଏ। ରାଜଦରବାରରେ ଅନେକ ବର୍ଷ ଧରି ଚାକିରି କରୁଥିବା ଜଣେ କର୍ମଚାରୀ ଅବସର ନେଲା ଦିନ ରାଜାଙ୍କୁ ଅନୁରୋଧ କଲା, ମହାରାଜ ଏତେ ଦିନର ଅଭ୍ୟାସ ତ ହଠାତ୍ ଛାଡ଼ିହେବନି। ଯଦି ଆଉ କିଛିଦିନ ପାଇଁ ମତେ ଦରବାରକୁ ଆସିବାକୁ ଅନୁମତି ଦିଅନ୍ତେ ଆପଣଙ୍କ ନିକଟରେ କୃତଜ୍ଞ ରହନ୍ତି। ସେଥିପାଇଁ ମୁଁ କିଛି ପାରିଶ୍ରମିକ ମାଗିବିନି। ସେଥିରେ ଅରାଜିହେବାର କିଛିନ ଥିଲା। ରାଜା ତା'ର ଅନୁରୋଧ ରକ୍ଷା କଲେ। ଲୋକଟି ପୂର୍ବବତ୍ ଦରବାରରେ ଉପସ୍ଥିତ ରହିବାର ସୁଯୋଗ ପାଇଗଲା। ରାଜା ମଞ୍ଚରେ ବସି ବିଚାର କରୁଥିବା ବେଳେ ସେ ଚୁପ୍‌ଚାପ୍ ତାଙ୍କ ପଛରେ ଛିଡ଼ାହୋଇ ତାଙ୍କ ଅଲକ୍ଷ୍ୟରେ ତାଙ୍କର ମାନସିକ ସ୍ଥିତିକୁ ଅନୁଧ୍ୟାନ କରେ। ଏତେ ବର୍ଷର ଅଭିଜ୍ଞତା ଯୋଗୁ ରାଜାଙ୍କର କେଉଁ ନିଷ୍ପତ୍ତି ସକାରାତ୍ମକ ହେବ ଓ କେଉଁଟି ନକାରାତ୍ମକ ତାଙ୍କ ଭାବଭଙ୍ଗୀରୁ ସେ ଠଉରେଇ ନିଏ ଏବଂ ସେହି ଅନୁସାରେ କେତେବେଳେ ସମ୍ମତିସୂଚକ ମୁଣ୍ଡ ଟୁଙ୍ଗାରେ ତ କେତେବେଳେ ନାସ୍ତିବାଚକ ଭଙ୍ଗୀରେ ମୁଣ୍ଡ ହଲାଏ। ତା'ର ଅଙ୍ଗଭଙ୍ଗୀକୁ ଲକ୍ଷ୍ୟ କରୁଥାନ୍ତି ସାମ୍ନାରେ ଉପସ୍ଥିତ ଦର୍ଶକମଣ୍ଡଳୀ। ସେ ଏପରି ଭାବରେ ମୁଣ୍ଡ ଟୁଙ୍ଗାରେ ଓ ମୁଖଭଙ୍ଗୀ ଦେଖାଏ ଜଣାପଡ଼େ ରାଜା ଯେମିତି ତା'ରି କଥାରେ ପରିଚାଳିତ ହୋଇ ନିଷ୍ପତ୍ତି ନେଉଛନ୍ତି। କ୍ରମେ ଜନସାଧାରଣଙ୍କର ବିଶ୍ୱାସ ହୋଇଗଲା ଯେ ଲୋକଟି ବୋଧହୁଏ ରାଜାଙ୍କର ଡାହାଣ ହାତ ଏବଂ ସେ ଯାହା କହୁଛି ରାଜା ସେୟା କରୁଛନ୍ତି। ଏଣିକି ଦରବାରରେ କାମ ଥିବା ଲୋକମାନେ ତା' ଦୁଆରେ ଭିଡ଼ ଜମେଇଲେ। ତା'ର ପତିଆରା ଏତେ ବଢ଼ିଗଲା ଯେ ଦିନ କେଇଟାରେ ସେ ଲକ୍ଷପତି ବନିଗଲା।

ଇଏ ହେଲା ରାଜସେବା ବା ସରକାରୀ ଚାକିରିରେ ଥିବା ଆକର୍ଷଣର ଏକ କ୍ଷୁଦ୍ର ନମୁନା। ବାହ୍ୟ ଦୃଷ୍ଟିରେ ଅବଶ୍ୟ ସରକାରୀ ଚାକିରିରେ କିଛି ସ୍ୱତନ୍ତ୍ରତା ରହିଛି। ସେଥିରେ ଥିବା ସ୍ଥାୟିତ୍ୱ, ସ୍ଥିରତା ଓ ନିରାପତ୍ତା ତା'ର ମୁଖ୍ୟ ଉପାଦାନ। ସରକାରୀ ଚାକିରିଟିଏ ପାଇବା ଯେତିକି କଷ୍ଟ ଯିବା ତା'ଠାରୁ ବେଶି କଷ୍ଟ। ଥରେ ଚାକିରିରେ ପଶିଗଲେ ଅବସର ପର୍ଯ୍ୟନ୍ତ ନିଶ୍ଚିନ୍ତ। ଅବସର କିମ୍ବା ମୃତ୍ୟୁ ପରବର୍ତ୍ତୀ ସମୟରେ ପେନ୍‌ସନର ବ୍ୟବସ୍ଥା ରହିଛି। ସରକାରୀ ଚାକିରିଆଙ୍କର ସାମାଜିକ ସ୍ଥିତି ନିଆରା। ତେଣୁ ହୁଏତ କୁହାଯାଏ 'ପ୍ରତିଷ୍ଠା ରାଜସେବୟା' (ସରକାରୀ ଚାକିରିରେ ସମ୍ମାନ ମିଳେ)। ସରକାର ବି ଏପରି ମନୋଭାବକୁ ପ୍ରକାରାନ୍ତରେ ଅନୁମୋଦନ କରି ଆରକ୍ଷଣ, ସଂରକ୍ଷଣ, ପ୍ରତ୍ୟର୍ପଣ (ଅନୁକମ୍ପାମୂଳକ) ଇତ୍ୟାଦିର ବ୍ୟବସ୍ଥା କରିଛନ୍ତି। ଏହିପରି କେତେକ ସୁବିଧା ସୁଯୋଗ ପାଇଁ ବୋଧହୁଏ ଆଧୁନିକ ଯୁବସମାଜ ସରକାରୀ ଚାକିରି ପାଇବା ପାଇଁ ବ୍ୟାକୁଳ। ୨୦୧୭ରେ ପ୍ରକାଶିତ ସେଣ୍ଟର ଫର୍ ଦ ଷ୍ଟଡି ଅଫ୍ ଡେଭ୍‌ଲପିଂ ସୋସାଇଟିଜ୍ ନାମକ ଜାତୀୟ ସ୍ତରରେ ପ୍ରତିଷ୍ଠିତ ଏକ ସଂସ୍ଥାର ରିପୋର୍ଟରୁ ଜଣାପଡ଼େ ସାରା ଦେଶର ୬୫% ଲୋକ ସରକାରୀ ଚାକିରିକୁ ପସନ୍ଦ କରନ୍ତି। ମାତ୍ର୭% ଅନ୍ୟ ଚାକିରି ଚାହାନ୍ତି। ଏହାର ଏକ ସଦ୍ୟ ଦୃଷ୍ଟାନ୍ତ ହେଲା ରେଲୱେ ଚାକିରି। କିଛିଦିନ ତଳେ ଭାରତୀୟ ରେଳ ଦ୍ୱାରା ବିଜ୍ଞାପିତ ୬୦,୦୦୦ ଟେକ୍ନିକାଲ ଓ ଆସିଷ୍ଟାଣ୍ଟ ଲୋକୋ ପାଇଲଟ ଚାକିରି ପାଇଁ ସାରା ଦେଶର ୧୬୬ଟି ସହରରେ ୪୩୯ କେନ୍ଦ୍ରରେ ହେବାକୁ ଥିବା ଅନ୍‌ଲାଇନ ପରୀକ୍ଷା ପାଇଁ ୪୭.୫ ଲକ୍ଷ ପ୍ରାର୍ଥୀ ପଞ୍ଜୀକୃତ ହୋଇଥିଲେ, ଯାହା ପୃଥିବୀର ସବୁଠାରୁ ବଡ଼ ପରୀକ୍ଷା ଭାବେ ବିବେଚିତ ହୋଇଥିଲା। ସେହିପରି ୬୩,୦୦୦ ନିମ୍ନବର୍ଗର (ଗ୍ରୁପ୍ ଡି/ଲେଭଲ୧) ଚାକିରି ଯଥା ହେଲପର, ଖଲାସୀ, ଟ୍ରାକମ୍ୟାନ, ଗ୍ୟାଙ୍ଗମ୍ୟାନ ଇତ୍ୟାଦି ପାଇଁ ୧.୯ କୋଟି ଦରଖାସ୍ତକାରୀଙ୍କ ମଧ୍ୟରେ ଥିଲେ ୨.୫ ଲକ୍ଷ ଡିଗ୍ରୀ ଇଞ୍ଜିନିୟର ଏବଂ ନିୟୁତାଧିକ ସ୍ନାତକ ଓ ସ୍ନାତକୋତ୍ତର ଡିଗ୍ରୀଧାରୀ। ଅବସ୍ଥା ଏମିତି ହେଲାଣି ଯେ ଟେକ୍ନିକାଲ ଓ ପ୍ରଫେଶନାଲ କ୍ୱାଲିଫିକେଶନ ଥାଇ ବି ଶ୍ରମିକ ଚାକିରିଟିଏ ମିଳୁନି। ଏକ ଅନୁଧ୍ୟାନରୁ ଜଣାଯାଏ, ସମୁଦାୟ ଚାକିରି ଆଶାୟୀଙ୍କ ମଧ୍ୟରୁ ମାତ୍ର ୩ରୁ ୫ ପ୍ରତିଶତ ଚାକିରି ପାଆନ୍ତି। ଅବଶିଷ୍ଟଙ୍କ ମନରେ ହୁଏ ତ ଏକ ବଞ୍ଚିତର ଗ୍ଲାନି ରହିଯାଇପାରେ। ମାତ୍ର ଏହା ଠିକ୍ ନୁହେଁ। ସେମାନେ ଯଦି ସରକାରୀ ଚାକିରିର ଭିତିରି କଥା ଜାଣନ୍ତେ ତାଙ୍କର ମନସ୍ତାପ ଦୂରେଇ ଯାଆନ୍ତା।

ଆଖିକୁ ଯାହା ଦିଶେ ତାହା ଅସଲ କଥା ନୁହେଁ। ସବୁ ଚକ୍‌ଚକ୍ କରୁଥିବା ବସ୍ତୁ ସୁନା ନୁହେଁ। ଜୋତାରେ କେଉଁଠି କଣ୍ଟା ଫୁଟିଛି ତାକୁ ପିନ୍ଧିଥିବା ଲୋକ ହିଁ ଜାଣେ। ଏହାର ଭିତିରି ରହସ୍ୟ କେବଳ ସରକାରୀ ଚାକିରିଆ ହିଁ ଜାଣନ୍ତି। ଥରେ ସରକାରୀ ଚାକିରିରେ ଯୋଗଦେଲେ ସ୍ୱାଧୀନତା ଲୋପ ପାଇଯାଏ। ମୁଣ୍ଡ ବନ୍ଧା ପଡ଼ିଯାଏ। ଗୋଡ଼ହାତରେ ବେଡ଼ି ପଡ଼ିଯାଏ ଏବଂ ମୁହଁରେ ତୁଣ୍ଡି ଲାଗିଯାଏ। ଅନ୍ୟ ସମସ୍ତ ରାସ୍ତା ବନ୍ଦ ହୋଇଯାଏ। ସରକାରୀ ଆଦବକାଇଦା ଓ ଆଚରଣ ବିଧିର କ୍ଳିଷ୍ଟତା ଭିତରେ ଲୋକଟି ଅଣନିଃଶ୍ୱାସୀ ହୋଇପଡ଼େ। ନିଜର ଇଚ୍ଛା ବିରୋଧରେ ଅନେକ କାର୍ଯ୍ୟ କରିବାକୁ ପଡ଼େ। ସରକାରୀ ଚାକିରିରେ ଧୁଆ ମୂଳା ଅଧୁଆ ମୂଳା ସବୁ ସମାନ। ଏକା ପଦବୀରେ ଥିବା ଜଣେ ତୃତୀୟ ଶ୍ରେଣୀ ମାଟ୍ରିକୁଲେଟ ଓ ଜଣେ ସ୍ୱର୍ଣ୍ଣ ପଦକଧାରୀ ସ୍ନାତକୋତ୍ତର କିମ୍ବା ଜଣେ ପ୍ରତିଭାବାନ ଇଞ୍ଜିନିୟରଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନ ଥାଏ। ବରଂ ବରିଷ୍ଠତା ଭିତ୍ତିରେ ମାଟ୍ରିକୁଲେଟଟି ଆଗ ପ୍ରମୋଶନ ପାଇପାରେ କିମ୍ବା ଜଣଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଅଧସ୍ତନ କର୍ମଚାରୀଟିଏ ଦିନେ ତାଙ୍କର ବସ୍ ହୋଇପାରେ। ଧାରାବଦ୍ଧ ଜୀବନଶୈଳୀରେ ପେଷିହୋଇ ଜଣେ କର୍ମଠ, ଉଚ୍ଚାଭିଳାଷୀ, ପ୍ରତିଭାବାନ ବ୍ୟକ୍ତି କ୍ରମେ ଅଳସୁଆ ଓ ନିଜର ବୃତ୍ତି ପ୍ରତି ବୀତସ୍ପୃହ ହୋଇପଡ଼େ। ସେଥିପାଇଁ ବୋଧହୁଏ ଅନେକ ପ୍ରତିଭାସମ୍ପନ୍ନ ବ୍ୟକ୍ତି ସରକାରୀ ଚାକିରି ଛାଡ଼ିଦିଅନ୍ତି। କେତେକେ ଅଯଥା ମାନସିକ ଚାପ ଯୋଗୁ ଆତ୍ମହତ୍ୟା ବି କରନ୍ତି। ଅତ୍ୟଧିକ ଅଫିସିୟସ କେତେକ ଅଧିକାରୀ ସାଧାରଣ ଜନତାଠାରୁ ନିଜକୁ ଦୂରେଇ ରଖୁରଖୁ ନିଜ ପରିବାର ଓ ପରିଜନଙ୍କଠାରୁ ବି ଦୂରେଇଯାନ୍ତି। ଫଳରେ ଜୀବନର ଅନ୍ତିମ ପର୍ଯ୍ୟାୟରେ ସେମାନେ ପ୍ରାୟ ଏକା ହୋଇଯାଆନ୍ତି। ଦୀର୍ଘଦିନ ଧରି ପଞ୍ଜୁରିରେ ଆବଦ୍ଧ ପକ୍ଷୀଟିକୁ ମୁକ୍ତ କରିଦେଲେ ବି ସେ ଅନ୍ୟ କୁଆଡ଼େ ନ ଯାଇ ସେଇ ପଞ୍ଜୁରି ଭିତରକୁ ପଶିଆସେ। ସେହିଭଳି କେତେକ ଲୋକ ଅବସର ପରେ ବି ପୁନର୍ନିଯୁକ୍ତିକୁ ଆପଣାନ୍ତି।

ଈଶ୍ୱର ତ ମଣିଷକୁ ଏପରି ଜ୍ଞାନକୌଶଳ ଦେଇଛନ୍ତି, ଯାହା କୌଣସି ନା କୌଣସି ଉପାୟରେ ତାକୁ ସଫଳତା ଦିଏ। ଆବଶ୍ୟକ ହୁଏ କେବଳ ଧୈର୍ଯ୍ୟ ଓ ନିଷ୍ଠା। ଅଥଚ କୃଷ୍ଣସାର ମୃଗ ନିଜ ନାଭିରେ ଥିବା କସ୍ତୁରୀର ସୁଗନ୍ଧକୁ ଜାଣି ନ ପାରି ଚାରିଆଡ଼େ ଘୂରି ବୁଲୁଥିବା ପରି ମଣିଷ ନିଜ ପ୍ରତିଭାର ମୂଲ୍ୟ ବୁଝେନା। ସବୁ ବୃତ୍ତି ସମାନ। ନିଜର ଅଧ୍ୟବସାୟ ବଳରେ ସୁଖ ସମୃଦ୍ଧି ମିଳିବା ଅତି ସହଜ। ଚାକିରି ପାଇଁ ଚିନ୍ତା କାହିଁକି? ଚାକିରିର ଅବଧି ତ ସୀମିତ। ଏହା ଜୀବନର ଏକ ଘଟଣା। ଜୀବନ ନୁହେଁ। ଶାସ୍ତ୍ର ଅନୁସାରେ ତ ଧନ ଅର୍ଜନ ପାଇଁ ଚାକିରିର ସ୍ଥାନ ବହୁତ ନିମ୍ନରେ। "ବାଣିଜ୍ୟେ ବସତେ ଲକ୍ଷ୍ମୀଃ ତଦର୍ଦ୍ଧଂ କୃଷିକର୍ମଣି, ତଦର୍ଦ୍ଧଂ ରାଜସେବୟା ଭିକ୍ଷାଂ ନୈବଚ ନୈବଚ।" ଯୁଗ ବଦଳିଯାଇଛି। ଏବେ ଜୀବନଧାରଣ ପାଇଁ ନିତି ନୂଆ ମାଧ୍ୟମ ସୃଷ୍ଟି ହେଉଛି। ଚାକିରି ବଞ୍ଚେଇବା ପାଇଁ ମଣିଷ ଯେତିକି ତ୍ୟାଗ କରେ ଅନ୍ୟଥା ତା'ର କାଣିଚାଏ ବିନିଯୋଗ କଲେ ସମୃଦ୍ଧିର ଦ୍ୱାର ଖୋଲିଯିବ।

ସାରଦାଶ୍ରୀ, ୯୦୪ ଶାସ୍ତ୍ରୀନଗର, ଭୁବନେଶ୍ୱର
ମୋ–୯୪୩୮୬୭୩୮୯୮

## ପାଠକ ଶ୍ରେଷ୍ଠ ବିଚାରକ

### ଢୋଲ ଭିତରେ ମୂଷା

ମହାଶୟ,

ପୁଣ୍ୟ ଭୂମି ଭାରତ ହେଉଛି ଦେବଦେବୀଙ୍କ ଲୀଳା ଭୂମି। ଆମ ସନାତନ ଧର୍ମ ଓ ସଂସ୍କୃତି ବିଶ୍ୱାଦୃତ ହୋଇଅଛ। ସେହିପରି ଭାରତ ମାତାଙ୍କୁ ବିଦେଶୀ ବନ୍ଧନରୁ ମୁକ୍ତ କରିଥିବା ତଥା ସତ୍ୟ ଏବଂ ଅହିଂସାର ପୂଜାରୀ ମହାମାନବ ମହାତ୍ମା ଗାନ୍ଧୀଙ୍କ ସମେତ ବହୁ ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ମଧ୍ୟ ଆମ ଦେଶ ଧନ୍ୟ ହୋଇଛ। ହେଲେ ଏମାନଙ୍କ ରାମ ରାଜ୍ୟ ପ୍ରତିଷ୍ଠାର ସ୍ୱପ୍ନ କିନ୍ତୁ ସଂପୂର୍ଣ୍ଣ ଧୂଳିସାତ ହୋଇଯାଇଛି। ଏଥିପାଇଁ ଦାୟୀ ହେଉଛନ୍ତି ସ୍ୱାଧୀନୋତ୍ତର ଭାରତବର୍ଷର ପରାଙ୍ଗପୁଷ୍ଟ ମୂଷା ପ୍ରକୃତିର ଦୁର୍ନୀତିଗ୍ରସ୍ତ ସର୍ବଗିଳା ନେତା, ଅମଲା, କଣ୍ଟ୍ରାକ୍ଟର, ଖଣି ମାଫିଆ ଓ କମ୍ପାନୀ ମାଲିକ ପ୍ରମୁଖ।

ସତରେ ସ୍ୱାଧୀନତାର ଦୀର୍ଘ ୭୩ ବର୍ଷ ଅତିକ୍ରାନ୍ତ ହେବା ପରେ ମଧ୍ୟ ଆମ ଦେଶ ବିକଶିତ ନ ହୋଇପାରିବାର କାରଣ ହେଉଛନ୍ତି ଏଭଳି ମୂଷାମାନେ। ଏମାନଙ୍କ ପାଇଁ କେନ୍ଦ୍ର ଏବଂ ସବୁ ରାଜ୍ୟ ସରକାରଙ୍କ ସମସ୍ତ ପ୍ରକାର ଜନକଲ୍ୟାଣକାରୀ ଯୋଜନା ଅର୍ଥର ନିରନ୍ତର ବାଟମାରଣା ହୋଇଚାଲିଛି। ପଞ୍ଚାୟତଠାରୁ ଆରମ୍ଭ କରି ପାର୍ଲାମେଣ୍ଟ ପର୍ଯ୍ୟନ୍ତ ସବୁଠି ଏହି ମୂଷାମାନଙ୍କର ପ୍ରାଦୁର୍ଭାବ ଚାଲିଛି, ହେଲେ ବିରାଡି ପରି ରହିଥିବା ଭିଜିଲାନ୍ସ ଏବଂ ସିବିଆଇ ଅଧିକାରୀମାନେ ଏମାନଙ୍କୁ ଧରି ମାରୁନାହାନ୍ତି ; କାରଣ ଏହି ବିଲେଇମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି କେନ୍ଦ୍ର ଏବଂ ସବୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ କାମ କରୁଥିବା ପୋଷା ବିଲେଇ। ମାଲିକ ନ କହିବା ପର୍ଯ୍ୟନ୍ତ ଏମାନେ ଘରର ମୂଷାମାନଙ୍କୁ ମାରନ୍ତି ନାହିଁ। ଏପରି ଅବ୍ୟାହତ ରହିଲେ ଦେଶ ତଥା ଦେଶବାସୀଙ୍କର କଦାପି ବିକାଶ ହୋଇପାରିବ ନାହିଁ।

ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ତିହିଡି, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚଉଦିଗେ ଛୁଟେ କୁହୁ
ଛୁଟେ ଦୂରେ ଦୂରେ
ସୁରଧୂନୀ ବହିଯାଏ
ତପତ ମରୁରେ।

(ଚିରନ୍ତନ କୁହୁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ନାଉଗାଁ,(ସ୍ୱ.ପ୍ର.): ନାଉଗାଁ ବ୍ଲକ ଅଲଇଣ୍ଡିଆ କିଷାନ କ୍ଷେତ ମଜଦୁର ସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ବ୍ଲକର ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ବିଡିଓ ରଶ୍ମିରେଖା ମଲିକଙ୍କୁ ପ୍ରଦାନ କରାଯାଇଛି। ଦାବିଗୁଡିକ ମଧ୍ୟରେ ବନ୍ୟା ଓ ଲଘୁଚାପ ଜନିତ କ୍ଷତିଗ୍ରସ୍ତଚାଷୀଙ୍କୁ ଏକର ପିଛା ୨୦ ହଜାର ଟଙ୍କା କ୍ଷତିପୂରଣ, ଭାଗ ଚାଷୀଙ୍କୁ କ୍ଷତି ପୂରଣ ପାଇଁ ଉପଯୁକ୍ତ ବ୍ୟବସ୍ଥା, ଚାଷ ଜମିରୁ ଉଦବୃତ ଜଳ ନିଷ୍କାସନ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା, କୃଷି ଋଣ ଛାଡ କରିବା, ପ୍ରବାସୀ ଶ୍ରମିକଙ୍କ ପାଇଁ କାମ ଯୋଗାଣ, ନାଉଗାଁ ବ୍ଲକଠାରୁ ତହସିଲ ପର୍ଯ୍ୟନ୍ତ ପକ୍କା ରାସ୍ତା ନିର୍ମାଣ ଆଦି ଦାବି ରହିଛି।

## ସଂକ୍ଷେପରେ

### କରୋନାରେ ଆଉ ଜଣେ ମୃତ, ୫୭ ଆକ୍ରାନ୍ତ

ନୟାଗଡ ଅଫିସ,୭।୯: ନୟାଗଡ ଜିଲାରୁ ସୋମବାର ପୁଣି ୫୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୩୫୩୨ରେ ପହଞ୍ଚିଛି। ଅନ୍ୟପକ୍ଷେ ଜଣେ ୫୫ ବର୍ଷୀୟ ପୁରୁଷଙ୍କ କରୋନାରେ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଜିଲାରେ କରୋନା ମୃତ୍ୟୁ ସଂଖ୍ୟା ୧୪ରେ ପହଞ୍ଚିଛି। ଦିନକୁ ଦିନ ସଂକ୍ରମଣ ହାର ବଢୁଥିବାରୁ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି।

### ଏସ୍‌ଏନ୍ ଡିଗ୍ରୀ କଲେଜରେ ଖୋଲିଲା ସମ୍ମାନ ବିଷୟ

**ରଘୁନାଥପୁର,୭।୯(ଡି.ଏନ.ଏ.):** ରଘୁନାଥପୁର ବ୍ଲକ ଅଧୀନ ସ୍ୱାମୀ ଅରୁପାନନ୍ଦ ଡିଗ୍ରୀ କଲେଜରେ ଚଳିତ ବର୍ଷ ସମ୍ମାନ ବିଷୟ ଖୋଲାଯାଇଛି। ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟଙ୍କ ପତ୍ର ସଂଖ୍ୟା: ୪୬୯୯/୨୦୨୦ ନିର୍ଦ୍ଦେଶନାମା ଅନୁଯାୟୀ ଇତିହାସରେ ୩୨, ରାଜନୀତି ବିଜ୍ଞାନରେ ୩୨, ଓଡ଼ିଆରେ ୩୨ ଓ ଶିକ୍ଷା ସମ୍ମାନରେ ୩୨ଟି ସିଟରେ ନାମ ଲେଖାଇବା ପାଇଁ ବ୍ୟବସ୍ଥା ରହିଛି। ଏଥିନିମନ୍ତେ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଅଭିଭାବକ, ଛାତ୍ରୀଛାତ୍ର ଓ କଲେଜ ପକ୍ଷରୁ ଅଧକ୍ଷ ଦିଲୀପ କୁମାର ମହାନ୍ତି ଉଚ୍ଚ ଶିକ୍ଷା ବିଭାଗ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ରିଲିଫ୍ ଚାଉଳ ହଡ଼ପ ଅଭିଯୋଗ

**ଯାଜପୁର ଟାଉନ ୭।୯,(ଡି.ଏନ.ଏ.):** ଯାଜପୁର ବ୍ଲକ୍ ଅନ୍ତର୍ଗତ ଭୂଇଁପୁର ଗ୍ରାମ ପଞ୍ଚାୟତର ତାଳଗଡ଼ିଆ ଗ୍ରାମରେ ରିଲିଫ୍ ଚାଉଳ ହଡ଼ପ ହୋଇଥିବା ନେଇ ଜିଲାପାଳ ରଞ୍ଜନ କୁମାର ଦାସଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଉକ୍ତ ଗ୍ରାମରେ ୩ ଜଣ ଶିକ୍ଷକଙ୍କୁ ଏହି ଚାଉଳ ବଣ୍ଟନ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ଯେଉଁମାନେ କ୍ଷତିଗ୍ରସ୍ତ ସେମାନଙ୍କ ପାଖରେ ଚାଉଳ ପହଞ୍ଚି ପାରିନାହିଁ। ଏ ନେଇ ଗ୍ରାମବାସୀ ଦାୟିତ୍ୱରେ ଥିବା ୩ ଶିକ୍ଷକଙ୍କୁ ପଚାରିବାରୁ ସେମାନେ ଧମକ ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ମଧ୍ୟରେ ମହେନ୍ଦ୍ର ସାହୁ, ଭରତ ସାହୁ, ହୃଦୟ କୁମାର ସାହୁ, ରଞ୍ଜିବ କୁମାର ସାହୁ ପ୍ରମୁଖ ନ୍ୟାୟ ପାଇବା ସହ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ସମ୍ପୃକ୍ତ ୩ ଶିକ୍ଷକଙ୍କ ପରିଚୟ ମିଳି ପାରିନାହିଁ।

### ପ୍ରଶାସନ ବିରୋଧରେ କାଠକୋଟ ପଞ୍ଚାୟତବାସୀଙ୍କ ବିଦ୍ରୋହ

**କୁଜଙ୍ଗ,୭।୯(ଡି.ଏନ.ଏ.):** କୁଜଙ୍ଗ ବ୍ଲକର ବନ୍ୟା ପ୍ରଭାବିତ ପଞ୍ଚାୟତଗୁଡିକ ପ୍ରଶାସନର ଅବହେଳା ବିରୋଧରେ ବିଦ୍ରୋହ ଘୋଷଣା କରିଛନ୍ତି। ଫଳରେ କାଠକୋଟ ପଞ୍ଚାୟତବାସୀ କୁକୁରଖାଇ ସ୍ଲୁଇସଗେଟକୁ ରବିବାରଠାରୁ ବନ୍ଦ କରିଦେବାରୁ ପୁର୍ନବାର ଅଞ୍ଚଳରେ ପାଣିମାଡିଯାଇଛି। ଯଦ୍ୱାରା ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖବର ପାଇ ଜଗତ୍‌ସିଂହପୁର ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ, କୁଜଙ୍ଗ ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ, ବିଡିଓ ଅମିୟ କୁମାର ପଣ୍ଡା ପ୍ରମୁଖ ସୋମବାର ପହଞ୍ଚି ସ୍ଲୁଇସ ଗେଟ ଖୋଲିବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ମାତ୍ର ଜିଲା ପ୍ରଶାସନ ରିଲିଫ ବଣ୍ଟନରେ ଅବହେଳା ଓ ବନ୍ୟାପ୍ଲାବିତ ଲୋକଙ୍କୁ ଅଣ ଦେଖା କରୁଥିବାରୁ ଉପସ୍ଥିତ ଜନସାଧାରଣ ଜିଲା ପ୍ରଶାସନ ବିରୋଧରେ ନାରା ଦେଇଥିଲେ। ସେମାନେ ଅଭିଯୋଗ କରିଥିଲେଯେ, ଆମ ପଞ୍ଚାୟତ ପ୍ରଳୟଙ୍କରୀ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବାବେଳେ ଜିଲାପ୍ରଶାସନଠାରୁ କୌଣସି ସହାୟତା ମିଳିନାହିଁ। ଯଦି ଆମ୍ଭେମାନେ କୌଣସି ସହଯୋଗ ପାଇନାହୁଁ, ତାହେଲେ ଆମେ ଯେଉଁ ପାଣି ଘେରରେ ଥିଲୁ ଗେଟ ପକାଇ ସେଇ ପାଣି ଘେରରେ ରହିବାକୁ ଉଚିତ ମନେକରୁଛୁ। ଶେଷରେ ଉପସ୍ଥିତ ଅଧିକାରୀମାନେ ଜିଲାପାଳଙ୍କୁ ବନ୍ୟା କ୍ଷୟକ୍ଷତି ସମ୍ପର୍କରେ ଅବଗତ କରାଇ ବିହିତ ପଦକ୍ଷପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଉପଜିଲାପାଳଙ୍କ ଉପସ୍ଥିତିରେ ସ୍ଲୁଇସ୍‌ଗେଟ୍ ଖୋଲାଯାଇ ପାଣି ନିଷ୍କାସନର ପଥ ସୁଗମ କରାଯାଇଥିଲା। କାଠକୋଟ ସରପଞ୍ଚ ମିହିର ରଞ୍ଜନ ପଟ୍ଟନାୟକ, ନିରଞ୍ଜନ ପଟ୍ଟନାୟକ, ଗ୍ରାମର ମୁରବି ପ୍ରମୋଦ ପ୍ରଧାନ, ଅମୁଲ୍ୟ ରାଉତ, ଶ୍ରୀକାନ୍ତ ଦାସ, ଜିତୁନା ପଣ୍ଡା ଓ ବାବୁ ପ୍ରସାଦ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବ୍ରାହ୍ମଣୀ, ବୈତରଣୀରେ ଅଟକିଛି ଏକାଧିକ ପ୍ରକଳ୍ପ

■ଚିରସ୍ରୋତା ଦାବିକୁ ବିତିଛି ୬ ଦଶନ୍ଧି
■ବନ୍ୟା ନିୟନ୍ତ୍ରଣ ପାଇ ଅଟକିଛି ଏକାଧିକ ପ୍ରତିଶ୍ରୁତି
■ବହୁ ଦୂରରେ ସମନ୍ୱିତ ନଦୀ ପରିଚାଳନା ଯୋଜନା, ବ୍ୟାରେଜ
■ନିୟନ୍ତ୍ରଣ ହୋଇପାରନ୍ତା ବନ୍ୟା ପରିସ୍ଥିତି


ବନ୍ୟା ସମୟରେ ବୈତରଣୀରେ ପ୍ରବାହିତ ହୋଇଥିବା ଜଳ।

**ଯାଜପୁର ଅଫିସ,୭।୯**

ଯାଜପୁର ଜିଲା ଦେଇ ବ୍ରାହ୍ମଣୀ, ବୈତରଣୀ, ବୁଢା, ଖରସ୍ରୋତା ଓ ବିରୂପା ଆଦି ନଦୀ ପ୍ରବାହିତ ହୋଇଛି। ବ୍ରାହ୍ମଣୀନଦୀକୁ ମୁଖ୍ୟତଃ ଚିରସ୍ରୋତା କରାଯିବା ପାଇଁ ୧୯୫୬ରୁ ଦାବି ହୋଇ ଆସୁଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇ ପାରୁନାହିଁ। ସେହିପରି ବନ୍ୟା ନିୟନ୍ତ୍ରଣ ପାଇଁ ସମନ୍ୱିତ ନଦୀ ପରିଚାଳନା ଯୋଜନା, ବ୍ୟାରେଜ ନିର୍ମାଣ ଆଦି ଯୋଜନା ମଧ୍ୟ ପ୍ରତିଶ୍ରୁତିରେ ଅଟକିଛି। ଏହାବାଦ ବେଆଇନ ବାଲିଖାଦାନ ସମେତ ଖଣି ଓ ଶିଳ୍ପସଂସ୍ଥାର ବର୍ଜ୍ୟବସ୍ତୁ ନଦୀଶଯ୍ୟାକୁ ପୋତି ଚାଲିଛି। ଏହାର ସମାଧାନ ପାଇଁ ଜିଲାର ବରୀ, ସୁଜନପୁର, ବିଞ୍ଝାରପୁର, ଜେନାପୁର ଅଞ୍ଚଳର ଲୋକମାନେ ସଂଗଠନ ମାଧ୍ୟମରେ ଦୀର୍ଘଦିନ ହେବ ଆନ୍ଦୋଳନ ଓ ଦାବି କରି ଆସୁଛନ୍ତି। ତେଣୁ ଆଗାମୀ ଦିନରେ ବନ୍ୟା ପରିସ୍ଥିତିରେ ନିୟନ୍ତ୍ରଣ କରିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତରଭାବେ ପଦକ୍ଷେପ ନେବାକୁ ସମ୍ପୃକ୍ତ ଅଞ୍ଚଳବାସୀ ଦାବି କରିଛନ୍ତି।

ବୈତରଣୀ ନଦୀର ଦକ୍ଷିଣ ପାର୍ଶ୍ୱ, ବ୍ରାହ୍ମଣୀ, ଖରସ୍ରୋତା ଓ ବୁଢା ନଦୀର ବାମପାର୍ଶ୍ୱ, ବିରୂପା ନଦୀର ଦକ୍ଷିଣପାର୍ଶ୍ୱରେ ସମୁଦାୟ ପ୍ରାୟ ୨୧୦ କି.ମି. ବନ୍ଧ ଓ ଅପର ପାର୍ଶ୍ୱରେ ୧୮୦ କି.ମି. ବନ୍ଧ ନିର୍ମାଣ ହୋଇଛି। କିନ୍ତୁ ଏହି ନଦୀବନ୍ଧଗୁଡିକର ଏ ଯାବତ ସୁଦୃଢୀକରଣ କରାଯାଇ ପାରିଲା ନାହିଁ। ବ୍ୟାପକ ଦୁର୍ନୀତି ଯୋଗୁ ବନ୍ୟାରେ ନିମ୍ନମାନର ବନ୍ଧଗୁଡିକରେ ଘାଇ ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଉଛି। ଚଳିତ ବର୍ଷ ବନ୍ୟାରେ ଏହି ଜିଲାରେ ୩୦ଟି ଛୋଟବଡ ଘାଇ ହୋଇଛି। ବନ୍ୟା ସୁରକ୍ଷିତ ଅଞ୍ଚଳକୁ ବନ୍ୟା ସମୟରେ ଅନ୍ୟୁନ୍ୟ ୨୪ ଫୁଙ୍କାର କରାଯାଇ କୃଷି ଉପଯୋଗୀ ଜମିକୁ ଉର୍ବର କରାଯାଇ ପାରନ୍ତା ବୋଲି ବନ୍ୟା ପ୍ରଭାବିତ ଅଞ୍ଚଳବାସୀ ପ୍ରସ୍ତାବ ଦେଇଛନ୍ତି। ସେହିଭଳି ନଦୀ ଉପତ୍ୟକା ଅଞ୍ଚଳକୁ ଅତିକ୍ରମରେ ୨୨ଟି ନାଳ ଦ୍ୱାରା ସଂଯୋଗୀ କରଣ କରାଗଲେ ବନ୍ୟାର ପ୍ରକୋପକୁ ଜିଲାରେ ହ୍ରାସ କରାଯାଇପାରନ୍ତା ବୋଲି ଦାବିପତ୍ର ଦ୍ୱାରା ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବନ୍ୟା ସମୟର ପାଣି ସମୁଦ୍ରକୁ ବହିଯାଉଥିବାରୁ ଖରସ୍ରୋତା, ବୁଢା, ବ୍ରାହ୍ମଣୀ, ବୈତରଣୀ ନଦୀର ତଳମୁଣ୍ଡରେ ଅନ୍ତତଃ ୪ଟି ଲେଖାଏ ଚେକଡ୍ୟାମ କରାଯିବାକୁ ବହୁ ଦିନରୁ ଦାବି ହୋଇଆସୁଛି। ଏ ଦିଗରେ ୨୦୦୨ ମସିହାରୁ କେନ୍ଦ୍ର ସରକାର ଏକ ଯୋଜନା ପ୍ରସ୍ତୁତ କରିଛନ୍ତି। କିନ୍ତୁ ତାହାକୁ କାର୍ଯ୍ୟକାରୀ କରିବାରେ ରାଜନୈତିକ ଇଚ୍ଛାଶକ୍ତି ନ ଥିବା ଦୁଃଖର ବିଷୟ। ବ୍ରାହ୍ମଣୀ ନଦୀର ଉପରମୁଣ୍ଡରେ କାର୍ଯ୍ୟକାରୀ ହେଉଥିବା ରେଙ୍ଗାଲି ଡ୍ୟାମ ଦ୍ୱାରା ଜିଲାଟି ସମ୍ପୂର୍ଣ୍ଣ ରୂପେ ଉପକୃତ ହୋଇ ପାରି ନାହିଁ। ବନ୍ୟାର ପ୍ରକୋପରୁ ଜିଲାକୁ ରକ୍ଷା କରିବା ପାଇଁ ପୋତି ହୋଇ ପଡିଥିବା ବ୍ରାହ୍ମଣୀ ନଦୀର ଶଯ୍ୟାକୁ ଖୋଳା ଯାଇ ସୁନାବ୍ୟା କରାଯାଇ ପାରିଲା ନାହିଁ। ସରକାରୀ ଅନୁଦାନର ଉପଯୁକ୍ତ ବିନିଯୋଗ ହୋଇ ନ ପାରିବାରୁ ତାହା ସମ୍ଭବ ହୋଇ ପାରିଲା ନାହିଁ। ବ୍ରିଟିଶ ଅମଳରୁ ବ୍ରାହ୍ମଣୀ ନଦୀ ଉପରେ ଜେନାପୁରଠାରେ ନିର୍ମିତ ଆନିକଟ ସମ୍ପୂର୍ଣ୍ଣ ପୋତି ହୋଇ ପଡିଥିଲେ ହେଁ ସରକାର ଏଥିପ୍ରତି ଦୃଷ୍ଟି ଦେଇ ନାହାନ୍ତି। ତେବେ ବ୍ରାହ୍ମଣୀ ନଦୀର ବିକାଶ ପାଇଁ ଜଳ ସମ୍ପଦ ବିଭାଗ କମିଶନର ଦେଇଥିବା ପ୍ରତିଶ୍ରୁତି ବ୍ରାହ୍ମଣୀ ନଦୀକୁ ଚିରସ୍ରୋତା କରିବା, ବ୍ରାହ୍ମଣୀ ଓ କେଲୁଅ ନଦୀର ଜେନାପୁରଠାରୁ କାଇପଡା ମଧ୍ୟରେ ୪ଟି ବ୍ୟାରେଜ ନିର୍ମାଣ ଆଦି ଅସମାହିତ ରହିଛି। ଖରସ୍ରୋତା ସୁରକ୍ଷା କମିଟିର ଆବାହକ ହରେକୃଷ୍ଣ ପଣ୍ଡା କୁହନ୍ତି, ବ୍ରାହ୍ମଣୀ ବଞ୍ଚାଅ ଆନ୍ଦୋଳନ ଜରିଆରେ ଯାଜପୁର, ରସୁଲପୁର, ଧର୍ମଶାଳା, ବରୀ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, ଆଳି, ରାଜକନିକା ଅଞ୍ଚଳର ଶତାଧିକ ବୁଦ୍ଧିଜୀବୀ, ସାମାଜିକ କର୍ମୀ, ରାଜନେତା ଓ ସ୍ଥାନୀୟ ସରପଞ୍ଚ ପ୍ରମୁଖ ସାମିଲ ହୋଇ ବ୍ରାହ୍ମଣୀକୁ ଚିରସ୍ରୋତା କରିବା ନେଇ ଆନ୍ଦୋଳନ କରି ଆସୁଛନ୍ତି। ମାତ୍ର ଏଥିପ୍ରତି ଯେପରି ରାଜ୍ୟ ସରକାର ଅବହେଳା ପ୍ରଦର୍ଶନ କରୁଛନ୍ତି। ଏମ୍‌ପିମାନେ ଏହି ଦାବିକୁ ନେଇ କେନ୍ଦ୍ରରେ ଉପସ୍ଥାପନ କରି ନ ପାରିବା ଦୁଃଖର ବିଷୟ। ଏ ସଂକ୍ରାନ୍ତରେ ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଚଣ୍ଡେଶ୍ୱର ବେହେରା କହିଛନ୍ତି, ବ୍ରାହ୍ମଣୀ ନଦୀର ଜେନାପୁର ଓ ଜୋକଡିଆ ଏବଂ ବୈତରଣୀ ନଦୀର ବୁଢା ଓ ଯାଜପୁରଠାରେ ବ୍ୟାରେଜ ନିର୍ମାଣ ପ୍ରସ୍ତାବ ରହିଛି। ଏଥିପାଇଁ ସର୍ଭେ କରିବାକୁ ପ୍ରସ୍ତୁତି ଚାଲିଛି। ଏହିସବୁ ବ୍ୟାରେଜ ନିର୍ମାଣ ହେଲେ ଆଗାମୀ ଦିନରେ ବନ୍ୟା ପରିସ୍ଥିତିକୁ କିଛିମାତ୍ରାରେ ନିୟନ୍ତ୍ରଣ କରାଯାଇପାରିବ।

## କେନ୍ଦ୍ରାପଡ଼ାରେ ୫୪ ହଜାର ହେକ୍ଟର ଫସଲ ନଷ୍ଟ


କେନ୍ଦ୍ରାପଡ଼ା-ଗୋବିନ୍ଦପୁରରେ ପଚି ଯାଇଥିବା ଧାନ ଗଛ ଦେଖାଉଛନ୍ତି ଚାଷୀ।

**ବର୍ଷା ଓ ବନ୍ୟା ଉଜାଡିଲା ଚାଷ**
■ଏବେ ବି ୩ ବ୍ଲକର କ୍ଷେତରେ ବନ୍ୟା ଜଳ
■ଚାଷୀ ଏବେ ବିଦେଶମୁହାଁ
■ସରକାରୀ ଅବ୍ୟବସ୍ଥା, ଦୁର୍ନୀତିକୁ ଦାୟୀ କଲେ କୃଷକ ନେତା

**କେନ୍ଦ୍ରାପଡା ଅଫିସ, ୭।୯**

ଲଘୁଚାପଜନିତ ବର୍ଷା ପରେ ହୋଇଥିବା ବନ୍ୟା କେନ୍ଦ୍ରାପଡା ଜିଲା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ଜିଲାର ୫୪,୦୫୦ ହେକ୍ଟର ଜମିରେ ହୋଇଥିବା ଧାନ ଓ ଅନ୍ୟାନ୍ୟ ଫସଲକୁ ନଷ୍ଟ କରିଦେଇଛି। ରାଜକନିକା, ଆଳି, ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକ ଅଞ୍ଚଳରେ ଏବେ ବି ବିଲରେ ବନ୍ୟାପାଣି ଜମି ରହିଥିବାରୁ ଚାଷୀମାନେ ଜୀବନଜୀବିକା ଚିନ୍ତାରେ ଦିନରାତି ଘାରି ହେଉଛନ୍ତି। କରୋନା ମହାମାରୀ ପରଠୁ ହଜାର ହଜାର ପ୍ରବାସୀ ନିଜ ଜିଲାକୁ ଫେରିଆସି ଚାଷରେ ମନ ଦେଇଥିଲେ । ଏବେ ଫସଲ ନଷ୍ଟ ହୋଇଯାଇଥିବାରୁ ପୁଣି ପ୍ରବାସକୁ ଫେରିବାକୁ ମନ ବଳାଇଛନ୍ତି ।

ଜିଲା ଜରୁରିକାଳୀନ ବିଭାଗ ତଥ୍ୟ ଅନୁଯାୟୀ, ଉପରୋକ୍ତ ୫ ବ୍ଲକ ଅଞ୍ଚଳରେ ଖରିଫ ଚାଷ ଅଧିକ କ୍ଷତି ହୋଇଛି । ଏ ସମ୍ପର୍କରେ ଆଳି ଗୋବିନ୍ଦପୁର ଗ୍ରାମର ସର୍ବେଶ୍ୱର ଭୂୟାଁ କହିଛନ୍ତି, ୨୦୧୧ ପରେ ଚଳିତ ବର୍ଷର ବନ୍ୟା ମାତ୍ରାଧିକ ଭାବେ ଚାଷକୁ ନଷ୍ଟ କରିଛି । ପ୍ରାୟ ୨୦ ଏକର ଜମିରେ ଖରିଫ ଧାନ ଚାଷ ଓ ଖରସ୍ରୋତା ନଦୀ ପଠାରେ ପ୍ରାୟ ୪ ଏକର ଜମିରେ ପନିପରିବା ଚାଷ କରିଥିଲି। ଗତ ଲଗାଣ ବର୍ଷା କିଛି ପରିମାଣରେ ଫସଲ ନଷ୍ଟ କରିଥିବାବେଳେ ବନ୍ୟା ପାଣି ୧୫ରୁ ଅଧିକ ଦିନ ଧରି ବିଲରେ ଜମି ରହିଥିବାରୁ ଧାନଗଛ ପଚି ନଷ୍ଟ ହୋଇଛି। ପଟ୍ଟାମୁଣ୍ଡାଇ ବ୍ଲକ ରାଉଳିଆଡ଼ିଆ ଗ୍ରାମର ସୁଶାନ୍ତ ଜେନା କୁହନ୍ତି, ଜିଲାରେ କୌଣସି କର୍ମ ନିଯୁକ୍ତି ସୁଯୋଗ ନ ଥିବାରୁ ସୁରଟ ଯାଇ ସୂତା କଳରେ ଚାକିରି କରୁଥିଲି। କରୋନା ପାଇଁ ତାଲାବନ୍ଦ ହେବାରୁ ଏପ୍ରିଲ୍‌ରେ ଘରକୁ ଫେରି ପାଖରେ ଥିବା କିଛି ଟଙ୍କା ଓ ଆଉ କିଛି ହାତଉଦ୍ଧାରି ଆଣି ଖରିଫ ଚାଷ ଆରମ୍ଭ କରିଥିଲି। ହେଲେ ବନ୍ୟା ସବୁ ଧୋଇନେଲା। ଋଣ ଶୁଝିବା ପାଇଁ ପୁଣିଥରେ ସୁରଟ ଯିବାକୁ ହେବ ବୋଲି ସେ କ୍ଷୋଭର ସହ କହିଛନ୍ତି। ରାଜନଗର ବ୍ଲକ ହାତିଆ ଗ୍ରାମର ସୁଦର୍ଶନ ସାମଲ କୁହନ୍ତି, ଧାନ ସହିତ ଖୋଟ ଚାଷରେ ଟଙ୍କା ଖର୍ଚ୍ଚ କରିଥିଲି। ବନ୍ୟାରେ ସବୁ ଫସଲ ନଷ୍ଟ ହୋଇଥିବାରୁ ବର୍ଷକ ଚଳିବା ପାଇଁ ସମସ୍ୟା ହେବ ।

କୃଷକ ନେତା ଗୟାଧର ଧଳ କେନ୍ଦ୍ରାପଡ଼ା ଜିଲାରେ ଏ ପରିସ୍ଥିତି ପାଇଁ ସରକାରୀ ଅବ୍ୟବସ୍ଥା ଓ ଦୁର୍ନୀତିକୁ ଦାୟୀ କରିଛନ୍ତି। ବନ୍ୟା ଓ ମରୁଡିରୁ ବଞ୍ଚିବା ପାଇଁ କେନ୍ଦ୍ରାପଡା ଜିଲାରେ କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ। ଜଳ ନିଷ୍କାସନ ବ୍ୟବସ୍ଥା ପାଇଁ ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ ଜିଲାର ୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଚଳିତ ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ତୁରନ୍ତ ତଦନ୍ତ କରି ଚାଷୀଙ୍କୁ କ୍ଷତିପୂରଣ ଦିଆ ନ ଗଲେ ଆନ୍ଦୋଳନ ହେବ ବୋଲି ଧଳ କହିଛନ୍ତି । ଜିଲା କୃଷି ଉପନିର୍ଦ୍ଦେଶକ ଅଶୋକ ମହାସୁଆର କହିଛନ୍ତି ଯେ, ବନ୍ୟାରେ କ୍ଷତି ହୋଇଥିବା ଚାଷର ଆକଳନ କରାଯାଉଛି । ସମସ୍ତ ବ୍ଲକରୁ ସବିଶେଷ ତଥ୍ୟ ମିଳିବା ପରେ ରାଜ୍ୟ ସରକାରଙ୍କୁ ଏନେଇ ଜଣାଇ ଦିଆଯିବ। ଏହା ପରେ ଚାଷୀଙ୍କୁ କ୍ଷତିପୂରଣ ମିଳିବ ବୋଲି ମହାସୁଆର କହିଛନ୍ତି ।

## ତମ୍ବା ସ୍କ୍ରାପ ସହ ପିକ୍‌ଅପ ଭ୍ୟାନ ଜବତ, ୨ ଗିରଫ

**ଧର୍ମଶାଳା,୭।୯(ଡି.ଏନ.ଏ.)**

ଧର୍ମଶାଳା ଥାନା ପୋଲିସ ଲକ୍ଷାଧିକ ଟଙ୍କାର ଚୋରା ତମ୍ବା ସ୍କ୍ରାପ ବୋଝେଇ ପିକଅପ ଭ୍ୟାନ ଜବତ କରିବା ସହିତ ୨ଜଣଙ୍କୁ ଗିରଫ କରିଛି। ସୂଚନା ଅନୁସାରେ, ଜେନାପୁର ଥାନା ରାଇଛନ୍ଦା ଅଞ୍ଚଳରୁ ଏକ ପିକଅପ ଭ୍ୟାନ ୨ କୁଇଣ୍ଟାଲ ୬୦ କେଜି ତମ୍ବା ସ୍କ୍ରାପ ବୋଝେଇ କରି ଟାଙ୍ଗି ଭଟିମୁଣ୍ଡା ଅଞ୍ଚଳକୁ ଯାଉଥିଲା। ଏସମ୍ପର୍କରେ ପୋଲିସ ଖବର ପାଇ ଚଣ୍ଡିଖୋଲ ନିକଟରୁ ତମ୍ବା ବୋଝେଇ ପିକଅପ ଭ୍ୟାନକୁ ଜବତ କରିଥିଲା। ଘଟଣାରେ ସମ୍ପୃକ୍ତ ରାଇଛନ୍ଦା ଅଞ୍ଚଳର ପିକଅପ ଭ୍ୟାନ ଡ୍ରାଇଭର ଶିବ ମହ୍ଲ ଓ ଚୋରା ବ୍ୟବସାୟୀ କାଳିଆ ପ୍ରଧାନକୁ ଗିରଫ କରିଥିଲା। ଏନେଇ ଏକ ମାମଲା ରୁଜୁ କରି ଡ୍ରାଇଭର ଶିବଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି। ଜବତ ତମ୍ବା ସ୍କ୍ରାପର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଇଛି।

## ଓଲଟିଲା ଆମ୍ବୁଲାନ୍ସ, ୫ ଆହତ

**ଆଳି,୭।୯(ଡି.ଏନ.ଏ.)**

କଟକରୁ ଜଣେ ନାବାଳିକାଙ୍କ ମୃତଦେହ ଆଣୁଥିବା ଏକ ଆମ୍ବୁଲାନ୍ସ ଭାରସାମ୍ୟ ହରାଇ ଆଳି ଡାକବଙ୍ଗଳା ଛକ ନିକଟରେ ସୋମବାର ସକାଳେ ରାସ୍ତା ତଳକୁ ଓଲଟି ପଡିଛି। ଫଳରେ ଆମ୍ବୁଲାନ୍ସ ଡ୍ରାଇଭର ଅବଦୁଲ ଅଲ୍ଲୀ(୩୨)ଙ୍କ ସମେତ ବିଷ୍ଣୁ ମହାକୁଡ(୪୨), ତାଙ୍କ ପୁଅ ଦେବବ୍ରତ ମହାକୁଡ(୨୨), ବିଷ୍ଣୁମୋହନ ମହାକୁଡ(୪୫) ଓ ନିରଞ୍ଜନ ମହାକୁଡ ଆହତ ହୋଇଛନ୍ତି। ଖବର ପାଇ ଆଳି ଦମକଳ ବାହିନୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଆଳି ଥାନା ଆଇଆଇସି ସଲିଲ ପ୍ରଧାନ, ଏସଆଇ ସୌମ୍ୟରଞ୍ଜନ ପାଣିଗ୍ରାହୀ ଓ ଏଏସଆଇ ଦେବେନ୍ଦ୍ର ବେହେରା ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଅନୁଯାୟୀ, ଚାନ୍ଦବାଲି ଥାନା ଅଧୀନ ମାଳିସାହି ଗ୍ରାମର ବିଷ୍ଣୁ ମହାକୁଡଙ୍କ ଝିଅ ତୁଳସୀ ଡାଇରିଆରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ବେଳେ ମୃତ୍ୟୁବରଣ କରିଥିଲେ। ଝିଅ ମୃତଦେହକୁ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ଆଣୁଥିଲେ। ଏହି ସମୟରେ ଏପରି ଦୁର୍ଘଟଣା ଘଟିଥିଲା।



ରାସ୍ତା କଡ଼କୁ ଓଲଟି ପଡ଼ିଥିବା ଆମ୍ବୁଲାନ୍ସ।

## ବିପନ୍ନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ ବେଳେ ଗଣ୍ଡଗୋଳ

**ଉଭୟ ପକ୍ଷରୁ ଥାନାରେ ଅଭିଯୋଗ**

**ଯାଜପୁର ଅଫିସ,୭।୯**

ବରୀ ବ୍ଲକ ଅନ୍ୟାସୀପୁର ପଞ୍ଚାୟତ ସରକାରୀ ପ୍ରାଥମିକ ନୋଡାଲ ବିଦ୍ୟାଳୟ ପରିସରରେ ସୋମବାର ରନ୍ଧାଖାଦ୍ୟ ବଣ୍ଟନକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇଛି। ଏଥିରେ ୪ଜଣ ଆହତ ହୋଇଥିବା ସୂଚନା ମିଳିଛି। ଘଟଣାକୁ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି।

ସୂଚନା ଅନୁସାରେ, ବନ୍ୟା ବିପନ୍ନଙ୍କୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଥିବାବେଳେ ସେହି ଗ୍ରାମର ଅଜୟ ମଲ୍ଲିକ ଖାଦ୍ୟ ଠିକ ଭାବେ ବଣ୍ଟନ କରାଯାଉ ନାହିଁ ବୋଲି ଅଭିଯୋଗ କରିଥିଲେ। ଘଟଣା ସ୍ଥଳରେ ରନ୍ଧା ଖାଦ୍ୟ ବଣ୍ଟନ ଦାୟିତ୍ୱରେ ଥିବା ସ୍ଥାନୀୟ ସରପଞ୍ଚ କ'ଣ ତ୍ରୁଟି ହୋଇଛି ବୋଲି ପଚାରିବାରୁ ଅଜୟ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ସେଠାରେ ଉପସ୍ଥିତ ଥିବା ସରପଞ୍ଚଙ୍କ ସମର୍ଥକମାନେ ଏହାକୁ ବିରୋଧ କରିବା ସହିତ ବିଶୃଙ୍ଖଳା ସୃଷ୍ଟି ନ କରିବାକୁ ଅନୁରୋଧ କରିଥିଲେ। ତେବେ ଏହା ପ୍ରଶମିତ ହେବା ବଦଳରେ ଉତ୍ତେଜନା ବୃଦ୍ଧି ପାଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏନେଇ ଉଭୟ ପକ୍ଷରୁ ବରୀ ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଆହତ ଜଗନଜିତ ମଲ୍ଲିକ, କଇନ ମଲ୍ଲିକ, ରୁକ୍ମିଣୀ ମଲ୍ଲିକ, ଅଜୟ ମଲ୍ଲିକଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତ କରାଯାଇଥିବା ଜଣାପଡିଛି। ଏ ବିଷୟରେ ବରୀ ଥାନାଧିକାରୀ ଅଜୟ କୁମାର ଜେନା କୁହନ୍ତି, ଉଭୟ ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି, ଅଭିଯୋଗ ପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ କରି ଫେରିଛି। ପରବର୍ତ୍ତୀ ସମୟରେ ସେଠାରେ କୌଣସି ପ୍ରକାର ବିଶୃଙ୍ଖଳା ଯେପରି ସୃଷ୍ଟି ନ ହୁଏ ସେଥିପ୍ରତି ପୋଲିସ ପ୍ରଶାସନ ତରଫରୁ ନଜର ରଖାଯାଇଛି।

## ପୋଲିସ ନିଷ୍କ୍ରିୟତା ପ୍ରତିବାଦରେ ଧାରଣା

**ଲକ୍ଷ୍ମୀପ୍ରିୟା ହତ୍ୟା ମାମଲା**
■ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ

**ଜଗତ୍‌ସିଂହପୁର ଅଫିସ,୭।୯**

ଏରସମା ଥାନା ଗୋଡ଼ା ପଞ୍ଚାୟତ ଆଉରୀ (ବୀରକିଶୋରପୁର) ଗ୍ରାମରେ ଲକ୍ଷ୍ମୀପ୍ରିୟା ପ୍ରଧାନ ନାମ୍ନୀ ମହିଳାଙ୍କୁ ୨୪।୮।୨୦ରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଲକ୍ଷ୍ମୀପ୍ରିୟାଙ୍କ ବାପା ତଥା ଏହି ଥାନା କୁଞ୍ଜକୋଠି ଗ୍ରାମର ସମୀର ପ୍ରଧାନଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ସଂଖ୍ୟା ୧୫୮/୨୦) ରୁଜୁ କରିଥିଲା। ଲକ୍ଷ୍ମୀପ୍ରିୟାଙ୍କ ବାପଘର ଲୋକେ ତାଙ୍କ ସ୍ୱାମୀ ତଥା ବୀରକିଶୋରପୁର (ଆଉଁରୀ)ର ବାବୁଲି ଜେନାଙ୍କୁ ଧରି ପୋଲିସ ଜିମା ଦେଲାପରେ ତାଙ୍କୁ ଗିରଫ ଦର୍ଶାଯାଇଥିଲା। କିନ୍ତୁ ଅନ୍ୟ ଅଭିଯୁକ୍ତଙ୍କୁ ପୋଲିସ ଏ ପର୍ଯ୍ୟନ୍ତ ଗିରଫ କରୁନାହିଁ ବରଂ ମାମଲାକୁ ଦୁର୍ବଳ କରିବା ପାଇଁ ଏରସମା ଆଇଆଇସି ଅପଚେଷ୍ଟା କରୁଛନ୍ତି। ଏଭଳି ସଙ୍ଗୀନ ଅଭିଯୋଗ କରିଛନ୍ତି ଲକ୍ଷ୍ମୀପ୍ରିୟାଙ୍କ ବାପା ଓ କୁଞ୍ଜକୋଠି ଗ୍ରାମର ଏକାଧିକ ବ୍ୟକ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ସହ ଆଇଆଇସିଙ୍କ ନିଷ୍କ୍ରିୟତା ପ୍ରତିବାଦରେ ସେମାନେ ସୋମବାର ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଅଭିଯୁକ୍ତଙ୍କ ତରଫରୁ ଲକ୍ଷ୍ମୀପ୍ରିୟାଙ୍କ ମା, ବାପା ଓ ପିଲାଙ୍କ ଜୀବନ ପ୍ରତି ବିପଦ ଅଛି, ତେଣୁ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରିଛନ୍ତି। ଧାରଣାସ୍ଥଳରେ ପୋଲିସ ଅଧିକାରୀମାନେ ପହଞ୍ଚି ଆଲୋଚନା କରିବା ସହ ନିର୍ଭର ପ୍ରତିଶ୍ରୁତି ଦିଆଯିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ଆନ୍ଦୋଳନକାରୀ କହିଛନ୍ତି। ତଥାପି ଯଦି ୩ ସପ୍ତାହ ମଧ୍ୟରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରା ନ ଯାଏ ତେବେ ସେମାନେ ବାଧ୍ୟ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି କହିଛନ୍ତି। ଏ ସମ୍ପର୍କରେ ଏରସମା ଥାନା ଅଧିକାରୀ ପ୍ରଶାନ୍ତ କୁମାର ମାଝୀ କହିଛନ୍ତି, ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ତଦନ୍ତ ଜାରି ରହିଛି। ପ୍ରାମଣ ମିଳିଲେ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ସାର, କୀଟନାଶକ ମୂଲ୍ୟ ବୃଦ୍ଧି ନେଇ ବିକ୍ଷୋଭ

**ନାଉଗାଁ,୭।୯(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଅଞ୍ଚଳରେ ସାର ଓ କୀଟନାଶକ ଚଢ଼ା ଦରରେ ବିକ୍ରି ହେଉଛି। ସରକାରୀ ଅଧିକୃତ ଦୋକାନୀ ସାର ଓ କୀଟନାଶକ ମହଜୁଦ ନ ଥିବା ଦର୍ଶାଇ କଳାବଜାରରେ ବିକ୍ରି କରୁଛନ୍ତି। ଅନ୍ୟ ଦୋକାନୀ ମନଇଚ୍ଛା ଦାମ ନେଉଛନ୍ତି। ଏନେଇ ଗତ ୪ ତାରିଖରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ବ୍ଲକ କୃଷି ଅଧିକାରୀ ଓ ଜିଲା ଉପକୃଷି ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କିନ୍ତୁ କିଛି ସୁଫଳ ମିଳିଲା ନାହିଁ। ଫଳରେ ଏହାକୁ ନେଇ ସୋମବାର ନବନିର୍ମାଣ କୃଷକ ସଙ୍ଗଠନ ଓ ଚାଷୀଙ୍କ ପକ୍ଷରୁ ବ୍ଲକ କୃଷି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କାର୍ଯ୍ୟାଳୟକୁ ଅଚଳ କରି ଦିଆଯାଇଥିଲା।



ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ନାଉଗାଁ ବ୍ଲକ କୃଷି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ସାର ଓ କୀଟନାଶକର ଉଚିତ ମୂଲ୍ୟ ଧାର୍ଯ୍ୟ କରିବା, କୃଷି ଅଧିକାରୀ କୃଷିକ୍ଷେତ୍ର ପରିଦର୍ଶନ କରିବା ସମୟରେ ଚାଷୀଙ୍କୁ ଭେଟି ଦସ୍ତଖତ ସଂଗ୍ରହ କରିବା, ଉଚିତ ସମୟରେ କୃଷି ଅଧିକାରୀ କାର୍ଯ୍ୟାଳୟକୁ ଆସନ୍ତୁ ଓ ଚାଷୀଙ୍କ ଫୋନକୁ ଗ୍ରହଣ କରନ୍ତୁ ଆଦି ଦାବି ନେଇ ବିକ୍ଷୋଭ କରାଯାଇଥିଲା। ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲା ସଂଯୋଜକ ଅଶୋକ ସ୍ୱାଇଁ, ବ୍ଲକ ସଂଯୋଜକ କୈଳାସ ପରିଡା, ଜିଲା କମିଟି ସଦସ୍ୟ ପ୍ରଫୁଲ୍ଲ ପରିଡା ଓ କେଦାର ମହାନ୍ତିଙ୍କ ସମେତ ୪୦ରୁ ଊର୍ଦ୍ଧ୍ୱ ଚାଷୀ ବିକ୍ଷୋଭରେ ସାମିଲ ହୋଇଥିଲେ। ପରେ ନବନିର୍ମାଣ କୃଷକ ସଙ୍ଗଠନ କର୍ମକର୍ତ୍ତାଙ୍କୁ ନେଇ ବ୍ଲକ ଆତ୍ମା କମିଟି ଚେୟାରମ୍ୟାନ ବସନ୍ତ ପାଢୀ, ବ୍ଲକ ଅଧକ୍ଷ ଜଗନ୍ନାଥ ଦାସ, ଥାନାଧିକାରୀ ଭରତ ବେହେରା, କୃଷି ଅଧିକାରୀ ନିର୍ମାଲ୍ୟ ନାୟକ, ତୁଷାର କାନ୍ତ ସ୍ୱାଇଁ ଆଲୋଚନା କରିଥିଲେ। ସାର ଓ କୀଟ ନାଶକ କଳାବଜାର ରୋକିବା ପାଇଁ ଏକ ଟିମ ଗଠନ କରାଯିବ। ଉକ୍ତ ଟିମ ସରକାରୀ ଅଧିକୃତ ଦୋକାନୀ ଗୁଡିକୁ ଯାଞ୍ଚ କରିବା ସହ କଳା ବଜାରରେ ବିକ୍ରି କରୁଥିବା ଦୋକାନୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କୁହାଯାଇଥିଲା। ସେହିପରି ଲଘୁଚାପ ଜନିତ ବର୍ଷାରେ କ୍ଷୟକ୍ଷତି ହୋଇଥିବା ଧାନ ଫସଲର ବ୍ଲକସ୍ତରୀୟ ରିପୋର୍ଟ ପ୍ରଦାନ କରାଯାଇଛି। ରିଲିଫ କମିଶନରଙ୍କଠାରୁ କୌଣସି ଫର୍ମାଟ ଆସିନାହିଁ। ଫର୍ମାଟ ଆସିଲେ ରାଜସ୍ୱ ବିଭାଗ ଦ୍ୱାରା ଗ୍ରାମ ଅନୁସାରେ ସର୍ଭେ କରାଯିବ। ଜିପିଏସ ମାଧ୍ୟମରେ ଚାଷୀଙ୍କୁ ନିଜ ଜମି ନିକଟରେ ଛିଡା କରାଯାଇ ଫଟୋ ଉଠାଯିବା ପରେ କ୍ଷତିପୂରଣ ଦିଆଯିବ ବୋଲି ସଂଗଠନ କର୍ମକର୍ତ୍ତା ଓ ଚାଷୀଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଧରିତ୍ରୀ
DHARITRI
ମଙ୍ଗଳବାର, ୮ ସେପ୍ଟେମ୍ବର,୨୦୨୦

## ଆଇଟିଡିଏ ଦୁର୍ନୀତିର ତଦନ୍ତ ଦାବିରେ ଧାରଣା

ସୁନ୍ଦରଗଡ, (ଡି.ଏନ୍.ଏ.): ସୁନ୍ଦରଗଡ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ଜରିଆରେ ହୋଇଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ଓ ଆଦିବାସୀ ପିଲାଙ୍କ ସକାଶେ କୁଶଳୀ ତାଲିମ ନାଁରେ କରାଯାଇଥିବା ଦୁର୍ନୀତିର ତଦନ୍ତ ଦାବି କରି ସୋମବାର ସୂଚନା ଅଧିକାର କର୍ମୀ ସୁଶୀଳ ଗୁପ୍ତାଙ୍କ ନେତୃତ୍ୱରେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି ।



## ସଂକ୍ଷେପରେ

### ୨ ହଜାର ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା

**ଢେଙ୍କାନାଳ ଅଫିସ,୭।୯:** ଢେଙ୍କାନାଳ ଜିଲାରେ ସୋମବାର ୭୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୨୦୬୪ରେ ପହଞ୍ଚିଛି। ନୂଆ ଚିହ୍ନଟଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୩୦, କାମାକ୍ଷାନଗର ବ୍ଲକର ୩ ଓ ଏନ୍ଏସିର ୧, ଓଡାପଡା ବ୍ଲକର ୧୬, ସଦର ବ୍ଲକର ୧୨, ଭୁବନ ବ୍ଲକରେ ୧ ଓ ଏନ୍ଏସିର ୧, ହିନ୍ଦୋଳ ବ୍ଲକର ୫, କଙ୍କଡାହାଡ ବ୍ଲକର ୧, ପରଜଙ୍ଗ ବ୍ଲକର ୨ ଓ ଗଁଦିଆ ବ୍ଲକର ୨ଜଣ ରହିଛନ୍ତି। ଆକ୍ରାନ୍ତଙ୍କୁ ଜିଲା କୋଭିଡ ହସ୍ପିଟାଲ ସମେତ ବିଭିନ୍ନ ବ୍ଲକରେ ଥିବା କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି। ସେହିପରି ଜିଲାରେ ମୋଟ ୧୬୧୭ ଜଣ ଚିକିତ୍ସା ପରେ ସୁସ୍ଥ ହୋଇଛନ୍ତି।

### ଅନୁଗୋଳରେ ୨୩ ଚିହ୍ନଟ

**ଅନୁଗୋଳ ଅଫିସ, ୭।୯:** ଅନୁଗୋଳ ଜିଲାରୁ ସୋମବାର ୨୩ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୩୧୭ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କିଶୋରନଗର ବ୍ଲକରୁ ୫, ଅନୁଗୋଳ ପୌରାଞ୍ଚଳରୁ ୪, ପାଲଲହଡ଼ା ବ୍ଲକରୁ ୩, କଣିହାଁରୁ ୨, ବଅଁରପାଳରୁ ୩, ତାଳଚେରରୁ ୩ ଜଣ, ଛେଣ୍ଡିପଦାରୁ ୨, ଆଠମଲ୍ଲିକ ବ୍ଲକରୁ ଜଣେ ରହିଛନ୍ତି। ଲକ୍ଷଣଯୁକ୍ତଙ୍କୁ କୋଭିଡ୍ ମେଡିକାଲକୁ ପଠାଯାଇଥିବାବେଳେ ଲକ୍ଷଣ ବିହୀନଙ୍କୁ ଘରେ ଆଇସୋଲେଶନ୍‌ରେ ରହିବାର ବ୍ୟବସ୍ଥା କରାଯାଉଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆଉ ୧୦ ଜଣ ସୁସ୍ଥ ହୋଇଛନ୍ତି। ଜିଲାରେ ମୋଟ ସୁସ୍ଥଙ୍କ ସଂଖ୍ୟା ୬୩୮ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ୧୨ ଫୁଟର ଅହିରାଜ ଉଦ୍ଧାର

ଅନୁଗୋଳ ଅଫିସ, ୭।୯- ଅନୁଗୋଳ ଜିଲା ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପ ଅନ୍ତର୍ଗତ ଟିକରପଡା ଗ୍ରାମ ନିକଟ ଏକ ଫୋନ ଟାୱାର ପାଖରୁ ୧୨ ଫୁଟର ଏକ ଅହିରାଜ ସାପ ସୋମବାର ଉଦ୍ଧାର କରାଯାଇଛି। ଗ୍ରାମବାସୀ ସାପ ଦେଖି ବନ ବିଭାଗ କର୍ମଚାରୀ ଲକ୍ଷ୍ମଣ ମିର୍ଦ୍ଧା, ଅନୁଗୋଳର ସର୍ପମିତ୍ର ଆଦିତ୍ୟ ବେହେରାଙ୍କୁ ଯୋଗାଯୋଗ କରିଥିଲେ। ଆଦିତ୍ୟଙ୍କ ସମେତ ସଞ୍ଜୟ ବେହେରା, ସୁଶାନ୍ତ ସାହୁ ଓ ରବି କୁମାର ଘଟଣାସ୍ଥଳରେ ପହଞ୍ଚି ବନ ବିଭାଗ କର୍ମଚାରୀଙ୍କ ଉପସ୍ଥିତିରେ ସାପଟିକୁ ଉଦ୍ଧାର କରିଥିଲେ। ଟିକରପଡା ବନାଞ୍ଚଳ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏହାକୁ ନିକଟସ୍ଥ ପ୍ରାକୃତିକ ଆବାସସ୍ଥଳୀରେ ଛାଡି ଦିଆଯାଇଛି।

### ହୀରାକୁଦ ଡ୍ୟାମ୍ ଜଳସ୍ତର ୬୨୬.୧୯ ଫୁଟ

**ସମ୍ବଲପୁର, ୭।୯ (ବ୍ୟୁରୋ):** ସମ୍ବଲପୁର ହୀରାକୁଦ ଡ୍ୟାମର ଜଳସ୍ତର ସୋମବାର ସନ୍ଧ୍ୟା ୬ଟା ସୁଦ୍ଧା ୬୨୬.୧୯ ଫୁଟ ରହିଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୯୫ ହଜାର ୯୦୧ କ୍ୟୁସେକ ଜଳ ପ୍ରବେଶ କରୁଛି । ଡାହାଣ ପାର୍ଶ୍ୱର ୧ଟି ଓ ବାମ ପାର୍ଶ୍ୱର ୧ଟି ସ୍ଲୁଇସ୍ ଗେଟ, ବିଭିନ୍ନ କେନାଲ ଓ ପାୱାର ଚ୍ୟାନାଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରୁ ୫୧ ହଜାର ୪୩୩ କ୍ୟୁସେକ ଜଳ ନିଷ୍କାସନ ହେଉଛି । ମିଳିଥିବା ରିପୋର୍ଟ ଅନୁସାରେ ବେଲଗାଁରେ ୧୨ ହଜାର ୮୦୦, ପଥର୍ଲାରେ ୪୧ ହଜାର ୯୯୮, ଖଇରମାଲରେ ୯୦ ହଜାର, ବରମୁଲାରେ ୧ ଲକ୍ଷ ୧୮ ହଜାର ୫୦୦, ମୁଣ୍ଡଲିରେ ୧ ଲକ୍ଷ ୪୦ ହଜାର ୯୩୦ କ୍ୟୁସେକ ଜଳ ପ୍ରବାହିତ ହେଉଛି ।

# ହାତୀ ଚଲାପଥ ବନ୍ଦ ଦାବି

**ଢେଙ୍କାନାଳ ଅଫିସ, ୭।୯**

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଗୁଣ୍ଡୁଦେଇ ପଞ୍ଚାୟତରେ ଚିନ୍ତା ବଢ଼ାଇଛି ହାତୀ ଉପଦ୍ରବ। ଉକ୍ତ ଅଞ୍ଚଳ ଦେଇ ଯାଇଥିବା ୫୫ ନଂ ଜାତୀୟ ରାଜପଥ ସମ୍ପ୍ରସାରଣ ଚାଲିଥିବାବେଳେ ନିକଟସ୍ଥ ଗଇଲୋ ଛକଠାରେ ହାତୀ ଚଲାପଥନିର୍ମାଣ ହେବାକୁ ଯାଉଛି ।

- ୫ ବର୍ଷରେ ଗଲାଣି ୨୦ ଜୀବନ
- ପ୍ରଶାସନର ଦ୍ୱାରସ୍ଥ ଗୁଣ୍ଡୁଦେଇବାସୀ
- ଡିଏଫ୍ଓ ଅନୁଧ୍ୟାନ କରିବେ- ଜିଲାପାଳ



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ପଞ୍ଚାୟତବାସୀ।

ଏହି ହାତୀ ଯାତାୟାତ ପଥ ନିର୍ମାଣ ବନ୍ଦ କରିବାକୁ ଦାବି ପଞ୍ଚାୟତବାସୀ କରିଛନ୍ତି। ଏ ନେଇ ୧୧ ଦଫା ସମ୍ବଳିତ ଏକ ଦାବିପତ୍ର ଜିଲାପାଳ ଓ ଜିଲା ବନଖଣ୍ଡ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଅଭିଯୋଗ ଅନୁଯାୟୀ, ଜାତୀୟ ରାଜପଥ ନିକଟରେ ଥିବା ପଞ୍ଚାୟତର ଜନଗହଳି ସ୍ଥାନ ଗଇଲୋ ଛକରେ ହାତୀ ଉପଦ୍ରବ ଲାଗି ରହିଛି। ଗତ ୫ ବର୍ଷରେ ଏଠାରେ ହାତୀ ଆକ୍ରମଣରେ ୨୦ରୁ ଅଧିକ ଲୋକ ପ୍ରାଣ ହରାଇଛନ୍ତି। ୫୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବାବେଳେ ବହୁ ଏକର ଜମିରେ ଫସଲ ନଷ୍ଟ ହୋଇଛି। ଅଞ୍ଚଳବାସୀ ଆତଙ୍କିତ ରହୁଥିବାରୁ ସ୍କୁଲ, କଲେଜ ଯିବା ମଧ୍ୟ ବନ୍ଦ ହୋଇଯାଇଛି। ହାତୀ ଯାତାୟାତ ପଥ ନିର୍ମାଣ ହେଉଥିବା ସ୍ଥାନ ନିକଟରେ ବହୁ ଭୂମିହୀନଙ୍କୁ ଗୃହୋପଯୋଗୀ ଜମି ଦିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅନ୍ୟପକ୍ଷରେ ନିକଟରେ ରେଳଧାରଣା ଯାଇଥିବାରୁ ସେଠାରେ ହାତୀ ଚଲାପଥ ନିର୍ମାଣ ବିପଦ ସୃଷ୍ଟି କରିବ। ତେଣୁ ଏଥିପ୍ରତି ଦୃଷ୍ଟି ଦିଆଯାଇ ସମସ୍ୟା ସମାଧାନ କରାଯିବାକୁ ଅନ୍ତର୍ଯ୍ୟାମୀ ବରାଳ, ମହେନ୍ଦ୍ର କୁମାର ବରାଳ, ଧୀର ପୃଷ୍ଟି, ବିଜୟ କୁମାର ନାୟକ, ସୁବ୍ରତ କୁମାର ନାୟକ ଓ ଗ୍ରାମ ସଭାପତି କମ୍ବୁନାଥ ବରାଳ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କୁହନ୍ତି, ଅଭିଯୋଗ ପାଇଛୁ। ଡିଏଫ୍ଓଙ୍କୁ ମଧ୍ୟ ଅଭିଯୋଗକାରୀ ଜଣାଇଛନ୍ତି। ହାତୀ ଚଲାପଥ କେଉଁଠି ଠିକ୍ ଭାବେ ହୋଇପାରିବ ତାହାର ଅନୁଧ୍ୟାନ କରିବା ପାଇଁ ଡିଏଫ୍ଓଙ୍କୁ ଅବଗତ କରାଯାଇଛି।

## ଫଟୋରେ ଖବର



ଅନୁଗୋଳ ସହରରେ ଜଣେ ପିଲା ଶୋଲ ଉପରେ ବସିଥିବାବେଳେ ଅନ୍ୟଜଣେ ତାହାକୁ ଗାଡ଼ି ଭଳି ଆଗକୁ ଟାଣି ଖେଳୁଛନ୍ତି।

# 'ଜୀବନ ସହଜ କରିଛି ନାନୋ ମ୍ୟାଟେରିଆଲ'

**ଢେଙ୍କାନାଳ ଅଫିସ, ୭।୯**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସୋମବାର ରସାୟନ ବିଭାଗ ଆନୁକୂଲ୍ୟରେ ଜାତୀୟ ଭର୍ଚୁଆଲ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟର ସିଡିସି ନିର୍ଦ୍ଦେଶକ ପ୍ରଫେସର ନିଗମାନନ୍ଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ନାନୋ ମ୍ୟାଟେରିଆଲ ସମ୍ପର୍କରେ ଆଲୋଚନା କରିଥିଲେ। ଏକବିଂଶ ଶତାବ୍ଦୀରେ ନାନୋ ମାଟେରିଆଲର ବହୁଳ ବ୍ୟବହାର ଅନେକ ସମସ୍ୟାର ସମାଧାନ କରିଛି। ଶକ୍ତି, ପରିବେଶ, ଜୈବ ପ୍ରଯୁକ୍ତି ଆଦି ବିଭିନ୍ନ କ୍ଷେତ୍ରରେ ଏହାର ସଫଳ ପ୍ରୟୋଗ ଜୀବନ ଯାତ୍ରାକୁ ସୁଗମ ତଥା ସହଜ କରିପାରିଛି ବୋଲି ଅତିଥି ପ୍ରକାଶ କରିଥିଲେ। ରୁର୍କି ଆଇଟିଆଇର ପ୍ରଫେସର ପରିତୋଷ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୌରଶକ୍ତି କ୍ଷେତ୍ରରେ ନାନୋ ମ୍ୟାଟେରିଆଲର ପ୍ରୟୋଗ ସମ୍ପର୍କରେ ମହାରାଷ୍ଟ୍ର ଶିବାଜୀ ରାଓ ବିଶ୍ୱବିଦ୍ୟାଳୟ ପ୍ରଫେସର ସାଗର ଦେଲେକର ସୂଚନା ଦେଇଥିଲେ। ଅଧ୍ୟକ୍ଷା ପ୍ରଫେସର ରଶ୍ମି ମିଶ୍ର ପୌରୋହିତ୍ୟ କରିଥିଲେ। ଝାଡଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରତନ କୁମାର ଦେ, ଗୁଜରାଟ ସର୍ଦ୍ଦାର ପଟେଲ ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରଗ୍ନେଶ ଡାଭେ ନିଜ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଡ. ଦେବାଶିଷ ମହାନ୍ତିଙ୍କ ପରିଚାଳନାରେ ଏହି ପାଠଚକ୍ରରେ ପ୍ରାୟ ୩ ଶହ ଅଧ୍ୟାପିକା ଅଧ୍ୟାପକ, ଗବେଷକ, ଛାତ୍ର ଭାଗ ନେଇଥିଲେ ।

# ଚାଷୀଙ୍କୁ ମିଳିନି କ୍ଷତିପୂରଣ ସହାୟତା

**ବରଗଡ଼ ଅଫିସ୍,୭।୯**

ବରଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ ଗତ ଏପ୍ରିଲ ମାସରେ କୁଆପଥର ବୃଷ୍ଟି ହୋଇଥିଲା । ଏଥିରେ ଅଞ୍ଚଳର ଚାଷୀଙ୍କ ବ୍ୟାପକ ଫସଲକ୍ଷତି ହୋଇଥିଲା । ମାତ୍ର ଜିଲାର ଅନେକ ଚାଷୀଙ୍କୁ ଏପର୍ଯ୍ୟନ୍ତ କ୍ଷତିପୂରଣ ସହାୟତା ମିଳି ପାରିନାହିଁ । ବରଗଡ଼ ବ୍ଲକ ଅନ୍ତର୍ଗତ ଗାଇସୀମା ଅଞ୍ଚଳର ଚାଷୀମାନେ ଅନୁରୂପ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ୪ମାସ ବିତିଯାଇ ଥିଲେ ମଧ୍ୟ ସେମାନଙ୍କୁ କ୍ଷତିପୂରଣ ସହାୟତା ମିଳି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏ ନେଇ ସୋମବାର ମୁଖ୍ୟ ଜିଲା କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀଙ୍କୁ ଚାଷୀମାନେ ଏକ ସ୍ମାରକପତ୍ର ପ୍ରଦାନ କରି କ୍ଷତିପୂରଣ ସହାୟତା ପ୍ରଦାନ କରିବାକୁ ନିବେଦନ କରିଛନ୍ତି । ଚାଷୀନେତା ରମେଶ ମହାପାତ୍ର, ଜିତେନ୍ଦ୍ରୀୟ ବିଶ୍ୱାଳ, ଟଙ୍କଧର ମହାପାତ୍ରଙ୍କ ସମେତ ଅନେକ କ୍ଷତିଗ୍ରସ୍ତ ଚାଷୀ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ । ସେହିପରି ସୋହେଲା ବ୍ଲକ ଅନ୍ତର୍ଗତ ମରିକେଲ ତଥା ଆଖପାଖ ଅଞ୍ଚଳର ଚାଷୀମାନେ ସେମାନଙ୍କୁ ବୀମା କ୍ଷତିପୂରଣ ମିଳି ନଥି ବା ଅଭିଯୋଗ କରି ସୋମବାର ଜିଲାପାଳ ଅଫିସ ଆଗରେ ଧାରଣାରେ ବସିଥିଲେ।

## ୩ ଲୁଟେରା ଗିରଫ

**କୁନାଗଡ,୭।୯(ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ ପୋଲିସ ସୋମବାର ଏକ ଲୁଟେରା ଗ୍ୟାଙ୍ଗକୁ ଧରିବାରେ ସକ୍ଷମ ହୋଇଛି। ଏହି ଘଟଣାରେ ସଂପୃକ୍ତ ଥିବା ୩ ଜଣକୁ ଗିରଫ କରାଯାଇଛି। ସେମାନଙ୍କ ଠାରୁ ୨ଟି ମୋଟର ସାଇକେଲ ଉଦ୍ଧାର କରାଯାଇଛି। ସେଥିମଧ୍ୟରୁ ଗୋଟିଏ ଚୋରି ମୋଟର ସାଇକେଲ ବୋଲି ଜଣାପଡିଛି। ସେହିପରି ସେମାନଙ୍କ ଠାରୁ ନଗଦ ୫୫୦୦ଟଙ୍କା,ବ୍ୟାଗ୍ ଓ ୨ଟି ମୋବାଇଲ ଫୋନ ଜବତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଜୁନାଗଡ ଥାନା ବାରବେଶାଲ ଗ୍ରାମର ମଧୁ ମଙ୍ଗରାଜ(୧୯),ହୃଷିଚନ୍ଦ୍ର ନିଆଲ ଓରଫ୍ ବିକି (୧୯) ଓ କନ୍ଧସର୍ଗିଗୁଡା ଗ୍ରାମର ତ୍ରିନାଥ ପାନ ଓରଫ୍ କହ୍ନେଇ(୧୮) । ଗତ ଜୁଲାଇ ୪ ତାରିଖରେ ଜୁନାଗଡ ବ୍ଲକର କନ୍ଧ ବ୍ରାହ୍ମଣୀଗୁଡା ଗ୍ରାମର ଧନ ସିଂ ବାଇକରେ ଯିବା ବେଳେ ପାଣି ଗାଁ ଛକ ନିକଟରେ ତାଙ୍କ ଠାରୁ ଲୁଟପାଟ ହୋଇଥିଲା ।

## ଅନ୍‌ଲାଇନ ପରୀକ୍ଷା ଦାବି କଲେ ଛାତ୍ରୀଛାତ୍ର

ସମ୍ବଲପୁର,୭।୯(ବ୍ୟୁରୋ): ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଅନ୍‌ଲାଇନ ପରୀକ୍ଷା କରାଯାଉ ବୋଲି ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି । ଛାତ୍ରୀଛାତ୍ରମାନେ ସୋମବାର ବିଶ୍ୱବିଦ୍ୟାଳୟ ମୁଖ୍ୟ ଗେଟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ପୂର୍ବତନ ଏମପିଙ୍କ ବିୟୋଗରେ ଶୋକ

**ସମ୍ବଲପୁର, ୭।୯ (ବ୍ୟୁରୋ):** ପୂର୍ବତନ ରାଜ୍ୟସଭା ଏମପି ତଥା ଶ୍ରମିକ ନେତା ନରେନ୍ଦ୍ର ସ୍ୱାଇଁଙ୍କ ବିୟୋଗରେ ସମ୍ବଲପୁରରେ ଶୋକପ୍ରକାଶ ପାଇଛି । ରାଜ୍ୟ ହିନ୍ଦ ମଜଦୁର ସଭା କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି, ସାଧାରଣ ସମ୍ପାଦକ ଯୋଶୀ ତ୍ରିପାଠୀ, ଉପସାଧାରଣ ସମ୍ପାଦକ ଗୋକୁଳ ମେହେର, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ପ୍ରମୁଖ ଶୋକପ୍ରକାଶ କରିଛନ୍ତି ।

# ଟିଟିଲାଗଡରେ ଦମ୍ପତିଙ୍କ ଠାରୁ ୧.୨୪ ଲକ୍ଷ ଟଙ୍କା ଲୁଟ

**ଟିଟିଲାଗଡ଼, ୭।୯ (ଡି.ଏନ.ଏ):** ବଲାଙ୍ଗୀର ଜିଲା ଟିଟିଲାଗଡ ସହରରେ ସୋମବାର ଏକ ଧଳା ଆପାଚି ବାଇକରେ ଆସି ଦୁଇ ଜଣ ଲୁଟେରା ଏକ ଦମ୍ପତିଙ୍କ ଠାରୁ ୧ ଲକ୍ଷ ୨୪ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିବା ଟିଟିଲାଗଡ ଥାନାରେ ଅଭିଯୋଗ ହୋଇଛି। ତରାସିଂହା ଗ୍ରାମର ଦନାର ବେହେରା ଏବଂ ତାଙ୍କ ସ୍ତ୍ରୀ ଦିନ ପ୍ରାୟ ଗୋଟାଏ ସମୟରେ ରେଲୱେ ଷ୍ଟେଶନ ରାସ୍ତାରେ ଥିବା କରପୋରେଶନ ବ୍ୟାଙ୍କରୁ ୧ ଲକ୍ଷ ୨୪ ହଜାର ଟଙ୍କା ଉଠାଇ ବାଇକରେ ଆସୁଥିବା ବେଳେ ଲୁଟେରାମାନେ ପିଛା କରିଥିଲେ । ସେମାନେ ଟଙ୍କା ଥିବା ବ୍ୟାଗଟି ଦନାରଙ୍କ ସ୍ତ୍ରୀଙ୍କ ହାତରୁ ଟାଣି ନେବା ବେଳେ ସେ ଭାରସାମ୍ୟ ହରାଇ ପଡିଯାଇ ଆହତ ହୋଇଥିବା ଜଣାଯାଇଛି । ଉକ୍ତ ବ୍ୟାଗରେ ଟଙ୍କା ସହ ଏକ ମୋବାଇଲ ଫୋନ, ଆଧାର କାର୍ଡ, ପାସବୁକ ଲୁଟେରା ନେଇଯାଇଛି। ଦନାରଙ୍କ ଅଭିଯୋଗକୁ ନେଇ ପୋଲିସ ଏକ ମାମଲା ରୁଜୁ କରିଛି । ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି ।

# ଏସପିଙ୍କୁ ଭେଟିଲେ ଗ୍ରାମବାସୀ

**ବରଗଡ଼ ଅଫିସ୍,୭।୯:** ବରଗଡ଼ ଜିଲା ଭଟଲି ଥାନା ଗୁଡୁଲା ଗ୍ରାମର ଜଣେ ଅନୁସୂଚିତ ଜନଜାତି ମହିଳାଙ୍କ ଏତଲା ଉପରେ ପୋଲିସର ନିଷ୍କ୍ରିୟତାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଏହାକୁ ନେଇ ଜିଲା ଆଦିବାସୀ କଲ୍ୟାଣ ସଂଘ ଉଦ୍‌ବେଗ ପ୍ରକାଶ କରିଛି । ସୋମବାର ଜିଲା ଆଦିବାସୀ କଲ୍ୟାଣ ସଂଘର ନେତୃତ୍ୱରେ ସମ୍ପୃକ୍ତ ମହିଳା ଓ ଗ୍ରାମବାସୀ ବରଗଡ଼ ଏସପିଙ୍କ ନିକଟରେ ଫେରାଦ୍ ହୋଇଥିଲେ । ଏ ନେଇ ଏକ ସ୍ମାରକପତ୍ର ପ୍ରଦାନ କରି ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଥିଲେ ।

ଏତଲାରେ ଉଲ୍ଲେଖ ରହିଛି, ଗତ ୪ତାରିଖରେ ଏକ ଶବ ପୋଡ଼ିବା ଘଟଣାକୁ ନେଇ ଗ୍ରାମରେ ସଭା ହୋଇଥିଲା । ସେହି ସଭାରେ ଗ୍ରାମର ଜଣେ ବ୍ୟକ୍ତି ଅନ୍ୟ ଜଣେ ମହିଳାଙ୍କୁ ଗାଳିଗୁଲଜ କରିବା ସହିତ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ । ଏ ନେଇ ଗତ ୫ତାରିଖରେ ସମ୍ପୃକ୍ତ ମହିଳା ଜଣକ ଭଟଲି ଥାନାକୁ ଯାଇ ଏତଲା ଦେଇଥିଲେ । ମାତ୍ର ଥାନା ଅଧିକାରୀ ଏତଲାକୁ ସେଭଳି ଗୁରୁତ୍ୱ ନ ଦେଇ ତାଙ୍କୁ ଗାଳିଗୁଲଜ କରି ଥାନାରୁ ତଡ଼ି ଦେଇଥିଲେ ବୋଲି ମହିଳା ଜଣକ ଅଭିଯୋଗ କରିଛନ୍ତି । ଏଭଳି ଅଭିଯୋଗ ନେଇ ସମ୍ପୃକ୍ତ ମହିଳାଙ୍କ ସମେତ ଜିଲା ଆଦିବାସୀ କଲ୍ୟାଣ ସଂଘର ମାଖନୁ ବରିହା, ଅହଲ୍ୟା ଭୋଇ, ଶାନ୍ତନୁ ମେହେର, ସୁଶିଳ ଭଏନା ପ୍ରମୁଖ ଏସପିଙ୍କ କାର୍ଯ୍ୟାଳୟକୁ ଆସିଥିଲେ ।



 କାର୍ଯ୍ୟାନୁଷ୍ଠାନ ଦାବିରେ ଏସପିଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ ।

**ମହିଳାଙ୍କୁ ଦୁର୍ବ୍ୟବହାର ଘଟଣା**

# ଖେଳପଡ଼ିଆ ଉନ୍ନତୀକରଣ ନାଁରେ ଟଙ୍କା ଆତ୍ମସାତ ଅଭିଯୋଗ

ଲୋଇସିଂହା,୭।୯(ଡି.ଏନ.ଏ)- ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ କୁଟାସିଂହା ପଞ୍ଚାୟତ ଡୁଙ୍ଗରିପାଲି ଗାଁ ଖେଳପଡିଆର ଉନ୍ନତିମୂଳକ କାମ ନ କରି ଦେଢଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହୋଇଛି । ଏନେଇ ଡୁଙ୍ଗରିପାଲି ଗ୍ରାମର କ୍ରୀଡାପ୍ରେମୀ ତଥା ଯୁବଗୋଷ୍ଠୀ ଆଗଲପୁର ବିଡିଓଙ୍କ ନିକଟରେ ସୋମବାର ଫେରାଦ ହୋଇଛନ୍ତି । ଏହାର ତଦନ୍ତ କରି ଦୁର୍ନୀତିରେ ସଂପୃକ୍ତ ଜନପ୍ରତିନିଧି ଓ ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି । ତେବେ ତଦନ୍ତରୁ ପ୍ରମାଣ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡିଓ ଭୁବନ ଶତପଥୀ ପ୍ରତିଶ୍ରୁତି ଦେଇଛନ୍ତି । ଅପରପକ୍ଷରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଯୁବଗୋଷ୍ଠୀ ଚେତାବନୀ ଦେଇଛନ୍ତି ।

# ବନ୍ୟା ଦୁର୍ଦ୍ଦଶାରେ ୯ ପଞ୍ଚାୟତବାସୀ

**ଅନୁଗୋଳ ଅଫିସ, ୭।୯**

ଲଘୁଚାପ ଜନିତ ବର୍ଷା, ମହାନଦୀରେ ବନ୍ୟାଜଳ ଆସିବାରୁ ପ୍ରଭାବିତ ହୋଇଛନ୍ତି ଅନୁଗୋଳ ଜିଲାର ୯ ପଞ୍ଚାୟତବାସୀ। ଅନେକଙ୍କ ଘର ମାଟିରେ ମିଶିଯାଇଥିବାରୁ ସ୍ଥାନୀୟ ସ୍କୁଲ ଘରେ ସେମାନେ ମୁଣ୍ଡ ଗୁଞ୍ଜିଛନ୍ତି। ତୁରନ୍ତ ସେମାନଙ୍କ ସମସ୍ୟା ଦୂର କରିବାକୁ ସୋମବାର ସ୍ଥାନୀୟ କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପୂର୍ବତନ ସଭାପତି ଶରତ ପଟ୍ଟନାୟକ ଦାବି କରିଛନ୍ତି। ସମ୍ମିଳନୀ ପୂର୍ବରୁ କଂଗ୍ରେସର ଏକ ଟିମ୍ ଯାଇ ବନ୍ୟା ପ୍ରଭାବିତଙ୍କ ନିକଟରେ ପହଞ୍ଚିଥିଲା। ସେମାନଙ୍କୁ ସରକାରୀ ସହାୟତା ଯୋଗାଯିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ସହ ପୋଷାକପତ୍ର ଦଳ ପକ୍ଷରୁ ବଣ୍ଟାଯାଇଛି। ପ୍ରଭାବିତଙ୍କୁ ସ୍ୱାସ୍ଥ୍ୟ, ବାସଗୃହ, ଗମନାଗମନ, ପାନୀୟଜଳ, ବିଦ୍ୟୁତ୍ ସେବା ସୁବିଧା, ତୁରନ୍ତ ଆଡିବନ୍ଧ ନିର୍ମାଣ, ଚାଷୀଙ୍କୁ କ୍ଷତିପୂରଣ ଆଦି ଯୋଗାଯିବାକୁ ପୂର୍ବତନ ପିସିସି ସଭାପତି ପଟ୍ଟନାୟକ ଦାବି କରିଛନ୍ତି। ସମ୍ମିଳନୀରେ ବିଜୟାନନ୍ଦ ଚାଉଡ଼ିଆ, ପୂର୍ବତନ ଜିଲା ସଭାପତି ବିପ୍ଳବ ଜେନା, କଂଗ୍ରେସ ନେତ୍ରୀ ସସ୍ମିତା ବେହେରା, ଅକ୍ଷୟ କୁମାର ସାମନ୍ତ, ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



କଂଗ୍ରେସ ପକ୍ଷରୁ ହୋଇଥିବା ଖବରଦାତା ସମ୍ମିଳନୀ।

# ନ୍ୟାୟ ଦେବାକୁ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ

**ବଲାଙ୍ଗୀର ଅଫିସ, ୭।୯**

ଅଫିସ ଭିତରେ ଜଣେ ମହିଳା କର୍ମଚାରୀଙ୍କୁ ଅସଦାଚରଣ ଅଭିଯୋଗ ପରେ ରାଜ୍ୟ ସରକାର ଗତ ୪ ତାରିଖ ଦିନ ବଲାଙ୍ଗୀର ଉପଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କୁ ନିଲମ୍ବିତ କରିଥିଲେ । ଜିଲାସ୍ତରୀୟ ଲୋକାଲ କମ୍ପ୍ଲେନ୍ କମିଟି ପକ୍ଷରୁ ପୀଡିତା ମହିଳାଙ୍କ ବୟାନ ରେକର୍ଡ କରାଯାଇଥିଲା । ଏକ ତିନିଜଣିଆ କମିଟି ଏହି ଅଭିଯୋଗର ତଦନ୍ତ କରି ରାଜ୍ୟ ସରକାରଙ୍କୁ ରିପୋର୍ଟ ପଠାଇଥିଲେ । ଏହାପରେ ଉପଜିଲାପାଳଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା । ତେବେ ଗତ ୪ ଦିନ ହେଲା ପୀଡିତାଙ୍କୁ ଅସଦାଚରଣ ଓ ଉପଜିଲାପାଳଙ୍କ ନିଲମ୍ବନ ଘଟଣାକୁ ନେଇ ଚର୍ଚ୍ଚା ଥମୁନାହିଁ । ସୋମବାର ବଲାଙ୍ଗୀରର ଜଣେ ଆଡଭୋକେଟ୍ ଭବାନୀ ଶଙ୍କର ଶତପଥୀ ଏହି ଘଟଣାକୁ ନେଇ ନିଲମ୍ବିତ ଉପଜିଲାପାଳ ମିଶ୍ରଙ୍କୁ ନ୍ୟାୟ ମିଳୁ ବୋଲି ରାଜ୍ୟପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ରରେ ଶତପଥି ଉପଜିଲାପାଳଙ୍କ ଉପର ପାହ୍ୟାର ଅଫିସରଙ୍କ ଦ୍ୱାରା ଏହି ଘଟଣାର ତଦନ୍ତ କରାଯାଉ ବୋଲି ଦାବି କରିଛନ୍ତି । ଏହି ଘଟଣାରେ ପ୍ରାଥମିକ ପ୍ରମାଣ ଉପଲବ୍ଧ ହେବା ପର୍ଯ୍ୟନ୍ତ ଉପଜିଲାପାଳଙ୍କୁ ପୂର୍ବସ୍ଥିତିକୁ ଫେରାଇ ଅଣାଯାଉ ବୋଲି ସେ ଦାବି କରିଛନ୍ତି । ଦାବିପତ୍ରକୁ ଅନ୍‌ଲାଇନ୍ ଜରିଆରେ ରାଜ୍ୟପାଳଙ୍କୁ ପଠାଇଥିବା ଆଡଭୋକେଟ ଶତପଥୀ ସୂଚନା ଦେଇଛନ୍ତି । ପୂର୍ବରୁ ସହରର ଅସୀମ ପଟ୍ଟନାୟକ, ସତ୍ୟନାରାୟଣ ମିଶ୍ର ଓ ଅନ୍ୟ ୧୭ ଜଣ ବ୍ୟକ୍ତିଙ୍କ ଦସ୍ତଖତ ସମ୍ମିଳିତ ଦରଖାସ୍ତ ମୁଖ୍ୟମନ୍ତ୍ରୀଙ୍କୁ ପଠାଯାଇ ଉପଜିଲାପାଳ ମିଶ୍ରଙ୍କ ନିଲମ୍ବନର ପୁନର୍ବିଚାର କରିବାକୁ ଦାବି କରାଯାଇଛି । ଭିଲେଜର୍ସ ଇଣ୍ଡିଆ ପାର୍ଟି ସଭାପତି ବିପିନ କୁଶଲିଆ ମଧ୍ୟ ଉପଜିଲାପାଳଙ୍କ ନିଲମ୍ବନ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

ଅନ୍ୟପଟେ ବଲାଙ୍ଗୀର ସଚେତନ ମହିଳା ମଞ୍ଚର କିଛି ମହିଳା ଜିଲାପାଳଙ୍କୁ ଦାବିପତ୍ର ଦେଇ ମହିଳା କର୍ମଚାରୀଙ୍କୁ ଅସଦାଚରଣ କରିଥିବା ନିଲମ୍ବିତ ଉପଜିଲାପାଳ ମିଶ୍ରଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି । ମଞ୍ଚ ସଭାପତି ସାଗରିକା ଗୁରୁଙ୍କ ନେତୃତ୍ୱରେ ସୋମବାରଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

# ୯ ରିଟେଲରଙ୍କ ଲାଇସେନ୍ସ ରଦ୍ଦ

**ସୋନପୁର,୭।୯(ନି.ପ୍ର.)**

**ସୁବର୍ଣ୍ଣପୁରରେ ୟୁରିଆ ସାର କଳାବଜାର**

ସୁବର୍ଣ୍ଣପୁର ଜିଲାରେ ୟୁରିଆ ସାରର ବ୍ୟାପକ କଳାବଜାର ହେଉଛି । ବ୍ୟବସାୟୀଙ୍କ ଦ୍ୱାରା ସାରର କୃତ୍ରିମ ଅଭାବ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଥିଲା । ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ତଦନ୍ତ ପରେ ଏହି ଅନିୟମିତତାର ପ୍ରମାଣ ମିଳିଛି । କାର୍ଯ୍ୟାନୁଷ୍ଠାନ ସ୍ୱରୂପ ସୋମବାର କୃଷି ବିଭାଗ ଦ୍ୱାରା ୪ ପ୍ୟାକ୍ସ(ପ୍ରାଥମିକ କୃଷି ସମବାୟ ସମିତି) ଓ ୯ ଜଣ ରିଟେଲରଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି ।

ଡୁଙ୍ଗୁରିପାଲି କୃଷି ଜିଲା ଅଧିକାରୀ ବିନୋଦ ଲାକ୍ରାଙ୍କ ଦ୍ୱାରା ଡୁଙ୍ଗୁରିପାଲି, ଚେରୁପାଲି, ମାୟାବାର୍ହା ଓ ସହଲା ପ୍ୟାକ୍ସ ଲାଇସେନ୍ସ ରଦ୍ଦ କରାଯାଇଛି । ସେହିପରି ବିନିକାର ବୈଷ୍ଣଦେବ ଟ୍ରେଡରସ୍, ଡୁଙ୍ଗୁରିପାଲିର ଏମ.ଏସ. ସିକନ ଇଣ୍ଟରପ୍ରାଇଜେସ, ମା ଦୁର୍ଗା ଫର୍ଟିଲାଇଜର, ସାଇ କ୍ରପ୍ କେୟାର ରିଟେଲରଙ୍କ ଲାଇସେନ୍ସକୁ ରଦ୍ଦ କରିଛନ୍ତି । ବୀରମହାରାଜପୁର ଭାରପ୍ରାପ୍ତ କୃଷି ଜିଲା ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ କମଲପୁର ଡାଇଙ୍ଗ ୱାର୍କସ୍, ମେହେର ଟ୍ରେଡରସ୍ ଓ ମୁରୁଣ୍ଡିର ଦୈତାରୀ ସାହୁ ରିଟେଲରଙ୍କ ଲାଇସେନ୍ସ ଏବଂ ସୋନପୁର କୃଷି ଜିଲା ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀ ଶ୍ରୀରାମ ଟ୍ରେଡରସ୍ ଓ ଦାଶ ଟ୍ରେଡିଂ ହାଉସ ରିଟେଲରଙ୍କ ଲାଇସେନ୍ସକୁ ରଦ୍ଦ କରିଛନ୍ତି । ସେମାନେ ଚାଷୀଙ୍କୁ ଆଉ ସାର ବିକ୍ରି କରି ପାରିବେ ନାହିଁ । ପସ୍ ମେଶିନ୍ ଫେରାଇବା ସହ ଆବଶ୍ୟକ କାଗଜପତ୍ର ଦାଖଲ କରିବା ପାଇଁ ସମ୍ପୃକ୍ତ ପ୍ୟାକ୍ସ ସମ୍ପାଦକ/ରିଟେଲର୍‌ଙ୍କୁ କୁହାଯାଇଛି । ପୂର୍ବରୁ ଏହି ସବୁ ପ୍ୟାକ୍ସ ସମ୍ପାଦକ ଓ ରିଟେଲରଙ୍କୁ ୭ ଦିନ ଭିତରେ କାରଣଦର୍ଶାଅ ନୋଟିସ ଜାରି ହୋଇଥିଲା । ପ୍ରକାଶ ଯେ, କଳାବଜାର ପାଇଁ ଚାଷୀଙ୍କୁ ସାର ବସ୍ତା(୪୫ କିଲୋଗ୍ରାମ) ପ୍ରତି ୨୦୦ରୁ ୩୦୦ଟଙ୍କା ଅଧିକ ଦେବାକୁ ପଡୁଛି । ଚାଷୀଙ୍କୁ ସୁଷମ ବଣ୍ଟନ ଓ ଦୁର୍ନୀତି ରୋକିବା ପାଇଁ ସରକାର ପଏଣ୍ଟ ଅଫ ସେଲ(ପସ୍ ମେଶିନ) ଦ୍ୱାରା ସାର ବିକ୍ରି କରୁଛନ୍ତି । ଚାଷୀଙ୍କ ଆଧାର କାର୍ଡ ଓ ବାୟୋମେଟ୍ରିକସ୍ ବ୍ୟବହାର ହେଉଛି । ମାତ୍ର ତା ପରେ ବି ସ୍ୱଚ୍ଛତା ରହୁନି । ଅପ୍ରେଲ, ମେ ମାସରେ ଚାଷୀଙ୍କୁ ରିଟେଲର ଓ ପ୍ୟାକ୍ସ ସାର ବିକ୍ରି କରିଛନ୍ତି । କିଛି ଚାଷୀଙ୍କ ଠାରୁ ଅଧିକ ମୂଲ୍ୟ ନେଇ ଆବଶ୍ୟକତା ଠାରୁ ବହୁ ଅଧିକ ପରିମାଣରେ ସାର ବିକ୍ରି ହୋଇଛି । ବାହାର ଜିଲାର ଚାଷୀଙ୍କ ନାମରେ ମଧ୍ୟ ସାର ବିକ୍ରି ହୋଇଥିବା ତଦନ୍ତରୁ ଜଣା ପଡିଥିଲା । ସାର ଦୁର୍ନୀତିର ତଦନ୍ତ ପାଇଁ ରାଜ୍ୟ କୃଷି ବିଭାଗ ଅଗଷ୍ଟ ମାସରେ ସୁବର୍ଣ୍ଣପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲାପାଳ ମୋନିଷା ବାନାର୍ଜୀଙ୍କ ନିର୍ଦ୍ଦେଶକ୍ରମେ ତହସିଲଦାରମାନେ ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ ।

## ଭୋଡା-ଆଇଡିଆର ନୂଆ ବ୍ରାଣ୍ଡ ଭିଆଇ

ଭୋଡାଫୋନ୍-ଆଇଡିଆ କମ୍ପାନୀର ମିଶ୍ରଣ ପ୍ରକ୍ରିୟା ସମ୍ପାଦିତ ହୋଇଛି। ଏହି ଦୁଇ କମ୍ପାନୀ ନୂଆ ବ୍ରାଣ୍ଡ ପରିଚୟ ଲାଭ କରିଛନ୍ତି। କମ୍ପାନୀର ନୂଆ ବ୍ରାଣ୍ଡ ପରିଚୟ 'ଭିଆଇ' ଉନ୍ମୋଚନ କରାଯାଇଛି। ଏହାକୁ ଭି ଭାବେ ଉଚ୍ଚାରଣ କରାଯିବ।

# 'ଜିଡିପି ହ୍ରାସ ଚିନ୍ତାଜନକ'

ନୂଆଦିଲ୍ଲୀ,୭।୯



**ଜରୁରୀ କାର୍ଯ୍ୟପନ୍ଥା ଗ୍ରହଣ କରିବାର ଆବଶ୍ୟକତା ବୁଝନ୍ତୁ ଅମଲାତନ୍ତ୍ର: ରଘୁରାମ ରାଜନ**

ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ଜୁନ୍ ତ୍ରୈମାସରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) -୨୩.୯% ଖସିଛି। ଅର୍ଥ ବ୍ୟବସ୍ଥାରେ ଏଭଳି ହ୍ରାସ ଅତ୍ୟନ୍ତ ଚିନ୍ତାଜନକ। ଏଭଳି ସ୍ଥିତିରେ ଅମଲାତନ୍ତ୍ର ଜରୁରୀ କାର୍ଯ୍ୟପନ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ସୋମବାର କହିଛନ୍ତି।

ଦେଶର ବିଗିଡିଥିବା ଆର୍ଥିକ ସ୍ଥିତିକୁ ନେଇ ରାଜନ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସରକାର ବିଭିନ୍ନ ପ୍ରସଙ୍ଗକୁ ଧ୍ୟାନରେ ରଖି ଅଧିକ ସକ୍ରିୟ ହୋଇ କାମ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଅମଲାତନ୍ତ୍ର ଆତ୍ମସନ୍ତୋଷରୁ ବାହାରକୁ ଆସି ଅର୍ଥପୂର୍ଣ୍ଣ ଭାବେ ପଦକ୍ଷେପ ନେବା ଉଚିତ। ବର୍ତ୍ତମାନ ଯେଉଁ ଆଧାରରେ ଜିଡିପି ଆକଳନ କରାଯାଇଛି ପ୍ରକୃତ କ୍ଷତି ଦେଖିଲେ ଏହାଠାରୁ ଅଧିକ ରହିବ। କାରଣ ବର୍ତ୍ତମାନ ଡାଟାରେ ଅଣସଙ୍ଗଠିତ କ୍ଷେତ୍ରକୁ ବିଶେଷ ଭାବେ ବିଚାରକୁ ନିଆଯାଇନାହିଁ। କୋଭିଡ୍-୧୯ ଦ୍ୱାରା ବେଶି କ୍ଷତିଗ୍ରସ୍ତ ହୋଇଥିବା ଦେଶ ମଧ୍ୟରେ ଇଟାଲୀ ଜିଡିପି ୧୨.୪% ଖସିଛି। ସେହିଭଳି ଆମେରିକା ଜିଡିପି ୯.୫% ହ୍ରାସ ହୋଇଛି। ମାତ୍ର ଭାରତର ସ୍ଥିତି ଅତ୍ୟନ୍ତ ଶୋଚନୀୟ ରହିଥିବାରୁ ରାଜନ ଏହାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି।

ୟୁନିଭର୍ସିଟି ଅଫ୍ ଶିକାଗୋରେ ବର୍ତ୍ତମାନ ପ୍ରଫେସର ଭାବେ କାର୍ଯ୍ୟରତ ରାଜନ କହିଛନ୍ତି, ଭାରତରେ କୋଭିଡ୍ ସଂକ୍ରମଣ ବର୍ତ୍ତମାନ ବଢିଚାଲିଛି। ସରକାର ଖର୍ଚ୍ଚ ବଢାଇ ଅର୍ଥ ବ୍ୟବସ୍ଥାକୁ ସୁଧାରିବା ଦିଗରେ କାମ କରିବାର ଆବଶ୍ୟକତା ଉପଲବ୍ଧି କରନ୍ତୁ। ସଂକ୍ରମଣ ନିୟନ୍ତ୍ରଣକୁ ଆସି ନ ଥିବାରୁ ରେଷ୍ଟୁରାଣ୍ଟ ଏବଂ ସେବା କ୍ଷେତ୍ରର ଅନ୍ୟ କାର୍ଯ୍ୟକଳାପ ଶୀଘ୍ର ଟ୍ରାକ୍‌କୁ ଏବେ ଫେରି ପାରିବ ନାହିଁ। ଆଗାମୀ ଦିନରେ ସହାୟତା ଦେବା ଲାଗି ଅର୍ଥ ସଞ୍ଚୟ କରି ରଖିବା ପ୍ରସଙ୍ଗ ଉପରେ ମଧ୍ୟ ରାଜନ ମତ ଦେଇ ସେ ପୁଣି କହିଛନ୍ତି ଯେ, ସରକାର ଏଭଳି ଚିନ୍ତାଧାରାରୁ ବାହାରକୁ ଆସି ଅଧିକ କାମ କରିବା ଉଚିତ। ସରକାର ଯଦି ଅର୍ଥ ସଞ୍ଚୟ କରି ରଖିବା କଥା ଚିନ୍ତା କରୁଥାନ୍ତି ତେବେ ଏହା ଲାଭଦାୟକ ହେବନାହିଁ। ଏହାବାଦ ସରକାର ଅଧା ଛାଡିଯାଇଥିବା ସଂସ୍କାର ପ୍ରକ୍ରିୟା ଉପରେ କାମ କରିବା ସହ ନିବେଶକଙ୍କ ଦୃଷ୍ଟି ଆକର୍ଷଣ କରିପାରିବେ। ଭାରତ ବଜାର ତୁଳନାରେ ବିଶ୍ୱ ବଜାର ବର୍ତ୍ତମାନ ଅଧିକ ଦ୍ରୁତ ହାରରେ ଟ୍ରାକ୍‌କୁ ଫେରୁଛି। ଭାରତ ରପ୍ତାନି କ୍ଷେତ୍ରରେ ସୁଯୋଗକୁ ପରଖି ପାରିବ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ନୀରବଙ୍କ ପ୍ରତ୍ୟର୍ପଣ ଶୁଣାଣି ଆରମ୍ଭ

ଲଣ୍ଡନ,୭।୯



ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ(ପିଏନ୍‌ବି)ର ପ୍ରାୟ ୧୩,୫୦୦ କୋଟି ଟଙ୍କାର ବ୍ୟାଙ୍କ ଠକେଇ ମାମଲାରେ ପଳାତକ ଘୋଷିତ ନୀରବ ମୋଦିଙ୍କ ପ୍ରତ୍ୟର୍ପଣ ମାମଲାର ଶୁଣାଣି ଲଣ୍ଡନରେ ଆରମ୍ଭ ହୋଇଛି। ଲଣ୍ଡନର ୱେଷ୍ଟମିନ୍‌ଷ୍ଟର ମାଜିଷ୍ଟ୍ରେଟ କୋର୍ଟରେ ସୋମବାରଠାରୁ ସାତଦିନ ବ୍ୟାପି ଏହି ମାମଲା ଶୁଣାଣି ହେବ। ନୀରବ ବର୍ତ୍ତମାନ ଦକ୍ଷିଣ ଲଣ୍ଡନର ୱାଣ୍ଡସୱର୍ଥ ଜେଲରେ ଥିବା ବେଳେ ଭିଡିଓ ଲିଙ୍କ୍ ଦ୍ୱାରା ହାଜର ହୋଇଥିଲେ। ଭାରତର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀଙ୍କ ଟିମ୍ କୋର୍ଟରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମେ ମାସରେ ହୋଇଥିବା ଶୁଣାଣି କୋଭିଡ୍ ଯୋଗୁଁ ସ୍ଥଗିତ ରଖାଯାଇଥିଲା। ୪୯ ବର୍ଷୀୟ ନୀରବ ଲଣ୍ଡନରୁ ୨୦୧୯ ମାର୍ଚ୍ଚରେ ଗିରଫ ହୋଇଥିଲେ। ମୁମ୍ବାଇର ଏକ କୋର୍ଟ ତାଙ୍କୁ ପଳାତକ ଆର୍ଥିକ ଅପରାଧୀ ଘୋଷଣା କରିବା ସହ ତାଙ୍କ ସମ୍ପତ୍ତି ବାଜ୍ୟାପ୍ତି କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଇଡି ବର୍ତ୍ତମାନ ସୁଦ୍ଧା ତାଙ୍କର ୩୨୯ କୋଟି ଟଙ୍କାର ସମ୍ପତ୍ତିକୁ ବାଜ୍ୟାପ୍ତି କରି ସାରିଛି। ଇଣ୍ଟରପୋଲ ପକ୍ଷରୁ ପୂର୍ବରୁ ନୀରବଙ୍କ ଭଉଣୀ ପୂର୍ବୀ ମୋଦି ଏବଂ ଭାଇ ନେହାଲ ମୋଦିଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଛି। ଗତ ମାସରେ ତାଙ୍କ ସ୍ତ୍ରୀ ଆମି ମୋଦିଙ୍କ ବିରୋଧରେ ରେଡ୍ କର୍ଣ୍ଣର ନୋଟିସ ଜାରି କରାଯାଇଛି।

# ୧୪ହଜାର ନୂଆ ନିଯୁକ୍ତି ଦେବ ଏସ୍‌ବିଆଇ

**ନୂଆଦିଲ୍ଲୀ, ୭।୯ :** ଚଳିତ ବର୍ଷ ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପ୍ରାୟ ୧୪ ହଜାର ନୂତନ ନିଯୁକ୍ତି ପ୍ରଦାନ ନେଇ ଯୋଜନା କରୁଛି। ଏ ସମ୍ପର୍କରେ ସୋମବାର ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବ୍ୟାଙ୍କ ପ୍ରାୟ ୩୦ ହଜାର କର୍ମଚାରୀଙ୍କ ଭିଆର୍‌ଏସ୍ ଦେବା ଲାଗି ମଧ୍ୟ ଯୋଜନା ମଧ୍ୟ ରଖିଛି। କରୋନା ସଂକ୍ରମଣ ବ୍ୟାଙ୍କ ସେବାରେ ବ୍ୟାପକ ପରିବର୍ତ୍ତନ ଆଣିଛି। ବର୍ତ୍ତମାନ ସମୟକୁ ନଜରରେ ରଖି ଯୁବ ଓ ଦକ୍ଷ ବ୍ୟକ୍ତିଙ୍କୁ ନିଯୁକ୍ତି ଦେବା ପାଇଁ ବ୍ୟାଙ୍କ ପ୍ରସ୍ତୁତି ଆରମ୍ଭ କରିଛି।

# ସଙ୍କେତ ରାଏ କୋକାକୋଲା ଇଣ୍ଡିଆ ମୁଖ୍ୟ



**ଭୁବନେଶ୍ୱର,୭।୯:** ମୃଦୁପାନୀୟ କମ୍ପାନୀ କୋକାକୋଲା ଏହାର ଭାରତ ତଥା ଦକ୍ଷିଣ ପଶ୍ଚିମ ଏସିଆ କାରବାରର ସଭାପତି ଭାବେ ସଙ୍କେତ ରାଏଙ୍କୁ ନିଯୁକ୍ତ କରିଛି। ରାୟ ଭୁବନେଶ୍ୱର ବାସିନ୍ଦା ହୋଇଥିବା ବେଳେ ଏନ୍‌ଆଇଟି,ଭୋପାଳରୁ ମେକାନିକାଲ ଇଞ୍ଜିନିୟରିଂ ଏବଂ ଏକ୍ସଆଇଏମ୍‌ବିରୁ ଏମ୍‌ବିଏ ଡିଗ୍ରୀ ହାସଲ କରିଛନ୍ତି। ଓଡ଼ିଆ ଭାବେ ଏଭଳି ପଦବୀରେ ଅବସ୍ଥାପିତ ହୋଇଥିବାରୁ ଏହା ରାଜ୍ୟବାସୀଙ୍କ ଲାଗି ଗୌରବର ବିଷୟ। ସଙ୍କେତ ଡିଏମ୍ ସ୍କୁଲରୁ ପ୍ରାଥମିକ ଶିକ୍ଷା ପରେ ବିଜେବି କଲେଜରେ ଯୁକ୍ତ ୨ ଶିକ୍ଷା ଗ୍ରହଣ କରିଥିଲେ। ତାଙ୍କ ବାପା ଡ.ଏସ୍.କେ.ରାଏ ଜଣେ ପ୍ରାଣୀ ଚିକିତ୍ସକ।

# ବ୍ୟାଙ୍କରୁ ହଟିବନି ଆଞ୍ଚଳିକ ଭାଷା

**ନୂଆଦିଲ୍ଲୀ,୭।୯ :** ବ୍ୟାଙ୍କ ଏବଂ ଏଟିଏମ୍ (ଅଟୋମେଟେଡ୍ ଟେଲର ମେଶିନ)ରୁ ଆଞ୍ଚଳିକ ଭାଷା ହଟିବ ନାହିଁ। ଏ ନେଇ ସରକାର କୌଣସି ନିର୍ଦ୍ଦେଶ ଦେଇନାହାନ୍ତି। ଏ ସଂକ୍ରାନ୍ତରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବ୍ୟାଙ୍କ କିମ୍ବା ଏଟିଏମ୍ ଲାଗି କୌଣସି ନିର୍ଦ୍ଦେଶ ଜାରି କରାଯାଇ ନାହିଁ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୋମବାର ସ୍ପଷ୍ଟ କରିଛନ୍ତି। ଡିଏମ୍‌କେ ସାଂସଦ ତିରୁଚି ସିବା ଏ ନେଇ ଏକ ଟୁଇଟ କରିବା ସହ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଏହାର ସ୍ପଷ୍ଟୀକରଣ ଅର୍ଥମନ୍ତ୍ରୀ ପ୍ରଦାନ କରିଛନ୍ତି। ବ୍ୟାଙ୍କ ଏବଂ ଏଟିଏମ୍‌ଗୁଡିକରେ ଆଞ୍ଚଳିକ ଭାଷା ହଟାଇବା ନେଇ କୌଣସି ନିର୍ଦ୍ଦେଶ ଦିଆଯାଇ ନାହିଁ। ବରଂ ଆଞ୍ଚଳିକ ଭାଷାକୁ ସରକାର ଉତ୍ସାହିତ କରୁଥିବା ଅର୍ଥମନ୍ତ୍ରୀ ମତ ପ୍ରକାଶ କରିଛନ୍ତି।

# ବାଲେଶ୍ୱରରେ ଖୋଲିବ ଲିବୋଲାଇଫ

ଭୁବନେଶ୍ୱର,୭।୯



ପ୍ରମୁଖ ଫିଟ୍‌ନେସ ଏବଂ ସ୍ପୋର୍ଟସ ଷ୍ଟୋର ଲିବୋଲାଇଫ ବାଲେଶ୍ୱରରେ ଶୀଘ୍ର ଶୁଭାରମ୍ଭ ହେବ। ଲିବୋଲାଇଫ୍ ଲାଗି ବେଣୁମାଧବ ପଣ୍ଡା ପ୍ରଥମ ଫ୍ରାଞ୍ଚାଇଜି ଭାବେ ନିଯୁକ୍ତ ହୋଇଛନ୍ତି। କମ୍ପାନୀର ଭୁବନେଶ୍ୱର କାର୍ଯ୍ୟାଳୟଠାରେ ପଣ୍ଡା ଉପସ୍ଥିତ ରହି ଏ ସଂକ୍ରାନ୍ତ ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲେ। ପଣ୍ଡା ସତ୍ୟସାଇ ଇଞ୍ଜିନିୟରିଂ କଲେଜରେ ନିର୍ଦ୍ଦେଶକ ଭାବେ ବର୍ତ୍ତମାନ ଅବସ୍ଥାପିତ। ସ୍ପୋର୍ଟସ ଏବଂ ଫିଟ୍‌ନେସ ଆବଶ୍ୟକତା କ୍ଷେତ୍ରରେ ଲିବୋଲାଇଫ କାର୍ଯ୍ୟ କରୁଛି। କମ୍ପାନୀ ଜିମ୍ ଇକ୍ୱିପମେଣ୍ଟ, ସ୍ପୋର୍ଟସୱେର, କାଜୁଆଲୱେର, ଇ-ବାଇସାଇକେଲ ଅନ୍ୟ ଆନୁଷଙ୍ଗିକ ପ୍ରଡକ୍ଟ ଗୋ ଗ୍ରୀନ ଷ୍ଟୋର ଦ୍ୱାରା ଯୋଗାଇ ଦେଉଛି। ଏକ ହେଲଦି ଲାଇଫଷ୍ଟାଇଲ ଦିଗରେ ବିଭିନ୍ନ ଆବଶ୍ୟକ ପ୍ରଡକ୍ଟ ଯୋଗାଣ ଦିଗରେ କମ୍ପାନୀ ନିଜର ଯୋଗଦାନ ରଖିଛି।


## THE GREATER GANJAM GAJAPATI CO-OP. MILK PRODUCERS' UNION LTD.

R.N. TEMPLE ROAD, GATE BAZAR, BERHAMPUR - 760 001
Tel. 0680-2225863, 2222290, E-mail: contact@gggmu.in

Ref.: GGGMU:MilkATM:2020:493 Dt.: 05.09.2020

NOTICE
EXPRESSION OF INTEREST FOR
OPERATION OF MILK ATM (Fixed & Mobile)

Applications are invited from sincere, interested personal to operate Milk ATM at different locations of Berhampur & Chattrapur town on long term basis i.e. at least for a period of 05 years. The detailed terms and conditions are available at Milk Union website **www.gggmu.in**. Offers along with complete information with required documents should reach to the Corporate Office, Gate Bazar, Berhampur - 760001 for selection and appointment basing on feasibility both technically and financially. GGGMU reserves the right to reject any or all offers without assigning any reason thereof.

Sd./- General Manager, GGGMU

## CUTTACK MUNICIPAL CORPORATION

SHORT TENDER CALL NOTICE

No. 1760 Dt. 7.9.2020

Cuttack Municipal Corporation invites sealed tenders from interested and reputed Suppliers for supplying the Hand Sanitizer & Disposal Face Mask, for the year 2020-21.

The details can be downloaded from the official website **www.cmccuttack.gov.in**. The last date of submission of Tender documents is upto **3.00 P.M. dt.14.09.2020.**

**Sd./- Commissioner, Cuttack Municipal Corporation**

## DIRECTORATE OF ELEMENTARY EDUCATION, ODISHA, BHUBANESWAR

QUOTATION CALL NOTICE

No. n-17: Sealed quotations are invited from the interested reputed Travel Agencies/Tour Operators for provide one No. of A.C. Petrol/Diesel Driven vehicle for official use on monthly rent basis. The detailed terms and conditions can be downloaded from the Govt. portal **(www.odisha.gov.in)**.

**Sd./- Director, Elementary Education**
**Odisha, Bhubaneswar**
OIPR-27016/11/0001/2021

## ତହସିଲଦାରଙ୍କ କାର୍ଯ୍ୟାଳୟ, କୋଡ଼ିଙ୍ଗା, ଜିଲ୍ଲା: ନବରଙ୍ଗପୁର

### ଲଘୁ ଖଣିଜ ଉତ୍ସର ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ

ଏହି ତହସିଲ ଅନ୍ତର୍ଗତ ୮ (ଆଠ) ଗୋଟି ସୈରାତ ଉତ୍ସ (ପଥର ଓ ବାଲି ଖାଦାନ) ଗୁଡ଼ିକୁ ପାଞ୍ଚ ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ସୂତ୍ରରେ ଲିଜ୍ ପ୍ରଦାନ କରିବା ନିମନ୍ତେ ଏହି କାର୍ଯ୍ୟାଳୟ ବିଜ୍ଞାପନ ସଂଖ୍ୟା ୧୭୦୪/୨୦୨୦, ତା୦୧।୦୯।୨୦୨୦ରେ ସର୍ବସାଧାରଣଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଇଅଛି। ଉକ୍ତ ବିଜ୍ଞାପନ ସମ୍ବନ୍ଧୀୟ ସବିଶେଷ ତଥ୍ୟ ନବରଙ୍ଗପୁର ଜିଲ୍ଲା ୱେବ୍‌ସାଇଟ୍ **www.nabarangpur.nic.in**ରେ ଉପଲବ୍ଧ ଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ ଉପରୋକ୍ତ ୱେବ୍‌ସାଇଟ୍‌ରୁ ସମସ୍ତ ତଥ୍ୟ ହାସଲ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦରଖାସ୍ତ କରିପାରିବେ। ସରକାରୀ କାର୍ଯ୍ୟ ଦିବସମାନଙ୍କରେ ଏହି କାର୍ଯ୍ୟାଳୟରୁ ମଧ୍ୟ କାର୍ଯ୍ୟାଳୟ ସମୟ ମଧ୍ୟରେ ଉକ୍ତ ବିଜ୍ଞାପନ ସମ୍ବନ୍ଧୀୟ ସବିଶେଷ ତଥ୍ୟ ହାସଲ କରିପାରିବେ। ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଦରଖାସ୍ତ ଗ୍ରହଣଯୋଗ୍ୟ ହେବ ନାହିଁ। କୌଣସି କାରଣରୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦରଖାସ୍ତ ପହଞ୍ଚିବାରେ ବିଳମ୍ବ ହେଲେ, ନିମ୍ନସ୍ୱାକ୍ଷରକାରୀ ଦାୟୀ ରହିବେ ନାହିଁ।

ସ୍ୱା./- ତହସିଲଦାର, କୋଡ଼ିଙ୍ଗା

## ତହସିଲ କାର୍ଯ୍ୟାଳୟ, ଅମ୍ବାଭୋନା, ଜି.- ବରଗଡ଼

ବିଜ୍ଞାପନ ସଂଖ୍ୟା: ୧୩୯୨ ତା୭।୯।୨୦୨୦

### (ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ଇସ୍ତାହାର)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଅମ୍ବାଭୋନା ତହସିଲ ଅନ୍ତର୍ଗତ ଲଘୁ ଖଣିଜ ଉତ୍ସଗୁଡ଼ିକ OMMC Rules - 2016 ମୁତାବକ ଦୀର୍ଘମିଆଦୀ ଲିଜ୍ ସୂତ୍ରରେ ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ନିଲାମ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ OMMC Rules-2016ରେ ପ୍ରଦତ୍ତ (Form-M)ରେ ୩ (ତିନି) କପି ଆବେଦନ ପତ୍ର ସହ ଆବଶ୍ୟକୀୟ କାଗଜାତର ନକଲ ସଂଲଗ୍ନ କରି ସିଲ୍ ଲଫାପା ଉପରେ ସୈରାତ ଉତ୍ସର ନାମ ଉଲ୍ଲେଖ କରି ତହସିଲଦାର ଅମ୍ବାଭୋନାଙ୍କ କାର୍ଯ୍ୟାଳୟ ଠିକଣାରେ କେବଳ Speed Post/Regd. Post ମାଧ୍ୟମରେ ପ୍ରେରଣ କରିବେ ଯାହାକି ତା୨୧।୦୯।୨୦୨୦ ସୁଦ୍ଧା ତହସିଲଦାରଙ୍କ କାର୍ଯ୍ୟାଳୟରେ ପ୍ରାପ୍ତହେବା ଆବଶ୍ୟକ। ତା୨୨।୦୯।୨୦୨୦ରିଖ ଦିବା ୧୧.୦୦ ସମୟରେ ଲିଜ୍ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତଗୁଡ଼ିକ ତନଖି କରାଯାଇ ସର୍ବୋଚ୍ଚ ଅତିରିକ୍ତ ଦେୟ ଉଲ୍ଲେଖ କରିଥିବା ଭିତ୍ତିରେ ଯୋଗ୍ୟ ଲିଜ୍ ଧାରୀ ଚୟନ କରାଯିବ। ଧାର୍ଯ୍ୟ ସମୟ ପ୍ରରେ ପ୍ରାପ୍ତ ଓ ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକ ବାତିଲ କରାଯିବ। ଯେଉଁ ଉତ୍ସଗୁଡ଼ିକର ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ମିଳିନଥିବ କିମ୍ବା ଲିଜ୍ ଚୂଡ଼ାନ୍ତ ହୋଇ ନଥିବ ସେହି ଉତ୍ସଗୁଡ଼ିକ ପାଇଁ ଦ୍ୱିତୀୟ ଥର ପାଇଁ ତା୨୯।୦୯।୨୦୨୦ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ ଆବେଦନ ଗ୍ରହଣ କରାଯିବ ଏବଂ ଉକ୍ତ ଦିନ ଅପରାହ୍ନ ୩.୩୦ ଘଟିକା ସମୟରେ ପୂର୍ବମତେ ଦରଖାସ୍ତଗୁଡ଼ିକୁ ତନଖି କରାଯିବ। ଏହାର ସବିଶେଷ ବିବରଣୀ ଜିଲ୍ଲା Website **(www.bargarh.nic.in)**ରେ ଉପଲବ୍ଧ। ଏତଦ୍‌ବ୍ୟତୀତ ସୈରାତ ଉତ୍ସଗୁଡ଼ିକର ବିଶଦ ବିବରଣୀ ତହସିଲ କାର୍ଯ୍ୟାଳୟରେ ଯେ କୌଣସି କାର୍ଯ୍ୟ ଦିବସରେ ମଧ୍ୟ ଦେଖି ପାରିବେ।

ସ୍ୱା./- ତହସିଲଦାର, ଅମ୍ବାଭୋନା

## The Odisha Small Industries Corporation Ltd.

( A Government of Odisha Undertaking) )
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1

TENDER CALL NOTICE

Ref No. 3599 Dt. 07.09.2020

The Managing Director, OSIC Ltd., Cuttack invites tender from MSMEs duly empanelled with OSIC for execution of works as mentioned below. The bidding agency can bid for all or any no. of works described herein.
1) Supply and Installation of Solar Street Light in Dalijora Range of Cuttack Forest Division, Cuttack.
2)Supply and Installation of Solar Street Light in Forest Fringe villages/ remote villages under DFO, Boudh.
3)Supply and Installation Solar lighting of Golamunda Stadium and Panchayat ground in Junagarh NAC, Kalahandi under CSR activities of OHPC.

| | |
|---|---|
| Period of availabilty of tender document. | 06.09.2020 to 20.09.2020 up to 4.00 AM |
| Last date of submission of tender | 21.09.2020 at 4.30 PM |
| Date of opening of tender | 22.09.2020 at 3.00 PM(if the day is declared as holiday the tender will be opened on next working day) |
| Validity of Tender | 90 Calendar days from the Last date of submission of tender. |
| Tender Bid Cost | **Rs. 6,000.00** |

The detailed tender call notice can be downloaded from the OSIC website **www.osicltd.in** . The tender for the work is to be dropped in the tender box present in the office of the MD, OSIC Ltd., Cuttack or shall be received by Regd.Post/Speed Post/Courier within the schedule date and time. Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto.

Any corrigendum / changes / modifications will appear in OSIC Ltd. website **www.osicltd.in** only

MANAGING DIRECTOR



# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**BANSAL TOWER**
ପ୍ରଥମ ଥର ଓଡିଶାରେ ଏମିତି ଅଫର୍, ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ ୨୦,୦୦୦,୦୦/- ପାଆନ୍ତୁ ଓ ମାସକୁ ଭଡା ୨୦,୦୦୦/- ଟଙ୍କା ପାଆନ୍ତୁ + ବାଇକ୍ ପାଆନ୍ତୁ
20yrs Court Agreement
Bansal Tower B Wing, Bangalore , Karnataka-400021.
7055041635
7599929291

**BUSINESS**
Jeevansh & Company Pvt. Ltd.
କମ୍ପାନୀକୁ ସାରା ଓଡିଶାରେ ଲୋନ୍, ଏଜେଣ୍ଟ, ଡିଲରସିପ୍ ଆବଶ୍ୟକ କରୁଅଛି ।
ଓଡିଶାରୁ ସମସ୍ତ ଜିଲ୍ଲା/ସହର/ଗ୍ରାମିଣରେ ବ୍ରାଞ୍ଚ ଖୋଲିବା ପାଇଁ ବ୍ରାଞ୍ଚ ମ୍ୟାନେଜର , ଏରିଆ ମ୍ୟାନେଜର ଆବଶ୍ୟକ । ନୋଟ- ମାଇକ୍ରୋଫାଇନାନ୍ସ/ବ୍ୟାଙ୍କ/ ଇନ୍‌ସୁରାନ୍ସ କର୍ମଚାରିଙ୍କୁ ଅଗ୍ରାଧିକାର ଦିଆଯିବ ।
6399121671
6399121670

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
ଫ୍ରୀ ସେବା ୩ ଘଣ୍ଟାରେ ଘରେବସି ୧୦୦% ସମାଧାନ
ଯେପରୀ- ମନଚାହାଁ ପ୍ରେମ, ଲଭ୍ ମ୍ୟାରେଜ୍, ବ୍ୟବସାୟ, ବିଦେଶ ଯାତ୍ରା, ଗୃହକ୍ଲେଶ, ବିବାହରେ ବାଧା, ସଉତୁଣୀ, ଶତ୍ରୁମୁକ୍ତି, କର୍ଜମୁକ୍ତି, ଚାକିରୀ, କ୍ୟାରିୟରରେ ଅସଫଳତା, ବଶୀକରଣ, ମୁଠକରନୀ, ଯାଦୁଟୋଣା, ଭୁତପ୍ରେତ ଆଦି ଜଟିଳ ରୁ ଜଟିଳ ସମସ୍ୟାର ଘରେବସି ତୁରନ୍ତ ସମାଧାନ ।
ବାବା ମୁସ୍ତାନ ଆଲମ
ସ୍ପେ- ବଶୀକରଣ, ମହାମୁଠକରଣୀ ଏବଂ ବ୍ୟବସାୟ
9654196674
9667700474

**Indus Infra Network Company**
ଦ୍ୱାରା ଓଡିଶାରେ ନିଜ ଛାତ,ଜମି,କ୍ଷେତ ଏବଂ ଖାଲି ସ୍ଥାନ ମାନଙ୍କରେ 4G/5G ର Digital Mobile Network ଲଗାନ୍ତୁ (ପ୍ରଥମ ଆସନ୍ତୁ ପ୍ରଥମ ଲଗାନ୍ତୁ)
ADVANCE-60LAKH
ଭଡା-୪୫୦୦୦/-ମାସିକ
ଚାକିରି-୨୦୦୦୦/-(ବେତନ)
ଏକ ବୋଲର ଗାଡି ।
ତିନି ଦିନରେ ଫଳାଫଳ ପାଆନ୍ତୁ । ଧୋକାବାଜ କମ୍ପାନୀ ରୁ ସାବଧାନ ରୁହନ୍ତୁ ।
8765265284
9473603205

**VINAYAK Finance**
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
8595662905

**BDFC Finance**
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆସିପାରେ ଆଉ ଏକ ପ୍ୟାକେଜ

**ନୂଆଦିଲ୍ଲୀ,୭।୯ :** କରୋନା ଯୋଗୁ ଲୋକମାନେ ବର୍ତ୍ତମାନ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଏଭଳି ସ୍ଥିତିରେ ସରକାର ଆଉ ଏକ ପ୍ୟାକେଜ ଲୋକଙ୍କ ଲାଗି ଆଣିପାରନ୍ତି ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି। ଅଣ ବେତନଭୋଗୀ ମଧ୍ୟବିତ୍ତ ପରିବାର ଏବଂ କ୍ଷୁଦ୍ର ବ୍ୟବସାୟୀଙ୍କ ଉପରେ ଏହି ପ୍ୟାକେଜରେ ଫୋକସ କରାଯିବ ବୋଲି କୁହାଯାଉଛି। ମଧ୍ୟବିତ ପରିବାର କରୋନା ଯୋଗୁ ନାହିଁ ନ ଥିବା ଅସୁବିଧା ସାମ୍ନା କରିଥିବା ସରକାରଙ୍କ ନଜରକୁ ଆସିଛି। ଏହା ପୂର୍ବରୁ ସରକାର ମେ ମାସରେ ୨୦ ଲକ୍ଷ ଟଙ୍କାର ଆତ୍ମନିର୍ଭର ପ୍ୟାକେଜ ଘୋଷଣା କରିଛନ୍ତି। ଦ୍ୱିତୀୟ ତ୍ରୈମାସରେ ଦେଶର ଅର୍ଥ ବ୍ୟବସ୍ଥାରେ ସୁଧାର ଆସିବ ବୋଲି ସରକାର ଅନୁମାନ ଲଗାଇଥିଲେ। ହେଲେ ବର୍ତ୍ତମାନ ଅର୍ଥ ବ୍ୟବସ୍ଥା ଟ୍ରାକ୍‌କୁ ଫେରି ପାରିନାହିଁ। ଧୀରେ ଧୀରେ ସାରା ଦେଶରେ ଲକ୍‌ଡାଉନ ହଟିଥିଲେ ମଧ୍ୟ ସବୁ କିଛି ଠିକ୍ ହେଲା ଭଳି ବର୍ତ୍ତମାନ ପ୍ରତୀୟମାନ ହେଉ ନ ଥିବା ସରକାର ଉପଲବ୍ଧି କରିଛନ୍ତି।


## MCL ମହାନଦୀ କୋଲଫିଲ୍ଡସ ଲିମିଟେଡ୍

(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in

ସନ୍ଦର୍ଭ ସଂଖ୍ୟା:MCL/OA/OSA/OC-1&2/Per/2020/1378 ତା.03.08.2020ରିଖ

ପ୍ରାପ୍ତେଷୁ,
ଶ୍ରୀ ମିଥୁନ କୁମାର କେଓଟ
ପଦନାମ : ଜେନେରାଲ ମଜଦୁର
କର୍ମଚାରୀ କୋଡ୍ : 77595569
ମାଇନ ନଂ.1 ଏବଂ 2, ଓରିଏଣ୍ଟ ଉପ କ୍ଷେତ୍ର

ବର୍ତ୍ତମାନ ଠିକଣା :
ସା : କ୍ୱାର୍ଟର ନଂ.୧୦୦/ବି, ଭିଏସ୍‌ଏସ୍ ନଗର, ବୁନ୍ଦିଆ କଲୋନୀ, ପୋଷ୍ଟ : ଆର.କୁଦୋପାଲି, ଥାନା : ବ୍ରଜରାଜନଗର, ଜିଲ୍ଲା : ଝାରସୁଗୁଡ଼ା(ଓଡ଼ିଶା)
ସ୍ଥାୟୀ ଠିକଣା :
ସା : ପ୍ରସାଦ, ପୋଷ୍ଟ : ବିତ୍‌କୁଳି, ଥାନା : ହିରି, ଜିଲ୍ଲା : ବିଲାସପୁର (ଛତିଶଗଡ଼)

ଆପଣ ତା.**25.10.2018ରିଖ** ଠାରୁ କୌଣସି ସୂଚନା କିମ୍ବା ସ୍ୱୀକୃତ ଛୁଟି ବିନା ଅନଧିକୃତ ଭାବେ ନିଜ କାର୍ଯ୍ୟରୁ ଅନୁପସ୍ଥିତ ରହିଆସୁଛନ୍ତି । ତଦନୁଯାୟୀ ପତ୍ର ସଂ.MCL/OA/OSA/OC 1 & 2/CM/19/5209 ତା.20.02.2019 ରିଖ ଅନୁସାରେ ଆପଣଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗ ଫର୍ଦ୍ଦ ଜାରି କରାଯାଇଥିଲା, ଯାହାକି ଆପଣଙ୍କ ସ୍ଥାୟୀ ଘର ଠିକଣାରେ ପଠାଯାଇଥିଲା । କିନ୍ତୁ ଆପଣ ଉପରୋକ୍ତ ଅଭିଯୋଗ ଫର୍ଦ୍ଦ ସନ୍ଦର୍ଭରେ କୌଣସି ଲିଖିତ ସ୍ପଷ୍ଟୀକରଣ ଦେବାରେ ବିଫଳ ହୋଇଛନ୍ତି । ପରିଣାମ ସ୍ୱରୂପ, ଏକ ଘରୋଇ ଯାଞ୍ଚ ପରିଚାଳନା କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ଏବଂ ସେଥିପାଇଁ କାର୍ଯ୍ୟାଳୟ ଆଦେଶନାମା ସଂ.MCL/OA/OSA/OC 1 & 2/CM/ENQ/19/5569, ତା.28.02.2019ରିଖ ଅନୁଯାୟୀ ଇଓ ଭାବେ ଶ୍ରୀ ଏଲ୍.ଏନ୍.ସାହୁ ଏବଂ ପ୍ରବନ୍ଧନ ପ୍ରତିନିଧି ଭାବେ ଶ୍ରୀ ଏ.କେ.ବିହ୍ନା, ପଦନାମ : ସହାୟକ ପ୍ରବନ୍ଧକ(ଖଣି)ଙ୍କୁ ନେଇ ଏକ ଯାଞ୍ଚ କମିଟି ଗଠନ କରାଯାଇଥିଲା ।
ଯାଞ୍ଚ ଅଧିକାରୀ କ୍ରମଶ : ପତ୍ର (ପ୍ରଥମ ମେମୋ) ସଂ.MCL/OA/OSA/OC 1 & 2/ PER/19/5591, ତା.01.03.2019ରିଖ, (ଦ୍ୱିତୀୟ ମେମୋ) MCL/OA/OSA/OC 1 & 2/ PER/19/320, ତା.23.04.2019ରିଖ, (ତୃତୀୟ ମେମୋ) MCL/OA/OSA/OC 1 & 2/ PER/19/894, ତା.31.05.2019ରିଖ, (ଚତୁର୍ଥ ମେମୋ) MCL/OA/OSA/OC 1 & 2/ PER/19/1668, ତା.22.07.2019ରିଖ ଏବଂ (ପଞ୍ଚମ ମେମୋ) MCL/OA/OSA/OC 1 & 2/ PER/19/3206, ତା.26.08.2019ରିଖ ଏବଂ (ଷଷ୍ଠ ମେମୋ) MCL/OA/OSA/OC 1 & 2/ PER/19/5897, ତା.11.12.2019ରିଖ ଅନୁଯାୟୀ ଯାଞ୍ଚ ବିଜ୍ଞପ୍ତି ଜାରି କରି ଯାଞ୍ଚ କମିଟି ସମ୍ମୁଖରେ ଉପସ୍ଥିତ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏହିସବୁ ବିଜ୍ଞପ୍ତିଗୁଡ଼ିକ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଆପଣଙ୍କ ବର୍ତ୍ତମାନ ଏବଂ ସ୍ଥାୟୀ ଠିକଣାରେ ପଠାଯାଇଥିଲା । କିନ୍ତୁ ଆପଣ ଯାଞ୍ଚ ପ୍ରକ୍ରିୟା/ଯାଞ୍ଚ କମିଟି ସମ୍ମୁଖରେ ଉପସ୍ଥିତ ହେବାରେ ବିଫଳ ହୋଇଛନ୍ତି । ତେଣୁ ଯାଞ୍ଚ ଅଧିକାରୀ ଉକ୍ତ ଯାଞ୍ଚକୁ ଏକ-ତରଫା ଭାବେ ଶେଷ କରିଛନ୍ତି । ପତ୍ର ସଂ.MCL/OA/OSA/OC 1 & 2/PER/20/7550, ତା.30.01.2020ରିଖ ଅନୁଯାୟୀ ଯାଞ୍ଚ ଅଧିକାରୀଙ୍କ ଯାଞ୍ଚ ରିପୋର୍ଟ ଏବଂ ତତ୍‌ଜନିତ ସିଦ୍ଧାନ୍ତର ନକଲ ଆପଣଙ୍କ ସ୍ଥାୟୀ ଘର ଠିକଣାରେ ପଠାଯାଇ ଆପଣଙ୍କ ତରଫରୁ ଲିଖିତ ସ୍ପଷ୍ଟୀକରଣ ପ୍ରଦାନ କରିବାକୁ କୁହାଯାଇଥିଲା । କିନ୍ତୁ ତାହା ଡାକ ବିଭାଗ ଦ୍ୱାରା ଫେରସ୍ତ ଆସିନଥିଲା । ଆଜି ପର୍ଯ୍ୟନ୍ତ ଆପଣ ନିଜର ଲିଖିତ ସ୍ପଷ୍ଟୀକରଣ ଦାଖଲ କରିନାହାନ୍ତି ।
ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି, ଅସଦାଚରଣର ଗୁରୁତ୍ୱକୁ ବିଚାର କରି, ପ୍ରବନ୍ଧନ ଏମ.ସି.ଏଲ୍.ର ପ୍ରମାଣିତ ସ୍ଥାୟୀ ଆଦେଶନାମା, ଯାହା ଅଧୀନରେ ଆପଣଙ୍କ ଚାକିରୀ ପରିଚାଳିତ, ବ୍ୟବସ୍ଥାବଳୀ ଅନୁଯାୟୀ ଦଣ୍ଡବିଧାନ କରିବାକୁ ପ୍ରସ୍ତାବ ଦେଇଛି ।
ତେଣୁ, ସମ୍ବାଦପତ୍ରଗୁଡ଼ିକରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୦ (ଦଶ) ଦିନ ଭିତରେ ଉପରୋକ୍ତ କାରଣ ଦର୍ଶାଅ ବିଜ୍ଞପ୍ତିର ଲିଖିତ ସ୍ପଷ୍ଟୀକରଣ (ଯଦି ଥାଏ) କୋଲିଆରୀ ପ୍ରବନ୍ଧକ, ଖଣି ନଂ.୧ ଏବଂ ୨, ଓଏସ୍‌ଏଙ୍କ ନିକଟରେ ଦାଖଲ କରିବାକୁ ଆପଣଙ୍କୁ ପୁନର୍ବାର ନିର୍ଦ୍ଦେଶିତ କରାଯାଉଛି । ଯଦି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆପଣଙ୍କ ତରଫରୁ କୌଣସି ଉତ୍ତର ନମିଳେ, ତେବେ ଏ ମାମଲରେ ଆପଣଙ୍କର କିଛି କହିବାରେ ନାହିଁ ଏବଂ ତଦନୁସାରେ ପରବର୍ତ୍ତୀ ସମୟରେ କୌଣସି ପତ୍ରାଚାର ବିନା ଆପଣଙ୍କୁ ଚାକିରୀରୁ ବହିଷ୍କାର/ଭାରମୁକ୍ତ ଦଣ୍ଡବିଧାନ କରାଯିବ ।

କୋଲିଆରୀ ପ୍ରବନ୍ଧକ/ଅନୁଶାସନ ପ୍ରାଧିକାରୀ
ଓରିଏଣ୍ଟ ଖଣି ନଂ.୧ ଏବଂ ୨, ଓଏସ୍‌ଏ
R-5010

## MCL ମହାନଦୀ କୋଲଫିଲ୍ଡସ ଲିମିଟେଡ୍

(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ :www.mahanadicoal.in

ସନ୍ଦର୍ଭ ସଂଖ୍ୟା:MCL/OA/OSA/OC-1&2/Per/2020/1379 ତା.03.08.2020ରିଖ

ପ୍ରାପ୍ତେଷୁ,
ଶ୍ରୀ ସନ୍ତୋଷ ଦାସ
ପଦନାମ : ଜେନେରାଲ ମଜଦୁର
କର୍ମଚାରୀ କୋଡ୍ : 77588663
ମାଇନ ନଂ.1 ଏବଂ 2, ଓରିଏଣ୍ଟ ଉପ କ୍ଷେତ୍ର

ବର୍ତ୍ତମାନ ଠିକଣା :
ସା : କ୍ୱାର୍ଟର ନଂ.ଏମକ୍ୟୁ/୧୦୯, ଦୁର୍ଗାନଗର, ପୋଷ୍ଟ : ବ୍ରଜରାଜନଗର, ଥାନା : ବ୍ରଜରାଜନଗର, ଜିଲ୍ଲା : ଝାରସୁଗୁଡ଼ା(ଓଡ଼ିଶା)
ସ୍ଥାୟୀ ଠିକଣା :
ସା : ଭଦ୍ର ପଡା ବାଙ୍କୋ ନଗର, ପୋଷ୍ଟ : ବାଙ୍କୋ ନଗର, ଥାନା : ବାଙ୍କୋ ନଗର, ଜିଲ୍ଲା : କୋର୍ବା (ଛତିଶଗଡ଼)

ଆପଣ ତା.**01.09.2018ରିଖ** ଠାରୁ କୌଣସି ସୂଚନା କିମ୍ବା ସ୍ୱୀକୃତ ଛୁଟି ବିନା ଅନଧିକୃତ ଭାବେ ନିଜ କାର୍ଯ୍ୟରୁ ଅନୁପସ୍ଥିତ ରହିଆସୁଛନ୍ତି । ତଦନୁଯାୟୀ ପତ୍ର ସଂ.MCL/OA/OSA/OC 1 & 2/CM/19/5270 ତା.20.02.2019 ରିଖ ଅନୁସାରେ ଆପଣଙ୍କ ଉଦ୍ଦେଶ୍ୟରେ ଏକ ଅଭିଯୋଗ ଫର୍ଦ୍ଦ ଜାରି କରାଯାଇଥିଲା, ଯାହାକି ଆପଣଙ୍କ ସ୍ଥାୟୀ ଘର ଠିକଣାରେ ପଠାଯାଇଥିଲା । କିନ୍ତୁ ଆପଣ ଉପରୋକ୍ତ ଅଭିଯୋଗ ଫର୍ଦ୍ଦ ସନ୍ଦର୍ଭରେ କୌଣସି ଲିଖିତ ସ୍ପଷ୍ଟୀକରଣ ଦେବାରେ ବିଫଳ ହୋଇଛନ୍ତି । ପରିଣାମ ସ୍ୱରୂପ, ଏକ ଘରୋଇ ଯାଞ୍ଚ ପରିଚାଳନା କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ଏବଂ ସେଥିପାଇଁ କାର୍ଯ୍ୟାଳୟ ଆଦେଶନାମା ସଂ.MCL/OA/OSA/OC 1 & 2/CM/ENQ/19/5567, ତା.28.02.2019ରିଖ ଅନୁଯାୟୀ ଇଓ ଭାବେ ଶ୍ରୀ ଏଲ୍.ଏନ୍.ସାହୁ ଏବଂ ପ୍ରବନ୍ଧନ ପ୍ରତିନିଧି ଭାବେ ଶ୍ରୀ ଏ.କେ.ବିହ୍ନା, ପଦନାମ : ସହାୟକ ପ୍ରବନ୍ଧକ(ଖଣି)ଙ୍କୁ ନେଇ ଏକ ଯାଞ୍ଚ କମିଟି ଗଠନ କରାଯାଇଥିଲା ।
ଯାଞ୍ଚ ଅଧିକାରୀ କ୍ରମଶ : ପତ୍ର (ପ୍ରଥମ ମେମୋ) ସଂ.MCL/OA/OSA/OC 1 & 2/ PER/19/5589, ତା.01.03.2019ରିଖ, (ଦ୍ୱିତୀୟ ମେମୋ) MCL/OA/OSA/OC 1 & 2/ PER/19/319, ତା.23.04.2019ରିଖ, (ତୃତୀୟ ମେମୋ) MCL/OA/OSA/OC 1 & 2/ PER/19/892, ତା.31.05.2019ରିଖ, (ଚତୁର୍ଥ ମେମୋ) MCL/OA/OSA/OC 1 & 2/ PER/19/1669, ତା.22.07.2019ରିଖ ଏବଂ (ପଞ୍ଚମ ମେମୋ) MCL/OA/OSA/OC 1 & 2/ PER/19/3205, ତା.26.08.2019ରିଖ ଏବଂ (ଷଷ୍ଠ ମେମୋ) MCL/OA/OSA/OC 1 & 2/ PER/19/5899, ତା.11.12.2019ରିଖ ଅନୁଯାୟୀ ଯାଞ୍ଚ ବିଜ୍ଞପ୍ତି ଜାରି କରି ଯାଞ୍ଚ କମିଟି ସମ୍ମୁଖରେ ଉପସ୍ଥିତ ହେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏହିସବୁ ବିଜ୍ଞପ୍ତିଗୁଡ଼ିକ ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଆପଣଙ୍କ ବର୍ତ୍ତମାନ ଏବଂ ସ୍ଥାୟୀ ଠିକଣାରେ ପଠାଯାଇଥିଲା । କିନ୍ତୁ ଆପଣ ଯାଞ୍ଚ ପ୍ରକ୍ରିୟା/ଯାଞ୍ଚ କମିଟି ସମ୍ମୁଖରେ ଉପସ୍ଥିତ ହେବାରେ ବିଫଳ ହୋଇଛନ୍ତି । ତେଣୁ ଯାଞ୍ଚ ଅଧିକାରୀ ଉକ୍ତ ଯାଞ୍ଚକୁ ଏକ-ତରଫା ଭାବେ ଶେଷ କରିଛନ୍ତି । ପତ୍ର ସଂ.MCL/OA/OSA/OC 1 & 2/PER/20/7551, ତା.30.01.2020ରିଖ ଅନୁଯାୟୀ ଯାଞ୍ଚ ଅଧିକାରୀଙ୍କ ଯାଞ୍ଚ ରିପୋର୍ଟ ଏବଂ ତତ୍‌ଜନିତ ସିଦ୍ଧାନ୍ତର ନକଲ ଆପଣଙ୍କ ସ୍ଥାୟୀ ଘର ଠିକଣାରେ ପଠାଯାଇ ଆପଣଙ୍କ ତରଫରୁ ଲିଖିତ ସ୍ପଷ୍ଟୀକରଣ ପ୍ରଦାନ କରିବାକୁ କୁହାଯାଇଥିଲା । କିନ୍ତୁ ତାହା ଡାକ ବିଭାଗ ଦ୍ୱାରା ଫେରସ୍ତ ଆସିନଥିଲା । ଆଜି ପର୍ଯ୍ୟନ୍ତ ଆପଣ ନିଜର ଲିଖିତ ସ୍ପଷ୍ଟୀକରଣ ଦାଖଲ କରିନାହାନ୍ତି ।
ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି, ଅସଦାଚରଣର ଗୁରୁତ୍ୱକୁ ବିଚାର କରି, ପ୍ରବନ୍ଧନ ଏମ.ସି.ଏଲ୍.ର ପ୍ରମାଣିତ ସ୍ଥାୟୀ ଆଦେଶନାମା, ଯାହା ଅଧୀନରେ ଆପଣଙ୍କ ଚାକିରୀ ପରିଚାଳିତ, ବ୍ୟବସ୍ଥାବଳୀ ଅନୁଯାୟୀ ଦଣ୍ଡବିଧାନ କରିବାକୁ ପ୍ରସ୍ତାବ ଦେଇଛି ।
ତେଣୁ, ସମ୍ବାଦପତ୍ରଗୁଡ଼ିକରେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୧୦ (ଦଶ) ଦିନ ଭିତରେ ଉପରୋକ୍ତ କାରଣ ଦର୍ଶାଅ ବିଜ୍ଞପ୍ତିର ଲିଖିତ ସ୍ପଷ୍ଟୀକରଣ (ଯଦି ଥାଏ) କୋଲିଆରୀ ପ୍ରବନ୍ଧକ, ଖଣି ନଂ.୧ ଏବଂ ୨, ଓଏସ୍‌ଏଙ୍କ ନିକଟରେ ଦାଖଲ କରିବାକୁ ଆପଣଙ୍କୁ ପୁନର୍ବାର ନିର୍ଦ୍ଦେଶିତ କରାଯାଉଛି । ଯଦି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆପଣଙ୍କ ତରଫରୁ କୌଣସି ଉତ୍ତର ନମିଳେ, ତେବେ ଏ ମାମଲରେ ଆପଣଙ୍କର କିଛି କହିବାରେ ନାହିଁ ଏବଂ ତଦନୁସାରେ ପରବର୍ତ୍ତୀ ସମୟରେ କୌଣସି ପତ୍ରାଚାର ବିନା ଆପଣଙ୍କୁ ଚାକିରୀରୁ ବହିଷ୍କାର/ଭାରମୁକ୍ତ ଦଣ୍ଡବିଧାନ କରାଯିବ ।

କୋଲିଆରୀ ପ୍ରବନ୍ଧକ/ଅନୁଶାସନ ପ୍ରାଧିକାରୀ
ଓରିଏଣ୍ଟ ଖଣି ନଂ.୧ ଏବଂ ୨, ଓଏସ୍‌ଏ
R-5011

## ସଂକ୍ଷେପରେ

### ନରେନ୍ଦ୍ରଙ୍କ ବିୟୋଗରେ ବିଜେଡି କାର୍ଯ୍ୟାଳୟରେ ଶୋକସଭା

**ଭୁବନେଶ୍ୱର,୭।୯(ବ୍ୟୁରୋ):** ବରିଷ୍ଠ ବିଜେଡି ନେତା ତଥା ପୂର୍ବତନ ରାଜ୍ୟ ସଭା ଏମପି ନରେନ୍ଦ୍ର ସ୍ୱାଇଁଙ୍କ ବିୟୋଗରେ ସୋମବାର ସନ୍ଧ୍ୟାରେ ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ଶୋକ ସଭା ଆୟୋଜନ କରାଯାଇଥିଲା। ବୈଠରେ ଉପସ୍ଥିତ ଦଳୀୟ ନେତା ଓ କାର୍ଯ୍ୟକର୍ତ୍ତା ସ୍ୱର୍ଗତ ସ୍ୱାଇଁଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟାଳୟରେ ମୃତକଙ୍କ ସମ୍ମାନାର୍ଥେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଧାରଣ ସମ୍ପାଦକ (କାର୍ଯ୍ୟାଳୟ) ସଞ୍ଜୟ ଦାସବର୍ମା,ଏକାମ୍ର ବିଧାୟକ ଅଶୋକ ଚନ୍ଦ୍ର ପଣ୍ଡା,ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତ ରାୟ, ବିଜୁ ଛାତ୍ର ଜନତା ଦଳ ରାଜ୍ୟ ସଭାପତି ରାଣା ପ୍ରତାପ ପାତ୍ର, ବିଜୁ ଯୁବ ଜନତା ଦଳ ରାଜ୍ୟ ସଭାପତି ଅମରେଶ ପତ୍ରୀ, ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଉପଦେଷ୍ଟା ବିଜୟ ନାୟକ, ମହିଳା ଜନତା ଦଳର ସାଧାରଣ ସମ୍ପାଦକ ସୁଲତା ଦେଓ, ମହିଳା କମିଶନର ମିନତି ବେହେରା, ଭିନ୍ନକ୍ଷମ କମିଶନର ସୁଲୋଚନା ଦାସ, ଏଲିନା ଦାସ, ଭାରତୀ ସିଂ ପ୍ରମୁଖ ଉପସ୍ଥିତ ରହି ନରେନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

### 'ସେବା ହିଁ ସଙ୍ଗଠନ' ଇ-ବୁକ୍ ଉନ୍ମୋଚିତ

**ଭୁବନେଶ୍ୱର,୭।୯(ବ୍ୟୁରୋ):** କୋଭିଡ୍-୧୯ ଜନିତ ଲକ୍‌ଡାଉନ ଓ ଶଟ୍‌ଡାଉନ ସମୟରେ 'ସେବା ହିଁ ସଙ୍ଗଠନ'କୁ ଆଧାରକରି ଭାଜପା କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ କାର୍ଯ୍ୟକୁ ଦାୟିତ୍ୱର ସହ ସମ୍ପାଦନ କରିଛନ୍ତି। କାର୍ଯ୍ୟକର୍ତ୍ତାମାନେ 'ଫିଡ୍ ଦି ନିଡି-ପ୍ରଧାନମନ୍ତ୍ରୀ ଅନ୍ନ ଯୋଜନା' କାର୍ଯ୍ୟକ୍ରମ ପିଏମ୍ କେୟାର୍ସକୁ ମୁକ୍ତହସ୍ତରେ ଦାନ କରିବା, ଆରୋଗ୍ୟ ସେତୁ ଆପ୍‌କୁ ବ୍ୟବହାର କରିବା ଏବଂ କରୋନା ସହ ଲଢେଇ କରୁଥିବା ଯୋଦ୍ଧାଙ୍କୁ ଧନ୍ୟବାଦ ଦେବା କାମ ନିଷ୍ଠାର ସହ ସମ୍ପାଦନା କରିଛନ୍ତି। ରାଜ୍ୟ ସଭାପତି ସମର ମହାନ୍ତି ଏବଂ ଦଳର ବରିଷ୍ଠ ନେତୃତ୍ୱଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ ସବୁ ଜିଲାରେ ଅନୁଷ୍ଠିତ ହୋଇଛି। ଏସବୁ କାର୍ଯ୍ୟକୁ ନେଇ ଜିଲାସ୍ତରରେ ଇ-ବୁକ୍ ପ୍ରସ୍ତୁତ କରାଯାଇଛି। ନବରଙ୍ଗପୁର ଜିଲା କାର୍ଯ୍ୟକ୍ରମରେ ସମୀର ମହାନ୍ତି ଜିଲାସ୍ତରୀୟ ଇ-ବୁକ୍ ଉନ୍ମୋଚନ କରିଛନ୍ତି। ୱେବିନାର ଭିଡିଓ କନଫରେନ୍ସ ମାଧ୍ୟମରେ ଏହି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭାଜପା କାର୍ଯ୍ୟକର୍ତ୍ତାମାନେ 'ସେବା ହିଁ ସଙ୍ଗଠନ'କୁ ମୂଳମନ୍ତ୍ର କରି କାର୍ଯ୍ୟ କରୁଛନ୍ତି ବୋଲି ଏହି ଅବସରରେ ମହାନ୍ତି କହିଛନ୍ତି। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କ ଆହ୍ୱାନକ୍ରମେ ଦଳର କାର୍ଯ୍ୟକର୍ତ୍ତାମାନେ ଭାରତୀୟ ପରମ୍ପରା 'ନର ସେବା - ନାରାୟଣ ସେବା'କୁ ସମ୍ମାନ ଜଣାଇ ମହାମାରୀ କରୋନା ଭୂତାଣୁଜନିତ ଲକ୍‌ଡାଉନ ସମୟରେ ସ୍ୱେଚ୍ଛାକୃତ ଭାବେ ନିତି ଆବଶ୍ୟକ ସାମଗ୍ରୀ ପହଞ୍ଚାଇବାର କାର୍ଯ୍ୟକୁ ଏହି ଇ-ବୁକ୍‌ରେ ସ୍ଥାନିତ କରାଯାଇଛି।

# ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦେଉନି ଜେଲ ବିଭାଗ

- ୨୦୧୫ରେ ୯୩୭ଜଣ କଏଦୀ ଶିକ୍ଷା ପାଇଥିଲେ
- ୨୦୧୯ରେ ମାତ୍ର ୧୦୧ ଜଣଙ୍କୁ ମିଳିଛି ଧନ୍ଦାମୂଳକ ଶିକ୍ଷା
- ଜେଲ ସାମଗ୍ରୀ କ୍ଷେତ୍ରରେ ଖରାପ ପ୍ରଦର୍ଶନକାରୀ ୧୦ ରାଜ୍ୟ ମଧ୍ୟରେ ଓଡ଼ିଶା

ଭୁବନେଶ୍ୱର,୭।୯ (ବ୍ୟୁରୋ)

ଜେଲରେ ରହୁଥିବା କଏଦୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସବୁ ରାଜ୍ୟର ଜେଲ ବିଭାଗ ଗୁରୁତ୍ୱ ଦେଉଛନ୍ତି। କଏଦୀମାନେ ଜେଲରୁ ମୁକ୍ତ ହେବାପରେ ଯେପରି ଅପରାଧରେ ଲିପ୍ତ ନ ରହି ସ୍ୱାବଲମ୍ବୀ ହୋଇ ସମାଜରେ ଅନ୍ୟମାନଙ୍କ ଭଳି ଜୀବନଯାପନ କରିବେ, ସେଥିଲାଗି ରାଜ୍ୟ ସରକାର ଜେଲ ସଂସ୍କାରରେ ବିଭିନ୍ନ ପ୍ରକାର କଲ୍ୟାଣମୂଳକ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି। ଏଥିପାଇଁ ଜେଲରେ କଏଦୀଙ୍କୁ ଧନ୍ଦାମୂଳକ ତାଲିମ ପ୍ରଦାନକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏହି ତାଲିମ ବା ଶିକ୍ଷା ସେମାନଙ୍କର ଆତ୍ମବିଶ୍ୱାସକୁ ବଢ଼ାଇବା ସହ ଆତ୍ମନିର୍ଭରଶୀଳ କରିବାରେ ବେଶ୍ ସହାୟକ ହେଉଛି। କଏଦୀମାନେ ଜେଲ୍‌ରେ ରହିବା ସମୟରେ ଶ୍ରମ ଦେଇ ଯେଉଁ ରୋଜଗାର କରୁଛନ୍ତି ତାହା ପରବର୍ତ୍ତୀ ସମୟରେ ସେମାନେ ହିଁ ଘରକୁ ନେଇ ଯାଉଛନ୍ତି। ସେହିପରି ଜେଲରୁ ବାହାରିବା ପରେ ସେମାନେ ଏହି ଜ୍ଞାନକୁ ବ୍ୟବହାର କରି ନିଜେ ଭଲରେ ବଞ୍ଚିବା ସହ ପରିବାର ଲୋକଙ୍କ ମୁହଁରେ ଦାନା ଯୋଗାଇଥାନ୍ତି। ହେଲେ ଏବେ ଜେଲ୍ ବିଭାଗ କଏଦୀଙ୍କ ଧନ୍ଦାମୂଳକ ଶିକ୍ଷାକୁ ଗୁରୁତ୍ୱ ଦେଉ ନ ଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ରିପୋର୍ଟରୁ ଜଣାପଡିଛି।

ଆଦର୍ଶ ଜେଲ ମାନୁଆଲ ନିୟମ ଅନୁସାରେ, ସବୁ ରାଜ୍ୟ ସରକାର ଜେଲରେ କଏଦୀଙ୍କୁ ବୃତ୍ତିଗତ ତଥା ଧନ୍ଦାମୂଳକ ତାଲିମ୍ ଦେବା ବାଧ୍ୟତାମୂଳକ। କିନ୍ତୁ ବିଗତ ୧୦ବର୍ଷର ଏନ୍‌ସିଆରବି ରିପୋର୍ଟରୁ ଜଣାପଡିଛି ଯେ, ଟେଲରିଂ, ହସ୍ତଶିଳ୍ପ, ରାଜମିସ୍ତ୍ରି, ପାଇପ୍ କାମ, କୃଷି ଉତ୍ପାଦନ, ସାବୁନ ଓ ଫିନାଇଲ ତିଆରି ଆଦି କ୍ଷେତ୍ରରେ କଏଦୀଙ୍କୁ ତାଲିମ୍ ଦିଆଯାଉଛି। କିନ୍ତୁ ଧୀରେ ଧୀରେ ଜେଲ୍ ବିଭାଗ ଏସବୁ ତାଲିମ୍ ଉପରେ ସେତେଟା ଗୁରୁତ୍ୱ ଦେଉନାହିଁ। ୨୦୧୦ରେ ମୋଟ ୧୨୪୨୯ ଜଣ କଏଦୀଙ୍କ ମଧ୍ୟରୁ ୪୮୧ ଜଣ କଏଦୀ ବିଭିନ୍ନ ଧନ୍ଦାମୂଳକ ତାଲିମ ଗ୍ରହଣ କରିଥିଲେ। ଏହ ହାର ୨୦୧୫ ପର୍ଯ୍ୟନ୍ତ କ୍ରମାଗତ ବୃଦ୍ଧି ଘଟିଥିଲା। ୨୦୧୫ରେ ରାଜ୍ୟର ୯୦ ଜେଲରେ ମୋଟ ୧୫,୯୬୫ଜଣ କଏଦୀ ରହିଥିବାବେଳେ ୯୩୭ଜଣ ବିଭିନ୍ନ ବୃତ୍ତିଗତ ଶିକ୍ଷା ଅଧୀନରେ ତାଲିମ ନେଇଥିଲେ। କିନ୍ତୁ ୨୦୧୬ରେ କେବଳ ୯୨ଜଣ କଏଦୀଙ୍କୁ ରାଜ୍ୟର ବିଭିନ୍ନ ଜେଲରେ ଧନ୍ଦାମୂଳକ ତାଲିମ ଦିଆଯାଇଥିଲା। ହେଲେ ୨୦୧୭ରେ ରାଜ୍ୟର କୌଣସି ଜଣେ ହେଲେ ବି କଏଦୀଙ୍କୁ ଏହି ତାଲିମ ଦେବାରେ ଜେଲ କର୍ତ୍ତୃପକ୍ଷ ବିଫଳ ହୋଇଥିଲେ। ସେହିପରି ୨୦୧୮ ମାତ୍ର ୯୪ ଓ ୨୦୧୯ରେ ୧୦୧ କଏଦୀ ପ୍ରଶିକ୍ଷଣ ନେଇଛନ୍ତି। ୨୦୧୫ରୁ ୨୦୧୭, ଏହି ୩ବର୍ଷ ମଧ୍ୟରେ ୧୬୨ ଜଣଙ୍କ ମଧ୍ୟରୁ କେବଳ ୩୨ଜଣଙ୍କୁ ରାଜମିସ୍ତ୍ରି ଓ ପାଇପ୍ କାମ ପାଇଁ ତାଲିମ ଦିଆଯାଇଥିଲା। ଫଳରେ କଏଦୀଙ୍କ ଦ୍ୱାରା ଜେଲରୁ ଉତ୍ପାଦିତ ସାମଗ୍ରୀ ପରିମାଣ ଓ ମୂଲ୍ୟରେ ମଧ୍ୟ ହ୍ରାସ ଘଟୁଥିବା ଉକ୍ତ ରିପୋର୍ଟରୁ ଜଣାପଡିଛି।

ଅନ୍ୟପକ୍ଷରେ ୨୦୧୭ ଓଡିଶା ଜେଲ୍ ଅଡ଼ିଟ ରିପୋର୍ଟରୁ ଜଣାପଡିଛି ଯେ, ବ୍ରହ୍ମପୁର ସର୍କଲ ଜେଲ ବ୍ୟତୀତ ଓଡିଶାର କୌଣସି ଜେଲ୍ କର୍ତ୍ତୃପକ୍ଷ ଧନ୍ଦାମୂଳକ ତାଲିମ ଦେଇନାହାନ୍ତି। ପୁଣି ଭଲ ପ୍ରଶିକ୍ଷଣ ଦିଆଯାଉ ନ ଥିବାରୁ କଏଦୀଙ୍କ ଦ୍ୱାରା ଉତ୍ପାଦିତ ସାମଗ୍ରୀର ଚାହିଦା ସହ ମୂଲ୍ୟ ମଧ୍ୟ ହ୍ରାସ ପାଇଛି। ୨୦୧୫ରେ ତାଲିମପ୍ରାପ୍ତ କଏଦୀଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟର ବିକ୍ରି ବାବଦକୁ ମୋଟ ୧.୨୫ କୋଟି ଟଙ୍କା ମିଳିଥିବାବେଳେ ୨୦୧୯ରେ ଏହା ୭୮ ଲକ୍ଷ ଟଙ୍କାକୁ ଖସି ଆସିଛି। ୨୦୧୯ରେ ଜେଲ୍ ସାମଗ୍ରୀର ମୂଲ୍ୟ କ୍ଷେତ୍ରରେ ଓଡିଶା ଦେଶର ଦଶ ଖରାପ ପ୍ରଦର୍ଶନକାରୀ ରାଜ୍ୟ ମଧ୍ୟରେ ରହିଛି। ସବୁଠୁ ବଡ଼ କଥା ହେଲା ତେଲଙ୍ଗାନାରେ ୩୦ଟି ଜେଲ ଥିବାବେଳେ ଏକଦୀଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀକୁ ବିକି ଜେଲ କର୍ତ୍ତୃପକ୍ଷ ୫୯୯.୮୯ କୋଟି ଟଙ୍କା ଆୟ କରିଛି। ହେଲେ ଓଡିଶାରେ ୯୦ଟି ଜେଲ ରହିଥିଲେ ମଧ୍ୟ ମାତ୍ର ୭୮ଲକ୍ଷ ଟଙ୍କା ଆୟ କରିବା ଜେଲ୍ ବିଭାଗର ଅଣଦେଖା ଓ ଅବହେଳାକୁ ସ୍ପଷ୍ଟ କରୁଛି।

# ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ

**କୋଭିଡ୍ ଗାଇଡଲାଇନକୁ ବେଖାତିର**

- କିଛି ଲୋକଙ୍କ ପାଇଁ ସମସ୍ତଙ୍କ ଜୀବନ ବିପନ୍ନ ହେଉଛି: ଏସ୍‌ଆର୍‌ସି



ପ୍ରଦୀପ କୁମାର ଜେନା

ଭୁବନେଶ୍ୱର,୭।୯(ବ୍ୟୁରୋ)

କଟକ ଓ ଭୁବନେଶ୍ୱର ମହାନଗର ନିଗମରେ କରୋନା ସଂକ୍ରମିତଙ୍କ ସଂଖ୍ୟା ହୁ ହୁ ହୋଇ ବଢି ଚାଲିଛି। କେତେକ ବ୍ୟକ୍ତି କୋଭିଡ ଗାଇଡ ଲାଇନରେ ଥିବା କଟକଣାକୁ ଅଣ ଦେଖା କରୁଛନ୍ତି। କେତେକ ଲୋକ ବିନା ମାସ୍କରେ ଗହଳି କରୁଛନ୍ତି। ସନ୍ଧ୍ୟା ସମୟରେ ଭୁବନେଶ୍ୱର ଓ କଟକ ସହରର ବିଭିନ୍ନ ସ୍ଥାନରେ ପ୍ରବଳ ଗହଳି ହେଉଛି। ଗତ କିଛି ଦିନ ଧରି ରାଜ୍ୟ ସରକାରଙ୍କ ପକ୍ଷରୁ କରାଯାଇଥିବା ସର୍ବେକ୍ଷଣରୁ ଏହା ଜଣାପଡିଛି। କେତେକ ଦାୟିତ୍ୱହୀନ ଲୋକଙ୍କ ଯୋଗୁ ସହରରେ କରୋନା ସଂକ୍ରମଣ ବଢୁଛି ବୋଲି ସ୍ୱତନ୍ତ୍ର ରିଲିଫ କମିଶନର(ଏସ୍‌ଆରସି) ପ୍ରଦୀପ କୁମାର ଜେନା କହିଛନ୍ତି। କୋଭିଡ ଗାଇଡଲାଇନ ମାନୁ ନ ଥିବା ଲୋକଙ୍କ ବିରୋଧରେ ବୁଧବାରଠାରୁ କଡା କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବ। ଏ ନେଇ ଦ୍ୱୈତ ନଗରୀର କମିଶନର ଓ ପୋଲିସ କମିଶନରଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି ବୋଲି ସେ ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ଏସଆରସି କହିଛନ୍ତି ଯେ, କରୋନା ମହାମାରୀ ରୋକିବା କେବଳ ସରକାରଙ୍କର କାର୍ଯ୍ୟ ନୁହେଁ। ପ୍ରତିଟି ଗଳି କନ୍ଦିରେ ସମସ୍ତଙ୍କୁ ଜଗିବା ସମ୍ଭବ ନୁହେଁ। କୋଭିଡ-୧୯ ସଂକ୍ରମଣ ପାଇଁ ଏପର୍ଯ୍ୟନ୍ତ କୌଣସି ଔଷଧ ବାହାରି ନାହିଁ। କେବଳ ମୁହଁରେ ମାସ୍କ ଲଗାଇବା ଓ ସାମାଜିକ ଦୂରତା ହିଁ ଏହି ରୋଗକୁ ପ୍ରତିହତ କରିବାରେ ସମର୍ଥ ହୋଇପାରିବ ବୋଲି ଡାକ୍ତର ଓ ଚିକିତ୍ସା ବିଶେଷଜ୍ଞମାନେ ମତ ଦେଉଛନ୍ତି। ଯଦି ଆମେ କେହି ଗାଇଡଲାଇନ ମାନିବା ନାହିଁ ତେବେ କରୋନା ଯୁଦ୍ଧକୁ ଜିତିବା ସମ୍ଭବ ହେବ ନାହିଁ। କଡାକାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଲୋକମାନେ ବୁଝିବାକୁ ଚେଷ୍ଟା ନ କରିବେ ତେବେ ସରକାର ବାଧ୍ୟ ହୋଇ କଡାକାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଅଳ୍ପ କେତେକଙ୍କ ପାଇଁ ସମସ୍ତଙ୍କ ଜୀବନ ବିପଦକୁ ଠେଲି ଦେଇ ହେବ ନାହିଁ ବୋଲି ଏସଆରସି କହିଛନ୍ତି। ଗାଇଡଲାଇନ ମାନୁ ନ ଥିବା ଲୋକଙ୍କ ବିରୋଧରେ ଆସନ୍ତା ଦୁଇ ଦିନ ମଧ୍ୟରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସଆରସି ଚେତାବନୀ ଦେଇଛନ୍ତି।

# ବିଧାୟକ, ମନ୍ତ୍ରୀଙ୍କ ହେବ କରୋନା ପରୀକ୍ଷା



ସୋମବାର ବିଧାନସଭା ପରିସରରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକ।

- ପଜିଟିଭ ହେଲେ ବିଧାନସଭା ମନା
- ଭିଡିଓ କନଫରେନ୍ସରେ ଯୋଗ ଦେବେ ବରିଷ୍ଠ ସଦସ୍ୟ

ଭୁବନେଶ୍ୱର, ୭।୯(ବ୍ୟୁରୋ)

ଚଳିତମାସ ଶେଷ ସୁଦ୍ଧା ବିଧାନସଭା ଅଧିବେଶନ ବସିବ। ବୈଠକ ବସିବାର ଦୁଇଦିନ ପୂର୍ବରୁ ମନ୍ତ୍ରୀ, ବିଧାୟକ ଓ କର୍ମଚାରୀମାନଙ୍କର କୋଭିଡ-୧୯ ପରୀକ୍ଷା କରାଯିବ। ଅଧିବେଶନର ପ୍ରସ୍ତୁତି ଓ ବିଧାୟକମାନଙ୍କର କରୋନା ପରୀକ୍ଷା ନେଇ ସୋମବାର ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଗଣମାଧ୍ୟମକୁ ସୂଚନା ଦେଇ ବାଚସ୍ପତି କହିଛନ୍ତି ଯେ, ଅଧିବେଶନରେ ଯୋଗଦେଉଥିବା ସମସ୍ତ ବିଧାୟକ, କର୍ମଚାରୀମାନଙ୍କର ସ୍ୱାସ୍ଥ୍ୟ ପ୍ରସଙ୍ଗରେ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଅଧିବେଶନର ଦୁଇଦିନ ପୂର୍ବରୁ ସମସ୍ତଙ୍କର ଆରଟିପିସିଆର କୋଭିଡ୍-୧୯ ପରୀକ୍ଷା କରାଯିବ। ଯେଉଁମାନଙ୍କର କରୋନା ନେଗେଟିଭ ଆସିବ ସେମାନଙ୍କୁ ଗୃହକାର୍ଯ୍ୟରେ ଯୋଗଦେବାକୁ ଅନୁମତି ମିଳିବ। ଯେଉଁମାନଙ୍କର ପଜିଟିଭ ଆସିବ ସେମାନଙ୍କୁ ବିଧାନସଭା ପରିସରକୁ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ବାଚସ୍ପତି କହିଛନ୍ତି। ଭୁବନେଶ୍ୱର ମହାନଗର ନିଗମ ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଡାକ୍ତରୀ ଦଳ କୋଭିଡ୍-୧୯ ଟେଷ୍ଟ କରିବେ। ଏହି ଟେଷ୍ଟ ସକାଳ ୬ଟାରୁ ଆରମ୍ଭ ହେବ। ସମସ୍ତଙ୍କର ସ୍ୱାବ ସଂଗ୍ରହ କରାଯିବ। ଅଧିବେଶନ ପୂର୍ବରୁ ସମସ୍ତଙ୍କ ରିପୋର୍ଟ ଆସିବ ବୋଲି ପାତ୍ର କହିଛନ୍ତି। ପରବର୍ତ୍ତୀ ୫ ଦିନ ପରେ ମଧ୍ୟ ପୁଣିଥରେ କୋଭିଡ ପରୀକ୍ଷା କରାଯିବ ବୋଲି ସେ କହିଛନ୍ତି।

ଆବଶ୍ୟକ ସ୍ଥଳେ ଅଧିବେଶନ ସମୟରେ ଆଣ୍ଟିଜେନ ଟେଷ୍ଟ କରାଯିବ। ଅଧିବେଶନ ଆରମ୍ଭର ଦୁଇଦିନ ପୂର୍ବରୁ ଏବଂ ଶେଷ ହେବା ଯାଏ ବିଧାୟକମାନେ ଗୃହ ସଂଗରୋଧରେ ରହିବେ। ଅନ୍ୟମାନଙ୍କ ସହ ମିଳାମିଶାକୁ ସମ୍ପୂର୍ଣ୍ଣ ବାରଣ କରାଯିବ। ୬୦ ବର୍ଷରୁ ଊର୍ଦ୍ଧ୍ୱ ବିଧାୟିକା ଓ ବିଧାୟକମାନେ ଭିଡିଓ କନଫରେନ୍ସ ଜରିଆରେ ଅଧିବେଶନରେ ଅଂଶ ଗ୍ରହଣ କରିବେ। ଏଥିନିମନ୍ତେ ଯଥେଷ୍ଟ ପୂର୍ବରୁ ବିଧାନସଭା ସଚିବାଳୟ ପକ୍ଷରୁ ଜଣାଇ ଦିଆଯିବ। ବିଧାୟକମାନଙ୍କୁ ଫେସସିଲ୍ଡ, ମାସ୍କ, ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଗ୍ଲୋଭ୍ସ ଯୋଗାଇ ଦେବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଅନୁରୋଧ କରାଯାଇଛି।

ଏହି ବୈଠକରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ବିଧାନସଭା ସଚିବ ଦାଶରଥୀ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।

# ଅନୁଭବଙ୍କ ଶିକ୍ଷାଗତ ଯୋଗ୍ୟତା ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

ଭୁବନେଶ୍ୱର,୭।୯(ବ୍ୟୁରୋ)

ବିଭିନ୍ନ ସମୟରେ ଏମ୍‌ପି ଅନୁଭବ ମହାନ୍ତି କାହାକୁ ନା କାହାକୁ ଦୁର୍ବ୍ୟବହାର କରିଛନ୍ତି। କେତେବେଳେ ମହିଳାଙ୍କୁ ପୁଣି କେତେବେଳେ ରାଜନୈତିକ ସଭାରେ ଆପତ୍ତିଜନକ ମନ୍ତବ୍ୟ ଦେଉଥିବା କେନ୍ଦ୍ରାପଡ଼ା ଏମ୍‌ପିଙ୍କୁ ସରକାର ସୁରକ୍ଷା ଦେଉଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳର ନେତା ନିଶିକାନ୍ତ ମିଶ୍ର କହିଛନ୍ତି, କେବଳ ସେତିକି ନୁହେଁ ତାଙ୍କ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଜାଲିଆତି ଅଭିଯୋଗ ଆସିବା ପରେ ସେ ନିଜେ ଏହାକୁ ପରୋକ୍ଷରେ ସ୍ୱୀକାର କରିଥିଲେ। କିନ୍ତୁ ଏବେ ତାଙ୍କ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ସୂଚନା ଅଧିକାର ଆଇନ ବଳରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଏହା ରାଜ୍ୟବାସୀଙ୍କୁ ଅତ୍ୟନ୍ତ ଆଶ୍ଚର୍ଯ୍ୟ କରିଛି। ଗତ ଫେବୃଆରୀ ୩ରେ କଂଗ୍ରେସ ଏକ ଖବରଦାତା ସମ୍ମିଳନୀରେ ନିର୍ବାଚନ ବେଳେ ନାମାଙ୍କନ ପତ୍ର ଦାଖଲ ସମୟରେ ଏମ୍‌ପିଙ୍କ ଶିକ୍ଷାଗତ୍ୟ ଯୋଗ୍ୟତା ସମ୍ପର୍କରେ ଯେଉଁ ତଥ୍ୟ ଦେଇଥିଲେ ତାହା ଜାଲ୍ ବୋଲି କହିଥିଲା। ସୂଚନା ଅଧିକାର ବଳରେ ଆସିଥିବା ତଥ୍ୟ ଆଧାରରେ ଏମ୍‌ପି ବର୍ତ୍ତମାନ କନ୍ଦରପୁର କଲେଜର +୩ ବର୍ଷର ଛାତ୍ର ବୋଲି କୁହାଯାଇଥିଲା। କିନ୍ତୁ ଏବେ ଏମ୍‌ପିଙ୍କ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ସୂଚନା ଅଧିକାର ଆଇନ ବଳରେ ଖ୍ରୀଷ୍ଟ ମହାବିଦ୍ୟାଳୟଠାରୁ ମିଳିଥିବା ତଥ୍ୟ ଆଧାରରେ ୨୦୦୦ରେ ଅନୁଭବ ମହାନ୍ତି +୨ ପରୀକ୍ଷା ଦେଇ ଫେଲ୍ ହୋଇଛନ୍ତି। ବର୍ତ୍ତମାନ ତାଙ୍କ ସ୍ତ୍ରୀଙ୍କ ସଙ୍ଗିନ ଅଭିଯୋଗ ଆସିବାପରେ କଂଗ୍ରେସ ସିଧାସଳଖ ବିଜେଡି ଏବଂ ଅନୁଭବଙ୍କୁ ଟାର୍ଗେଟ କରି କହିଛି ଯେ, ଶାସକ ଦଳର 'ମା'କୁ ସମ୍ମାନ' ନାଁରେ କୁମ୍ଭୀର କାନ୍ଦଣା କାନ୍ଦୁଛି। ତେଣୁ ବିଜେଡି ଅନୁଭବଙ୍କ ବିରୋଧରେ ରାଜନୈତିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ନିଶିକାନ୍ତ ଦାବି କରିଛନ୍ତି।

# ଶିଶୁକନ୍ୟା ବଳାତ୍କାରୀଙ୍କୁ ୧୦ ବର୍ଷ ଜେଲ

**୨୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ**

**ଭୁବନେଶ୍ୱର,୭।୯ (ବ୍ୟୁରୋ):** ଏୟାରଫିଲ୍ଡ ଥାନା ଅଞ୍ଚଳରେ ୨୦୧୭ରେ ଘଟିଥିବା ଶିଶୁକନ୍ୟା ବଳାତ୍କାର ମାମଲାର ରାୟ ସୋମବାର ଅତିରିକ୍ତ ଜିଲା ଦୌରାଜଜ୍ କମ୍ ପକ୍‌ସୋ କୋର୍ଟରେ ପ୍ରକାଶ ପାଇଛି। ଏୟାରଫିଲ୍ଡ ଥାନା ରେତଙ୍ଗ ଅଞ୍ଚଳର ଅଭିଯୁକ୍ତ ଦେବାଶିଷ ସାମନ୍ତରାୟ(୨୩)ଙ୍କୁ କୋର୍ଟ ୧୦ ବର୍ଷ କାରା ଦଣ୍ଡାଦେଶ ଦେବା ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ ସଜା କାଟିବାକୁ କୁହାଯାଇଛି। ସରକାରଙ୍କ ପକ୍ଷରୁ ୧୨ଜଣ ସାକ୍ଷୀ, ପ୍ରତିପକ୍ଷର ୩ଜଣ ସାକ୍ଷୀ ଏବଂ ୧୦ଟି ଦସ୍ତାବିଜକୁ ପରଖିବା ପରେ ବିଚାରପତି ସତ୍ୟରଞ୍ଜନ ପ୍ରଧାନ ଏହି ରାୟ ଶୁଣାଇଛନ୍ତି। ସରକାରୀ ସ୍ୱତନ୍ତ୍ର ପିପି ଭାବେ ସୁବ୍ରତ ପ୍ରିୟଦର୍ଶୀ ମାମଲା ପରିଚାଳନା କରୁଥିଲେ।

ରେତଙ୍ଗ ଅଞ୍ଚଳରେ ୬ବର୍ଷର ଶିଶୁକନ୍ୟା ପରିବାର ସହ ରହୁଥିଲେ। ଦେବାଶିଷ ତାଙ୍କ ପଡୋଶୀ ଭାବେ ରହୁଥିଲେ। ୨୦୧୭ରେ ଶିଶୁକନ୍ୟା ଘର ଆଖରେ ଖେଳୁଥିବାବେଳେ ଦେବାଶିଷ ତାଙ୍କୁ ଚକୋଲେଟ ଦେବା ବାହାନାରେ ଘର ନିକଟରେ ଥିବା ଏକ ବୁଦା ନିକଟକୁ ନେଇ ବଳାତ୍କାର କରିଥିଲେ। ମହିଳା ଥାନା ପୋଲିସ କେସ୍ ନଂ-୫୩/୧୭ରେ ଦେବାଶିଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

**ଏକାଦଶାହ ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ପୂର୍ଣ୍ଣ ଜୟନ୍ତୀଙ୍କ ଅଗ୍ରଜ ନନ୍ଦନ
ନାମ ତୁମରି ଆଶିଷ ।
ଅଫେରା ବାଟରେ ଚାଲିଗଲ ବାବୁ
ନ ଲାଗେ ଏହା ବିଶ୍ୱାସ ।।
ଶାନ୍ତ, ସରଳତା, କର୍ମ ନିଷ୍ଠରତା
ଗୁଣରେ ତୁମେ ଭୂଷିତ ।
ହସ ହସ କଥା ମଧୁର ମେଳାପି
ବନ୍ଧୁ ପରିଜନ ପ୍ରିୟ ।।
କରୋନା ଯୁଦ୍ଧରେ ତୁମେ ଶ୍ରେଷ୍ଠ ଯୋଦ୍ଧା
ଶ୍ରେଷ୍ଠ ତୁମ ବଳିଦାନ ।
ସାରା ରାଇଜର ଜନତା ବାନ୍ଧୁନେ
ସୁମରି ତୁମ ସୁଗୁଣ ।।
ମାଆଟି ଆମର ସ୍ନେହୀ, ଧୈର୍ଯ୍ୟଶୀଳା
ଦୁଇ ପୁତ୍ର ଶୁଭେ କିଭଁ ।।
ଜଗନ୍ନାଥ ପ୍ରଭୁ ଆଶିଷ ଦିଅନ୍ତୁ
ଆଶିଷ ନାମଟି ରହୁ ।

ଂ ଆଶିଷ କୁମାର ମହାକୁଳ
ଆବିର୍ଭାବ- ୦୬.୦୪.୧୯୭୫
ତିରୋଧାନ- ୨୯.୦୮.୨୦୨୦
ଶୋକ ସନ୍ତପ୍ତ ପରିବାର ବର୍ଗ, ବିରନରସିଂହପୁର

# ହୋମଗାର୍ଡ ହତ୍ୟା ମାମଲାରେ ୩୬ ଅଭିଯୁକ୍ତ ଗିରଫ

ମାଲକାନଗିରି, ୭।୯(ଡି.ଏନ୍.ଏ.)

ହୋମଗାର୍ଡ ବନବାସୀ ମହାରଣାଙ୍କୁ ହତ୍ୟା ଘଟଣାର ପୋଲିସ ଛାନ୍‌ଭିନ୍ କରି ୩୬ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ମାଲାକନଗିରି ଏସ୍.ପି. ରିଷିକେଶ ଡି ଖିଲାରି ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ନବରଙ୍ଗପୁର ଜିଲା ସଦର, ଡାବୁଗାଁ, କୋଷାଗୁମୁଡା, ଉମରକୋଟ, ବଡମୁଣ୍ଡା, ସିଙ୍ଗସାଣି, ନବରଙ୍ଗପୁର, କୋଡିଙ୍ଗା, ଓ କୋରାପୁଟ ଜିଲା କୋଟପାଡ ଅଞ୍ଚଳର ବୋଲି ଜଣାପଡିଛି। ସେମାନଙ୍କଠାରୁ ୧୯୧୭ କେଜି ଗଞ୍ଜେଇ, ଦୁଇଟି ଅଟୋ ରିକ୍ସା, ଛଅଟି ମୋବାଇଲ, ୩୦ ହଜାର ଟଙ୍କା ପୋଲିସ ଜବତ କରିଛି। ଏଥିସହ ମାଲକାନଗିରିରେ ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଓ ରାଜ୍ୟ ବାହର ମାଫିଆଙ୍କୁ ସହଯୋଗ କରୁଥିବା ଲୋକମାନଙ୍କ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରା ଯାଉଥିବା ଏସ୍‌ପି କହିଛନ୍ତି। ମାଥିଲି ଥାନାରେ ୧୨୫/୨୦ରେ ମାମଲା ରୁଜୁ କରାଯାଇଛି।

# ଅନୁଭବ ଇସ୍ତଫା ନ ଦେଲେ ଭୁଲ୍ ବାର୍ତ୍ତା ଯିବ: ଭାଜପା

**ଭୁବନେଶ୍ୱର,୭।୯(ବ୍ୟୁରୋ):** କାହାର ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ ଆଦୌ ଉଚିତ୍ ନୁହେଁ। ମାତ୍ର ଯେତେବେଳେ ସମାଜର ପ୍ରତିଷ୍ଠିତ ବ୍ୟକ୍ତି କିମ୍ବା ରୋଲ୍ ମଡେଲ ମହିଳା ହିଂସାରେ ଲିପ୍ତ ରହିବା ଘଟଣା ସାମ୍ନାକୁ ଆସିବ ସେତେବେଳେ ସୁରକ୍ଷା ଦୃଷ୍ଟିରୁ ଏହାକୁ ପ୍ରତିବାଦ କରିବା ଆମର ପ୍ରାଥମିକ ଦାୟିତ୍ୱ ବୋଲି ଭାଜପା ପକ୍ଷରୁ ଯୁକ୍ତି ରଖାଯାଇଛି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନରେ ମହିଳା ମୋର୍ଚ୍ଚା ସଭାପତି ସ୍ମୃତି ପଟ୍ଟନାୟକ କହିଛନ୍ତି, ଲୋକପ୍ରତିନିଧି କିମ୍ବା ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିବିଶେଷ ଏଭଳି ଘଟଣାରେ ସମ୍ପୃକ୍ତ ରହିଲେ ଏହାର ଦୃଢ ବିରୋଧ କରାଯିବ। ମହିଳା ବିରୋଧୀ ଏବଂ ଅତ୍ୟାଚାରୀମାନେ କେବେହେଲେ ଏମ୍‌ପି ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିବା ଅନୁଚିତ୍। ଯଦି ସେମାନେ ମହିଳା ବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ଥିବାର ଅଭିଯୋଗ ଆସେ, ତେବେ ସେ ତୁରନ୍ତ ନିଜ ସାମ୍ବିଧାନିକ ପଦରୁ ଇସ୍ତଫା ଦେବା ଉଚିତ। ନ ହେଲେ ସମାଜକୁ ଏକ ଭୁଲ୍ ବାର୍ତ୍ତା ଯିବ ସ୍ମୃତି କହିଛନ୍ତି।

ଏମ୍‌ପି ଅନୁଭବ ମହାନ୍ତି ନିଜ ସ୍ତ୍ରୀଙ୍କୁ ଅତ୍ୟାଚାର ଦେବାରେ ସୀମା ଉଲ୍ଲଂଘନ କରିଛନ୍ତି। ଶାସକ ବିଜେଡି ସଦସ୍ୟଙ୍କ ଘରେ ଏଭଳି ମହିଳା ଅତ୍ୟାଚାର ଓ ହିଂସା ଘଟଣା ଘଟିଚାଲିବା ରାଜ୍ୟରେ ମହିଳା ସୁରକ୍ଷାକୁ ଦର୍ଶାଉଛି। ଏମ୍‌ପିଙ୍କୁ ମୁଖ୍ୟମନ୍ତ୍ରୀ ତୁରନ୍ତ ତାଙ୍କ ଦଳରୁ ବହିଷ୍କାର କରନ୍ତୁ ନଚେତ୍ ଏହା ବିରୋଧରେ ମହିଳା ମୋର୍ଚ୍ଚା ରାଜ୍ୟବ୍ୟାପୀ ଆନ୍ଦୋଳନ କରିବ।

**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଗୋପବନ୍ଧୁ ତ୍ରିପାଠୀ
(ଗୋପ ଭାଇନା)
ପୁରୁଣା ବସ୍‌ଷ୍ଟାଣ୍ଡ, ଆଠଗଡ଼, କଟକ
ଆବିର୍ଭାବ: ୦୧।୦୧।୧୯୨୭
ତିରୋଧାନ: ୨୦।୦୯।୨୦୧୯
ଆପଣଙ୍କ ବିୟୋଗ ଆମ୍ଭମାନଙ୍କୁ ଗଭୀର ଧକ୍କା ଓ ଦାରୁଣ ଦୁଃଖ ଦେଇଛି। ଆପଣଙ୍କ ହର୍ଷିତ ଭାବ, ଅମାୟିକ ବ୍ୟବହାର ଓ ସ୍ନେହପୂର୍ଣ୍ଣ ହସ ହସ ମୁହଁରେ ସମ୍ଭାଷିତ କରି ସମସ୍ତଙ୍କୁ ଆପଣାର କରି ହୃଦୟଜୟୀ ହୋଇପାରିଥିଲେ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ ଶୋକସନ୍ତପ୍ତ ପରିବାରବର୍ଗ, ବନ୍ଧୁପରିଜନ ଓ ଆତ୍ମୀୟସ୍ୱଜନ ।
ଧ-୧୮୧୬୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଜଗବନ୍ଧୁ ରାଉତ
ପର୍ବତିଆ, ଶଙ୍କରପୁର, ଢେଙ୍କାନାଳ
ଆବିର୍ଭାବ: ୧୩।୦୯।୧୯୫୩
ତିରୋଧାନ: ୨୦।୦୯।୨୦୧୯
ତିଥି ଗଜଷଷ୍ଠୀ- ୦୮।୦୯।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ବନ୍ଧୁ ପରିଜନ ।
ଧ-୬୯୩୩୭

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଅର୍ଜୁନ ସେନାପତି
N/1-277, IRC Village, Nayapalli
ଆବିର୍ଭାବ: ୦୧।୦୫।୧୯୪୧
ତିରୋଧାନ: ୨୯।୦୮।୨୦୨୦
ଆଜି ଆପଣଙ୍କ ଏକାଦଶାହରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର: ପପୁ, ବଧୂ: ଲିକି, କନ୍ୟା: ଅଞ୍ଜୁ ଓ ପିଙ୍କୁ, ଜ୍ୱାଇଁ: ସୌଭାଗ୍ୟ ଓ ସୁଶାନ୍ତ, ନାତି, ନାତୁଣୀ ଓ ପରିବାରବର୍ଗ ।
ଧ-୧୮୧୧୭

**ସ୍ମୃତିରେ ପ୍ରଥମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ପଦ୍ମାବତୀ ପଟ୍ଟନାୟକ
ବୟସ-୯୩ବର୍ଷ
ସ୍ୱର୍ଗତ: ସ୍ୱାମୀ କ୍ଷେତ୍ରମୋହନ ପଟ୍ଟନାୟକ
(୧୯୨୩-୨୦୧୨)
ଶଙ୍ଖପୁର (ବନ୍ତଳା), ଅନୁଗୋଳ
ଆବିର୍ଭାବ: ୩୦।୦୮।୧୯୨୬(ଜନ୍ମାଷ୍ଟମୀ)
ତିରୋଧାନ: ୨୦।୦୯।୨୦୧୯
( ଆଶ୍ୱିନ କୃଷ୍ଣପକ୍ଷ ଗଜଷଷ୍ଠୀ)
ଆପଣଙ୍କ ସରଳ ହୃଦୟ, ତ୍ୟାଗ, ପରୋପକାରିତା ଧାର୍ମିକ ମନୋଭାବ ଓ ଆତିଥେୟତା ଆମ ସମସ୍ତଙ୍କ ପାଇଁ ଚିରଦିନ ଦିଗ୍‌ଦର୍ଶନ ହୋଇ ରହିବ। ଆଜିର ଏହି ପୁଣ୍ୟତିଥିରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ଓ ଶାନ୍ତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚରଣାରବିନ୍ଦରେ ଭକ୍ତିପୂତ ପ୍ରାର୍ଥନା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ବନ୍ଧୁବାନ୍ଧବ ।
ଧ-୧୮୧୭୪

**ପଞ୍ଚମ ଶ୍ରାଦ୍ଧବାର୍ଷିକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ଂକିରଣବାଳା ବେହେରା
ତିରୋଧାନ : ୦୩.୧୦.୨୦୧୫
R.C. Behera Mansion
By-Pass Bhadrak - 756100, Odisha
ମାମା" ଆମ ପାଇଁ ସବୁ କିଛି କରିଦେଇ ଆଜିର ଶୁଭ ପୁଣ୍ୟ ତିଥୀରେ ଆମର ସମସ୍ତ ଦାୟିତ୍ୱ ବାପାଙ୍କୁ ଦେଇ ସୁଖ ସମୟ ଆରମ୍ଭ ରୁ ଏ ଦୁନିଆ ରୁ ବିଦାୟ ନେଲ। ଏ ଜୀବଦ୍ଦଶା ରେ ଆମେ ଭାଇ, ଭଉଣୀ ଙ୍କ ସହ ବାପାଙ୍କ ଲୁହ ର ଧାର ଶୁଖିବ ନାହିଁ। ତୁମର ଆତ୍ମା ଶାନ୍ତି ପାଉ। ଏହା ହିଁ ଜଗନ୍ନାଥଙ୍କ ନିକଟ ରେ ଅଶ୍ରୁଳ ପ୍ରାର୍ଥନା।
ହତଭାଗ୍ୟ :
ସୁମନ (ବାବୁନୁ), ଦିପିକା (ମାମା)
ଧ-୫୯୯୬୧



ସୌନ୍ଦର୍ଯ୍ୟ

# ବିୟୁଟି କେୟାର: ଦହି ମାସ୍କ

ଦହିରେ ଲାକ୍ଟିକ୍ ଏସିଡ୍ ଏବଂ ଆଣ୍ଟି ବ୍ୟାକ୍ଟେରିଆଲ୍ ତତ୍ତ୍ୱ ରହିଥିବାରୁ ତାହା ତ୍ୱଚା ପାଇଁ ବହୁତ ଭଲ ହୋଇଥାଏ। ତେଣୁ ଦହି ମାସ୍କ ବ୍ୟବହାର କରି ଆପଣ ସୁନ୍ଦର ଆଉ ଉଜ୍ଜ୍ୱଳ ତ୍ୱଚା ପାଇପାରିବେ...

➔ ଆପଣଙ୍କର ଶୁଷ୍କ ତ୍ୱଚା ହୋଇଥିଲେ ଆପଣ ୧ ଚାମଚ ଦହି ସହିତ୧ ଚାମଚ ମହୁ, ୧ ଚାମଚ ବେସନ ମିଶାଇ ମୁହଁରେ ଲଗାନ୍ତୁ। ୨୦ ମିନିଟ ପରେ ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ।

➔ ୧ ଚାମଚ ଦହି ସହିତ ୧ ଚାମଚ ଓଟ୍‌ସ ଗୁଣ୍ଡ ଓ ୧ ଚାମଚ ମହୁ ମିଶାଇ ଫେସ୍ ପ୍ୟାକ୍ ତିଆରି କରନ୍ତୁ। ଏହି ଫେସ୍ ପ୍ୟାକ୍‌କୁ ମୁହଁରେ ଲଗାଇ ଶୁଖିବା ପର୍ଯ୍ୟନ୍ତ ଛାଡ଼ି ଦିଅନ୍ତୁ। ଶୁଖିଗଲେ ମୁହଁକୁ ଥଣ୍ଡା ପାଣିରେ ଭଲଭାବେ ଧୋଇ ଦିଅନ୍ତୁ। ଲଗାତର ଏପରି କଲେ ତ୍ୱଚା ବେଶ୍ ଉଜ୍ଜ୍ୱଳ ଦେଖାଯିବ।

➔ ୧ ଚାମଚ ଦହି ସହିତ ୧ ଚାମଚ ଲେମ୍ବୁ ରସ ମିଶାଇ ମୁହଁରେ ଭଲଭାବେ ଲଗାନ୍ତୁ। ଏହାକୁ ପ୍ରାୟ ୨୦ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାଇବା ପରେ ଥଣ୍ଡା ପାଣିରେ ମୁହଁ ଧୋଇ ଦିଅନ୍ତୁ। ଏହାକୁ ଲଗାତର ବ୍ୟବହାର କରିବା ଫଳରେ ତ୍ୱଚା ଅଧିକ ଉଜ୍ଜ୍ୱଳ ହେବା ସହିତ ତ୍ୱଚାରେ ଥିବା ଦାଗ ମଧ୍ୟ ଦୂର ହୋଇଥାଏ।



# ନିଜ ଦାୟିତ୍ୱ ନିଜ ହାତରେ



**ଏବେ ଧୀରେ ଧୀରେ ଲକ୍‌ଡାଉନ୍, ଶଟ୍‌ଡାଉନ୍ କଟକଣା ଉଠାଇ ଦିଆଯାଉଛି କିନ୍ତୁ କରୋନା ସଂକ୍ରମଣ କମ୍ ହୋଇନାହିଁ ପୂର୍ବପରି କରୋନା ସବୁ ସ୍ଥାନରେ ତା'ର ଉପସ୍ଥିତି ଜାହିର କରିଛି। ତେଣୁ ଏ ସମୟରେ ଅନ୍ୟମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଗୃହିଣୀମାନେ କି ପଦକ୍ଷେପ ନେବେ ତାହା ଚ୍ୟାଲେଞ୍ଜ ଭଳି ହୋଇଛି...**

କରୋନା ସଂକ୍ରମଣର ଭୟ ଏବେ ବି ରହିଛି। କିନ୍ତୁ ଲକ୍‌ଡାଉନ୍ କଟକଣା ଉଠିଯିବାରୁ ବଜାରଘାଟ ସବୁଆଡ଼େ ଲୋକ ସମାଗମ ଆରମ୍ଭ ହୋଇଯାଇଛି। ତେଣୁ ଏବେ କେବଳ ନିଜକୁ ସଚେତନ ରଖି ସବୁ କାମ କରିବାକୁ ହେବ। ତେଣୁ ପୂର୍ବପରି ବାହାରକୁ ବାହାରିବା ମାତ୍ରେ ମାସ୍କ ବ୍ୟବହାର କରିବା ସହିତ ସାମାଜିକ ଦୂରତା ରକ୍ଷା କରିବାକୁ ହେବ। ଏଭଳି ସମୟରେ କେତେକ ସ୍ଥାନରେ ଧୀରେ ଧୀରେ ଭୋଜିଭାତ ଆୟୋଜନ ବି ଆରମ୍ଭ ହୋଇଛି। କିନ୍ତୁ ସବୁ ସ୍ଥାନକୁ ଯିବା ସମୟରେ ସଂକ୍ରମଣ ରୋକିବା ପାଇଁ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହୋଇ ବାହାରିବା ଉଚିତ। ଏହା ବ୍ୟତୀତ ବଜାରରୁ କିଛି ଜିନିଷ ଆଣିବାବେଳେ ପୂର୍ବଭଳି ତାକୁ ଠିକ୍ ଭାବେ ସାନିଟାଇଜ୍ କରି ରଖିବା ଉଚିତ।

ଆଉ ଏ ସମୟରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୁସ୍ଥ ରହିବା। କାରଣ ବର୍ଷାଋତୁର ଆଗମନ ହେବା ପରେ କିଛି ଲୋକଙ୍କୁ ଥଣ୍ଡା, ଜ୍ୱର ଭଳି ବିଭିନ୍ନ ସମସ୍ୟା ଦେଖାଦେଇଛି। କିନ୍ତୁ ସବୁଠୁ ବଡ଼ କଥା ହେଉଛି ଏସବୁ ରୋଗ ପାଇଁ ଏବେ ଡାକ୍ତରଖାନାକୁ ଯିବା ମଧ୍ୟ ସମ୍ପୂର୍ଣ୍ଣ ନିରାପଦ ନୁହେଁ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ତେଣୁ ଯଥାସମ୍ଭବ ଏସବୁ ସଂକ୍ରମଣରୁ ଦୂରେଇ ରହିବା ନିମନ୍ତେ ପ୍ରୟାସ କରିବା ଉଚିତ। ଅର୍ଥାତ୍ ନିଜର ଇମ୍ୟୁନିଟି ପାୱାରକୁ ବଢ଼ାଇବା ପାଇଁ ପ୍ରାକୃତିକ ଉପାୟ ଅବଲମ୍ବନ କରିବା ସହିତ ଛୋଟମୋଟ ସମସ୍ୟା ନିମନ୍ତେ ଠିକ୍ ସମୟରେ ଔଷଧ ଖାଇବା ଉଚିତ। ତେଣୁ ସବୁ ଦିଗକୁ ଦୃଷ୍ଟି ଦେଇ କାମ କରିବାକୁ ହେବ।





**ଥଣ୍ଡା ହେଲେ କ୍ୱାରେଣ୍ଟାଇନ୍‌ରେ ରହୁଛୁ:** ଲକ୍‌ଡାଉନ୍ ଉଠିଗଲେ ବି ଯେମିତି କଟକଣା ମାନୁଥିଲୁ ସେମିତି ମାନୁଛୁ। ଅଫିସରୁ ଆସିବା ପରେ ପୂର୍ବ ଭଳି ସିଧା ବାଥରୁମକୁ ଯାଇ ଗାଧୁଆପାଧୁଆ କରି ସବୁ ଜିନିଷକୁ ସାନିଟାଇଜ୍ କରୁଛି। ପରିବାପତ୍ର ବି ପୂର୍ବଭଳି ଆଣି ବାହାରେ ରଖି ସାନିଟାଇଜ୍ କରି ଭିତରକୁ ନେଉଛି। ସବୁଠୁ ବଡ଼ କଥା ହେଉଛି ପରିବାରରେ କାହାକୁ ଟିକେ ଥଣ୍ଡା କି ଜ୍ୱର ହେବା ମାତ୍ରେ କ୍ୱାରେଣ୍ଟାଇନ୍‌ରେ ରହୁଛୁ। ମୋ ସ୍ୱାମୀ ଦୁଇଥର ଘର ଭିତରେ ହୋମ୍ କ୍ୱାରେଣ୍ଟାଇନ୍‌ରେ ୧୫ ଦିନ ଲେଖାଏ ରହି ସାରିଲେଣି। ମୋର ବି ଦୁଇଥର କୋରୋନା ଟେଷ୍ଟ କରାଇ ସାରିଲେଣି। କରୋନା ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଏବେ ବେଶି ସତର୍କ ରହିବାକୁ ପଡୁଛି।

*–ମହାଶ୍ୱେତା ତ୍ରିପାଠୀ, ଗୃହିଣୀ*
*ଏମଆଇଜି–୯(ଏସ୍), ପ୍ରଗତି ଏନକ୍ଲେଭ, ହାଉସିଂବୋର୍ଡ, ଭୁବନେଶ୍ୱର*

**ଏବେ ବେଶି ସତର୍କ ହେଉଛୁ:** ଲକ୍‌ଡାଉନ୍ ସିନା ନାହିଁ ହେଲେ କରୋନା ତ ଯେମିତି ଥିଲା ସେମିତି ରହିଛି। ତେଣୁ ସତର୍କ ନ ହୋଇ ଉପାୟ ନାହିଁ। ବରଂ ଏବେ ବେଶି ସତର୍କ ହେବାକୁ ପଡୁଛି। କାରଣ ଦୋକାନବଜାର ସବୁ ବେଶି ସମୟ ଖୋଲା ରହିବା ଫଳରେ ବେଶି ଲୋକଗହଳି ହେଉଛି। ତେଣୁ ନିଜ ସୁରକ୍ଷା କଥା ନିଜକୁ ଚିନ୍ତା କରିବାକୁ ପଡୁଛି। ପିଲାମାନଙ୍କୁ ମୁଁ ଆଦୌ ବାହାରକୁ ଯିବାକୁ ଦେଉନି। ଯାହା କିଛି ଜିନିଷ ଆବଶ୍ୟକ ହେଉଛି ସେଥିପାଇଁ ମୁଁ ସପ୍ତାହକୁ ଅତି କମରେ ଥରେ କିମ୍ବା ଦୁଇଥର ବାହାରକୁ ଯାଉଛି। ସବୁଠୁ ବଡ଼ କଥା ହେଉଛି ଏବେ ବର୍ଷା ହେବାରୁ ଘରେ ଯାହାକୁ ବି ଥଣ୍ଡା ହେଉଛି ସଙ୍ଗେ ସଙ୍ଗେ ଡାକ୍ତରଙ୍କୁ ଫୋନ୍ କରି ଆମେ ଔଷଧ ଖାଇ ଦେଉଛୁ।

*–ରୋଜାଲିନ୍ ଜେନା, ଗୃହିଣୀ*
*ଦହିପାଳ, ନାଉଗାଁ ହାଟ, ଜଗତ୍‌ସିଂହପୁର*

**ପୂର୍ବଭଳି ସବୁ ଅନ୍‌ଲାଇନ୍‌ରେ ଚାଲିଛି:** କରୋନା ସମସ୍ତଙ୍କ ପାଇଁ କାଳ ହୋଇ ରହିଛି। ଏବେ ତ ସବୁଆଡ଼େ କରୋନା ରୋଗୀଙ୍କ ସଂଖ୍ୟା ବଢ଼ିଚାଲିଛି। ତଥାପି ସରକାର ଲକ୍‌ଡାଉନ୍ କାହିଁକି ଉଠାଇ ଦେଲେ ମୁଁ ବୁଝିପାରୁନି। ଏବେ ସମସ୍ତଙ୍କ ସୁରକ୍ଷା ପାଇଁ ମତେ ବେଶି ଭାବିବାକୁ ପଡୁଛି। ଥଣ୍ଡା ନ ହେବା ପାଇଁ ମୁଁ ଘରେ ସମସ୍ତଙ୍କୁ ସବୁଦିନ କାଢ଼ା ତିଆରି କରି ଦେଉଛି। ତା' ଛଡ଼ା ଭିଟାମିନ୍ ଔଷଧ ବି ସମସ୍ତେ ଖାଉଛୁ। ଲକ୍‌ଡାଉନ୍ ଉଠିଥିଲେ ବି ମୁଁ ମୋ ଝିଅକୁ ବାହାରକୁ ଟିୟୁସନ୍ ହେବାକୁ ବି ପଠାଉ ନାହିଁ। ପୂର୍ବ ଭଳି ସେ ଅନ୍‌ଲାଇନ୍‌ରେ ପଢୁଛି। ସ୍ୱାମୀ ବାହାରୁ ଆସିବା ମାତ୍ରେ ତାଙ୍କ ପୋଷାକପତ୍ର ପ୍ରଥମେ ସଫା କରୁଛି।

*–ସସ୍ମିତା ଦାଶ*
*ସିଡିଏ, ବିଡ଼ାନାସୀ, କଟକ*

**ଦେହ ଖରାପ ହେଲେ ଭୟ ଲାଗୁଛି:** ଲକ୍‌ଡାଉନ୍ ଉଠିଥିଲେ ବି ଏବେ ସବୁଠୁ ବଡ଼ ସମସ୍ୟା ହେଉଛି ଦେହ ଖରାପ ହେବା। ବର୍ଷା ଦିନ ହେବାରୁ ମୋ ପୁଅର ପେଟ ଖରାପ ହୋଇଥିଲା ଯେ ଆମେ ଡରି ଯାଇଥିଲୁ। କାହିଁକି ନା ଏବେ ତ ଡାକ୍ତରଖାନା ନେଇ ଯିବା ଉଚିତ ନୁହେଁ। ତେଣୁ ମୁଁ ତୁରନ୍ତ ଘରୋଇ ଉପାୟରେ ଔଷଧ ଦେବାକୁ ଚେଷ୍ଟା କରିଥିଲି। କିନ୍ତୁ ପରେ ଡାକ୍ତରଙ୍କୁ ଫୋନ କରି ତାଙ୍କୁ ପଚାରି ଔଷଧ ଆଣିଥିଲୁ। ତେଣୁ ମୁଁ ଏବେ ରୋଷେଇ କରିବାବେଳେ ସମସ୍ତଙ୍କ ସୁସ୍ଥତାକୁ ନଜରରେ ରଖି ରୋଷେଇ କରୁଛି। ଖାଦ୍ୟ ନିୟନ୍ତ୍ରଣ ସହିତ ପୂର୍ବଭଳି ଆମେ ଯାହା ସବୁ ଆଗରୁ ମାନି ଚଳୁଥିଲୁ ସେମିତି ଏବେ ବି ମାନୁଛୁ। ସେଇ ମାସ୍କ ପିନ୍ଧିବା, ହାତ ଧୋଇବା, ସାନିଟାଇଜ୍ କରିବା ସବୁ ପୂର୍ବଭଳି ଚାଲିଛି। କେଜାଣି କରୋନା କେବେ ଯିବ ଟିକେ ଆଶ୍ୱସ୍ତି ଲାଗିବ।

*–ପ୍ରଗତି ପ୍ରିୟଦର୍ଶିନୀ ପ୍ରଧାନ, ଗୃହିଣୀ*
*ମାଣିଖମ୍ବ, ମୋତିଗଞ୍ଜ, ବାଲେଶ୍ୱର*

**ସବୁ କଟକଣା ମାନୁଛି:** ଏବେ ବି ମୁଁ କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ କ୍ଷୀରରେ ହଳଦୀ ମିଶାଇ ସମସ୍ତଙ୍କୁ ପିଇବାକୁ ଦେଉଛି। ଏହା ସହିତ ବୟସ୍କମାନଙ୍କର ଅଧିକ ଯତ୍ନ ନେଉଛି ଓ ସେମାନଙ୍କୁ ବାହାରକୁ ଆଦୌ ଯିବାକୁ ଦେଉନି। ବାହାରୁ କେହି ଘରକୁ ଆସିଲେ ସେମାନଙ୍କୁ ପ୍ରଥମ ହାତରେ ସାନିଟାଇଜର ଲଗାଇ ଭିତରକୁ ଆସି ଭଲଭାବେ ଧୋଇଧାଇ ହେବାକୁ କହୁଛି। ଏହା ସହ ବାହାରୁ କିଛି ଜିନିଷ ଆସିଲେ ଭଲଭାବେ ସାନିଟାଇଜ୍ କରୁଛି।

*–ପ୍ରଜ୍ଞା ପାରମିତା ଲେଙ୍କା*
*ଗୃହିଣୀ, ତିଳଦା, ଇରମ, ଭଦ୍ରକ*


ସସ୍ମିତା


ମହାଶ୍ୱେତା


ପ୍ରଗତି ପ୍ରିୟଦର୍ଶିନୀ


ପ୍ରଜ୍ଞା ପାରମିତା


ରୋଜାଲିନ୍

# ଫ୍ରିଜ୍‌ରେ ରଖୁଥିଲେ ସାବଧାନ

**ବେଳେବେଳେ ଖାଦ୍ୟ ବଳିଗଲେ ତାକୁ ଅନେକେ ଫ୍ରିଜ୍‌ରେ ରଖି ପରେ ବ୍ୟବହାର କରିଥାନ୍ତି। ବିଶେଷକରି କର୍ମଜୀବୀମାନଙ୍କର ଏଭଳି ଅଭ୍ୟାସ ପ୍ରାୟ ରହିଥାଏ। କିନ୍ତୁ ରନ୍ଧାଖାଦ୍ୟକୁ ଫ୍ରିଜ୍‌ରେ ରଖି ଖାଇବା କେତେଦୂର ଠିକ୍ ସେ ସମ୍ପର୍କରେ ଜାଣି ରଖନ୍ତୁ...**

➢କଞ୍ଚା ପନିପରିବା ସହିତ ଏକାଠି ରନ୍ଧା ଖାଦ୍ୟ ଫ୍ରିଜ୍‌ରେ ରଖିଲେ ବ୍ୟାକ୍ଟେରିଆ ବୃଦ୍ଧିର କାରଣ ହୋଇଥାଏ। ତେଣୁ ରନ୍ଧା ଖାଦ୍ୟକୁ ଫ୍ରିଜରେ ଅଲଗା ସ୍ଥାନରେ ଘୋଡ଼ାଇ କରି ରଖନ୍ତୁ।

➢ବଳକା ଭାତକୁ ଫ୍ରିଜରେ ରଖିଲେ ତାହା ବହୁଦିନ ଯାଏ ଭଲ ରହିଥାଏ। କିନ୍ତୁ ଏହାକୁ ୨ ଦିନ ଭିତରେ ହିଁ ଖାଇଦେବା ଉଚିତ। ନଚେତ୍ ତାହା ପାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବା ସହିତ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ।

➢ଡାଲିକୁ ସଙ୍ଗେ ସଙ୍ଗେ ତିଆରି କରି ଖାଇଲେ ସେଥିରୁ ସବୁଠୁ ଅଧିକ ପୌଷ୍ଟିକ ତତ୍ତ୍ୱ ପାଇହୁଏ। କିନ୍ତୁ ବଳକା ଡାଲିକୁ ଫ୍ରିଜରେ ରଖି ବ୍ୟବହାର କଲେ ତା'ର ପୌଷ୍ଟିକତା କମି ଯାଇଥାଏ। କିନ୍ତୁ ଦୁଇ ଦିନରୁ ଅଧିକ ରହିବା ପରେ ଏହାକୁ ବ୍ୟବହାର କଲେ ଏହା ସ୍ୱାସ୍ଥ୍ୟ ଉପରେ ବିପରୀତ ପ୍ରଭାବ ପକାଇଥାଏ।

➢କଟା ଫଳକୁ ରଖି ଖାଇବା ଆଦୌ ଠିକ୍ ନୁହେଁ। ତେଣୁ କଟା ଫଳକୁ ଫ୍ରିଜରେ ରଖି ଖାଇବା ମଧ୍ୟ ଉଚିତ ନୁହେଁ। କଟା ଫଳକୁ ଯେତେ ଶୀଘ୍ର ଖାଇବା ସେତେ ଭଲ। ଯଦି କୌଣସି ଫଳକୁ କାଟି ନିହାତି ଆବଶ୍ୟକ ସ୍ଥଳେ ଫ୍ରିଜରେ ରଖିଛନ୍ତି ତେବେ ତାକୁ ୬ ଘଣ୍ଟା ମଧ୍ୟରେ ଖାଆନ୍ତୁ।



➢ବଳକା ରୁଟିକୁ ଫ୍ରିଜରେ ରଖି ଏହାକୁ ପୁଣି ଥରେ ଘିଅ ବା ବଟର ଲଗାଇ ଖାଇଲେ ତାହା ଫ୍ରେଶ ଲାଗିଥାଏ। କିନ୍ତୁ ଏଥିରେ ପୌଷ୍ଟିକତା ନ ଥାଏ। ତେଣୁ ରୁଟିକୁ ଫ୍ରିଜରେ ରଖି ବ୍ୟବହାର କରନ୍ତୁ ନାହିଁ।

➢ଫ୍ରିଜରେ ପରିବାର କୌଣସି ତରକାରୀ ରଖୁଥିଲେ ତାକୁ ୨୪ ଘଣ୍ଟା ଭିତରେ ହିଁ ଖାଆନ୍ତୁ।

ଖାଦ୍ୟ ରୁଚି

# ଗଜାମୁଗ ତରକାରି

**ଆବଶ୍ୟକ ସାମଗ୍ରୀ:** ଗଜା ମୁଗ– ଅଧା କପ୍, ତେଲ– ୧ ଚାମଚ, ଜିରା– ଅଧା ଚାମଚ, ହେଙ୍ଗୁ– ଅଳ୍ପ, କଞ୍ଚାଲଙ୍କା– ୨ଟି, ଅଦା– ଅଳ୍ପ, ଟମାଟୋ– ୧ଟି (ବଡ଼), ଲଙ୍କାଗୁଣ୍ଡ– ଅଳ୍ପ, ଧନିଆଗୁଣ୍ଡ– ଅଳ୍ପ, ଗରମ ମସଲା– ଅଳ୍ପ, ଲେମ୍ବୁ ରସ– ଅଳ୍ପ, ଲୁଣ ହଳଦୀ ସ୍ୱାଦ ଅନୁସାରେ।



**ପ୍ରଣାଳୀ–** ପ୍ରେସର କୁକରରେ ତେଲ ଗରମ କରି ସେଥିରେ ଜିରା ଓ ହେଙ୍ଗୁ ପକାନ୍ତୁ। ଏହା ପରେ ଲଙ୍କାଗୁଣ୍ଡ ପକାଇ ଅଦାକୁ ଛେଚି ପକାନ୍ତୁ। ଏହାପରେ ସେଥିରେ ଟମାଟୋକୁ ଛୋଟ ଛୋଟ କାଟି ପକାନ୍ତୁ। ଟମାଟୋ ଟିକେ ଭାଜି ହୋଇଗଲେ ସେଥିରେ ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ, ଧନିଆଗୁଣ୍ଡ ପକାନ୍ତୁ। ମସଲା ଭାଜି ହୋଇଗଲେ ସେଥିରେ ଗଜାମୁଗ ପକାନ୍ତୁ। ଏହାପରେ ସେଥିରେ ଏକ କପ୍ ପାଣି ଦେଇ ପ୍ରେସର କୁକର ବନ୍ଦ କରି ଦିଅନ୍ତୁ। କୁକରରେ ଗୋଟିଏ ସିଟି ଆସିବା ପରେ ଖୋଲି ଦେଇ ସେଥିରେ ଗରମ ମସଲା ପକାନ୍ତୁ। ମସଲାକୁ ଭଲଭାବେ ମିଶାଇ ସେଥିରେ ଧନିଆ ପତ୍ର ଓ ଲେମ୍ବୁ ରସ ପକାନ୍ତୁ। ଏହାକୁ ଗରମ ଗରମ ଭାତ କିମ୍ବା ରୁଟିରେ ସର୍ଭ କରନ୍ତୁ।



# ଘରକରଣା

●ଲେମ୍ବୁରେ ଯଦି କମ୍ ରସ ରହିଥାଏ ତେବେ ତାକୁ କିଛି ସମୟ ମାଇକ୍ରୋୱେଭ୍‌ରେ ରଖି ଗରମ କରି ଦିଅନ୍ତୁ। ଏଥିରେ ଥିବା ରସ ସହଜରେ ବାହାରିଯିବ।

●ହେୟାର ଡ୍ରାୟରରେ କେବଳ କେଶକୁ ଶୁଖାଇହେବ ତା' ନୁହେଁ ଏହା ସାହାଯ୍ୟରେ ଡବା କିମ୍ବା କାନ୍ଥରେ ଲାଗିଥିବା ଷ୍ଟିକରକୁ ସହଜରେ ଛଡ଼ାଇ ହେବ।

●ଧନିଆପତ୍ର କିମ୍ବା ଅନ୍ୟ କିଛି ଜିନିଷକୁ ବେଶି ଛୋଟ କରି କାଟିବାକୁ ଚାହୁଁଥିଲେ ତାକୁ ପିଜା କଟରରେ କାଟନ୍ତୁ। ସହଜରେ ଛୋଟ ଛୋଟ କାଟି ହୋଇଯିବ।

●ଆଇସ୍ ଟ୍ରେ ଭିତରେ ବରଫ ବ୍ୟତୀତ ଲେମ୍ବୁ ରସକୁ ଫ୍ରିଜରେ ଷ୍ଟୋର କରି ରଖିହେବ।



# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/18-20. ମଙ୍ଗଳବାର, ସେପ୍ଟେମ୍ବର ୮/୨୦୨୦ Tuesday, September 8/2020


## ଜଜ୍‌ଙ୍କୁ ବଲ୍‌ରେ ଆଘାତ କରି ଜୋକୋଭିଚ୍ ଆଉଟ

**ନ୍ୟୁୟର୍କ, ୭।୯(ଏପି)**

ବିଶ୍ୱର ନମ୍ବରୱାନ ଖେଳାଳି ସର୍ବିଆର ନୋଭାକ ଜୋକୋଭିଚ୍ ଏକ ଅପ୍ରିତିକର ପରିସ୍ଥିତିରେ ଚଳିତ ୟୁଏସ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟରୁ ବିଦାୟ ନେଇଛନ୍ତି। ଜଣେ ଲାଇନ୍ ଜଜ୍‌ଙ୍କୁ ବଲ୍‌ରେ ଆଘାତ କରିଥିବାରୁ ତାଙ୍କୁ ଏପରି ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଛି। ସୋମବାର ପୁରୁଷ ସିଙ୍ଗଲ୍ସର ୪ର୍ଥ ରାଉଣ୍ଡ ମ୍ୟାଚ ଅବସରରେ ସେ ପାବ୍‌ଲୋ କାରେନୋ ବୁଷ୍ଟାଙ୍କ ବିପକ୍ଷ ମ୍ୟାଚରେ ୫-୬ ପଏଣ୍ଟରେ ପଛୁଆ ରହିଥିବାବେଳେ ନୈରାଶ୍ୟଜନକଭାବେ ଏକ ବଲ୍ ତାଙ୍କ ପଛପଟକୁ ମାରି ଦେଇଥିଲେ। ମାତ୍ର ଦୁର୍ଭାଗ୍ୟଜନକଭାବେ ତାହା ଲାଇନ୍ ଜଜ୍‌ଙ୍କ ତଣ୍ଟିରେ ବାଜିଥିଲା ଏବଂ ସେ ତଳେ ପଡ଼ି ଯାଇଥିଲେ। ଜୋକୋଭିଚ୍ ଲାଇନ୍ ଜଜ୍‌ଙ୍କ ନିକଟକୁ ଯାଇ ସ୍ୱାସ୍ଥାବସ୍ଥା ପଚାରି ବୁଝିଥିଲେ। ଏହାପରେ ନେଟ୍ ନିକଟରେ ଟୁର୍ନାମେଣ୍ଟ ରେଫରି ସୋରେନ ଫ୍ରିମେଲ, ଗ୍ରାଣ୍ଡସ୍ଲାମ ସୁପରଭାଇଜର ଆନ୍ଦ୍ରିଆସ ଏଗ୍‌ଲି ଓ ଚେୟାର ଅମ୍ପାୟର ଉରେଲି ଟର୍ଟ ଓ ଜୋକୋଭିଚ୍‌ଙ୍କ ମଧ୍ୟରେ ପାଖାପାଖି ୧୦ ମିନିଟ ଆଲୋଚନା ହୋଇଥିଲା। ସେ ଜାଣିଶୁଣି ଲାଇନ୍ ଅମ୍ପାୟରଙ୍କୁ ଆଘାତ ଦେଇ ନ ଥିଲେ ବୋଲି ଜୋକୋଭିଚ୍ ପ୍ରକାଶ କରିଥିଲେ। ମ୍ୟାଚରେ ପଛୁଆ ରହିଥିବାରୁ ସେ ରାଗିଯାଇ ମାରିଥିବା ବଲ୍ ଜଜ୍‌ଙ୍କ ଦେହରେ ବାଜିଥିଲା ସତ, ମାତ୍ର ଏହା ତାଙ୍କର ଉଦ୍ଦେଶ୍ୟ ନ ଥିଲା ବୋଲି ଜୋକୋଭିଚ୍ ସଫେଇ ଦେଇଥିଲେ। ତେଣୁ ତାଙ୍କୁ ଟୁର୍ନାମେଣ୍ଟରୁ ବିଦା କରା ନ ଯାଉ ବୋଲି କହିଥିଲେ। ମାତ୍ର ଫ୍ରିମେଲଙ୍କ ମତରେ ଜୋକୋଭିଚ୍ ଜାଣିଶୁଣି ଏପରି କରି ନ ଥିବା ସତ, ମାତ୍ର ତାଙ୍କ ବଲ୍ ଅମ୍ପାୟରଙ୍କ ଦେହରେ ବାଜିଛି ଏବଂ ସେ ଆଘାତ ହୋଇଛନ୍ତି ଏହା ମଧ୍ୟ ସ୍ପଷ୍ଟ। ତେଣୁ ଜୋକୋଭିଚ୍‌ଙ୍କୁ ଦଣ୍ଡିତ କରାଯାଇଥିଲା ଏବଂ ସେ ବୁଷ୍ଟାଙ୍କ ସହ କରମର୍ଦ୍ଦନ କରି କୋର୍ଟ ଛାଡ଼ିଥିଲେ। କୋର୍ଟ ଛାଡ଼ିବାବେଳେ ଜୋକୋଭିଚ୍ ଗଣମାଧ୍ୟମ ପ୍ରତିନିଧିଙ୍କୁ କିଛି କହି ନ ଥିଲେ ହେଁ ଏହାର ଏକ ଘଣ୍ଟା ପରେ ସୋସିଆଲ ମିଡିଆ ମାଧ୍ୟମରେ କ୍ଷମାପ୍ରାର୍ଥନା କରିଥିଲେ।

ପୁରୁଷ ସିଙ୍ଗଲ୍ସର ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ଡେନିସ ଶାପୋଭାଲୋଭ ୬-୭, ୬-୩, ୬-୪, ୬-୩ ସେଟ୍‌ରେ ଡେଭିଡ ଗଫିନଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି ବୋର୍ନା କୋରିକ୍ ୭-୫, ୬-୧, ୬-୩ ସେଟ୍‌ରେ ଜୋର୍ଡାନ ଥମ୍ପସନଙ୍କୁ ହରାଇ କ୍ୱାର୍ଟରରେ ପହଞ୍ଚିଛନ୍ତି।


ଲାଇନ୍ ଜଜ୍‌ଙ୍କୁ ବଲ୍‌ରେ ଆଘାତ ପରେ ଜୋକୋଭିଚ୍‌ଙ୍କ ପ୍ରତିକ୍ରିୟା।

**ୟୁଏସ ଓପନ ଟେନିସ**

### ଓସାକା, ରୋଜର୍ସ କ୍ୱାର୍ଟର ଫାଇନାଲରେ

ନ୍ୟୁୟର୍କ, ୭।୯(ଏପି)-ଜାପାନର ନାଓମି ଓସାକା ଚଳିତ ୟୁଏସ ଓପନ ଗ୍ରାଣ୍ଡସ୍ଲାମ ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରି-କ୍ୱାର୍ଟରରେ ସେ ଆନେଟ କୋଣ୍ଟାଭେଟଙ୍କୁ ୬-୩, ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ଏଠାରେ ୨୦୧୮ରେ ଟାଇଟଲ ବିଜୟିନୀ ହୋଇଥିବା ଓସାକା ଗତବର୍ଷ ୪ର୍ଥ ରାଉଣ୍ଡରୁ ବିଦାୟ ନେଇଥିଲେ। କ୍ୟାରିୟରରେ ସେ ୨ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ଅନ୍ୟଏକ ମ୍ୟାଚରେ ଶିଲ୍‌ବି ରୋଜର୍ସ ୭-୬(୫), ୩-୬, ୭-୬(୮/୬) ସେଟ୍‌ରେ ପେଟ୍ରା କ୍ୱିଟୋଭାଙ୍କୁ ହରାଇ ଦେଇଛନ୍ତି। ଓସାକା ଓ ରୋଜର୍ସ ପରସ୍ପରକୁ କ୍ୱାର୍ଟର ଫାଇନାଲରେ ଭେଟିବେ।

## ସଂକ୍ଷେପରେ

### ଥୋମାସ୍ ଓ ଉବର କପ୍‌ରୁ ଓହରିଲା ଥାଇଲାଣ୍ଡ

**ବ୍ୟାଙ୍କକ୍, ୭।୯ (ଏପି):** କୋଭିଡ୍-୧୯ ଆଶଙ୍କାରେ ଥୋମାସ ଓ ଉବର କପ୍‌ରୁ ଥାଇଲାଣ୍ଡ ଓହରିଯାଇଛି। ପୂର୍ବତନ ବିଶ୍ୱ ଚାମ୍ପିୟନ ରାଚାନୋକ୍ ଇଣ୍ଟାନନ, ନମ୍ବର ୩ ର୍‌ୟାଙ୍କିଙ୍ଗ ମିକ୍ସଡ ଡବଲ୍ସ ଯୋଡ଼ି ଦେଚାପଲ ପୁଆଭାରାନୁରୋଖ ଏବଂ ସାପ୍‌ସିରି ତାଏରାତାଞ୍ଚାଇ ସମେତ ଅନ୍ୟ କେତେଜଣ ଖେଳାଳିଙ୍କ ଅନୁପସ୍ଥିତି ଯୋଗୁ ଟୁର୍ନାମେଣ୍ଟକୁ ଦଳ ପଠାଇବା ସମ୍ଭବ ନୁହେଁ ବୋଲି ଥାଇଲାଣ୍ଡ ବ୍ୟାଡ୍‌ମିଣ୍ଟନ ଫେଡେରେଶନ କହିଛି। ଖେଳାଳିଙ୍କ ନିଷ୍ପତ୍ତିକୁ ଆମେ ସମ୍ମାନ ଦେଉଛୁ। କାରଣ ସେମାନଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ଆମେ ଅଗ୍ରାଧିକାର ଦେଉଛୁ ବୋଲି ଫେଡେରେଶନ ସଭାପତି ଖୁନ୍‌ୟିଙ୍ଗ୍ ପାଟାମା ଲିସ୍‌ୱାଦତ୍ରାକୁଲ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ବ୍ୟାଡମିଣ୍ଟନ ୱାର୍ଲ୍ଡ ଫେଡେରେଶନ ଗତ ମାସରେ କହିଥିଲା କରୋନା ମହାମାରୀ ସମୟରେ ବହୁ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ବାତିଲ ଅବା ସ୍ଥଗିତ ରଖାଯାଇଥିବାରୁ ଡେନମାର୍କର ଆରହସ୍‌ଠାରେ ଥୋମାସ ଓ ଉବର କପ୍ ଫାଇନାଲ୍ସ ଅନୁଷ୍ଠିତ ହେବ।

### କୋଚିଂ ପାଠ୍ୟକ୍ରମ କରିବେ ମନୋଜ ଓ ବଜରଙ୍ଗ୍

**ନୂଆଦିଲ୍ଲୀ, ୭।୯ (ପି.ଟି.)**-କୋଚିଂ ଡିପ୍ଲୋମା ପାଠ୍ୟକ୍ରମ କରିବା ଲାଗି ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ନିକଟରେ ଆବେଦନ କରିଛନ୍ତି ୩୩ଜଣ କ୍ରୀଡ଼ାବିତ୍। ସେମାନଙ୍କ ମଧ୍ୟରେ ରହିଛନ୍ତି, ପୂର୍ବତନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ବକ୍ସର ମନୋଜ କୁମାର ଏବଂ ୩ଥର ଏସିଆଡ୍ ମେଡାଲିଷ୍ଟ ରୋୟର ବଜରଙ୍ଗ ଲାଲ୍ ଟଖର। ଅଲିମ୍ପିଆନ ମାନେ ଏନ୍‌ଆଇଏସ୍ ପଟିଆଲାରେ ୨୦୨୦-୨୧ ଏକାଡେମିକ୍ ବର୍ଷ ପାଇଁ ସିଧାସଳଖ ଆଡମିଶନ ସୁବିଧା ପାଇବେ। ସେମାନଙ୍କୁ ପ୍ରବେଶିକା ପରୀକ୍ଷା ଦେବାକୁ ପଡ଼ିବ ନାହିଁ।

## ଅଭିନେତା ବିଷ୍ଣୁଙ୍କୁ ବିବାହ କରିବେ ଜ୍ୱାଲା ଗୁଟ୍ଟା


ବିଷ୍ଣୁ ବିଶାଲଙ୍କ ସହ ଜ୍ୱାଲା ଗୁଟ୍ଟା।

**ନୂଆଦିଲ୍ଲୀ, ୭।୯ (ପି.ଟି.)**

କ୍ରିକେଟରରୁ ଅଭିନେତା ଓ ଫିଲ୍ମ ନିର୍ମାତା ହୋଇଥିବା ବିଷ୍ଣୁ ବିଶାଲଙ୍କୁ ବିବାହ କରିବେ ଭାରତର ଅନ୍ୟତମ ଅଗ୍ରଣୀ ମହିଳା ଡବଲ୍ସ ବ୍ୟାଡ୍‌ମିଣ୍ଟନ ଖେଳାଳି ଜ୍ୱାଲା ଗୁଟ୍ଟା। ସେ ତାଙ୍କ ୩୭ତମ ଜନ୍ମଦିବସ ଅବସରରେ ଟୁଇଟର ପେଜ୍‌ରେ ଏହି ଚମକପ୍ରଦ ସୂଚନା ଦେଇଛନ୍ତି। ରାଜ୍ୟଗୋଷ୍ଠୀ ସ୍ୱର୍ଣ୍ଣ ପଦକ ବିଜୟିନୀ ଗୁଟ୍ଟା ଓ ତାଙ୍କ ଦୀର୍ଘ ଦିନର ବୟ ଫ୍ରେଣ୍ଡ ତଥା ତାମିଲ ଫିଲ୍ମ ଷ୍ଟାର ବିଷ୍ଣୁ ବିଶାଲଙ୍କୁ କିଛି ବର୍ଷ ହେଲା ଏକାଠି ଦେଖିବାକୁ ମିଳୁଥିଲା। ସୂଚନାଯୋଗ୍ୟ, ଜ୍ୱାଲା ଗୁଟ୍ଟା ପୂର୍ବରୁ ପୂର୍ବତନ ବ୍ୟାଡମିଣ୍ଟନ ଖେଳାଳି ଚେତନ ଆନନ୍ଦକୁ ବିବାହ କରିଥିଲେ। ତେବେ ୨୦୧୧ରେ ଉଭୟଙ୍କ ମଧ୍ୟରେ ବିବାହ ବିଚ୍ଛେଦ ଘଟିଥିଲା। ସେହିପରି ବିଷ୍ଣୁ ମଧ୍ୟ ରଜନୀ ନଟରାଜ ନାମ୍ନୀ ଜଣେ ଫିଲ୍ମ ନିର୍ମାତାଙ୍କୁ ବିବାହ କରିଥିଲେ। ସେମାନଙ୍କର ଆର୍ଯ୍ୟନ ନାମକ ଏକ ପୁତ୍ର ସନ୍ତାନ ରହିଛି। ବିଷ୍ଣୁ ତାମିଲନାଡୁ କ୍ରିକେଟ ଆସୋସିଏଶନ (ଟିଏନ୍‌ସିଏ) ତରଫରୁ କେତୋଟି ଲିଗ୍ ଗେମ୍ ଖେଳିଛନ୍ତି। ଗୋଡରେ ଇଞ୍ଜୁରି ଯୋଗୁ ସେ କ୍ରିକେଟ ଖେଳିବା ଛାଡ଼ି ଦେଇଥିଲେ। ୩୬ବର୍ଷୀୟ ବିଷ୍ଣୁ ପରେ ଫିଲ୍ମରେ ଅଭିନୟ କରିଥିଲେ। ସିଲୁକୁଭାରୁପାଟି ସିଙ୍ଗମ୍, ଭେଲାଇନୁ ଭାଣ୍ଡୁଟା ଭେଲାଇକାରାନ ଏବଂ ରାତଶାସନ ଭଳି କେତେକ ଫିଲ୍ମ ନିର୍ମାଣ କରିଥିଲେ।

## ନବମ ଷ୍ଟେଜ୍ ଜିତିଲେ ପୋଗାକାର

**ଲାରୁନ୍ସ (ଫ୍ରାନ୍ସ), ୭।୯ (ଏପି)**

ରବିବାର ଏକ କ୍ଲୋଜ୍ ସ୍ପ୍ରିଣ୍ଟ ଫିନିଶରେ ରଗଲିକ୍ ଓ ମାର୍କ ହିରସ୍କି (ଟିମ୍ ସନ୍‌ୱେବ୍)କୁ ପଛରେ ପକାଇ ଟାଡେକ୍ ପୋଗାକାର (ୟୁଏଇ ଟିମ୍ ଏମିରେଟ୍ସ) ଟୁର୍ ଡି' ଫ୍ରାନ୍ସ ସାଇକେଲ ରେସ୍‌ର ନବମ ଷ୍ଟେଜ୍ ଜିତିଛନ୍ତି। ଅନ୍ୟପକ୍ଷରେ ପ୍ରିମୋଜ୍ ରଗଲିକ୍ (ଜୁମ୍ବୋ-ଭିଷ୍ଟା)ବ୍ରିଟେନର ଆଡାମ ୟେଟ୍ସ (ମିଚେଲଟନ ସ୍କଟ୍)ଙ୍କଠାରୁ ୟଲୋ ଜର୍ସି କବ୍‌ଜା କରି ନେଇଛନ୍ତି। ଇଗାନ ବର୍ନାଲ (ଇନିଅସ୍ ଗ୍ରେନାଡିଅର୍ସ) ଏବଂ ମିକେଲ ଲାଣ୍ଡା (ବାହାରିନ୍ ମ୍ୟାକଲରେନ) ସମାନ ସମୟରେ ରେସ୍ ଶେଷ କରିଥିଲେ। ରେସ୍‌ରେ ଆଡାମ ୟେଟ୍ସ ୧୫ତମ ସ୍ଥାନରେ ରହିବା ଦ୍ୱାରା ଓଭର ଅଲ୍ ଷ୍ଟାଣ୍ଡିଂରେ ୮ମ ସ୍ଥାନକୁ ଖସି ଆସିଛନ୍ତି। ସୋମବାର ହେଉଛି ବିଶ୍ରାମ ଦିବସ। ମଙ୍ଗଳବାର ଇଲେଡି' ଓଲେରନ୍‌ରୁ ଇଲେ ଡି' ରେ ପର୍ଯ୍ୟନ୍ତ ୧୬୮.୫ କିଲୋମିଟର ଦୂରତା ବିଶିଷ୍ଟ ରେସ୍‌ର ୧୦ମ ଷ୍ଟେଜ୍ ଅନୁଷ୍ଠିତ ହେବ।




## ଖେଳାଳି ପଜିଟିଭ୍ ପାଇଁ ଇଂଲିଶ କାଉଣ୍ଟି ମ୍ୟାଚ ବାତିଲ

**ଲଣ୍ଡନ, ୭।୯ (ପି.ଟି.):** କୋଭିଡ୍-୧୯ ଟେଷ୍ଟରେ ଜଣେ ଖେଳାଳି ପଜିଟିଭ୍ ହେବାରୁ ଦୁଇ ଇଂଲିଶ କାଉଣ୍ଟି ଦଳ ମଧ୍ୟରେ ଖେଳାଯିବାକୁଥିବା ୪ଦିନିଆ ମ୍ୟାଚ ପ୍ରଥମ ଦିବସରୁ ବାତିଲ କରି ଦିଆଯାଇଛି। ଖବର ଅନୁସାରେ ନର୍ଥହାମ୍ପଟନଶାୟାର ଖେଳାଳି ଜଣକ କରୋନା ଭାଇରସ୍‌ରେ ସଂକ୍ରମିତ ବୋଲି ଜଣାପଡ଼ିବା ପରେ ରବିବାର ବ୍ରିଷ୍ଟଲଠାରେ ଗ୍ଲୋସେଷ୍ଟରଶାୟାର ଓ ନର୍ଥ ହାମ୍ପଟନଶାୟାର ମଧ୍ୟରେ ହେବାକୁଥିବା ବବ୍ ୱିଲ୍ସ ଟ୍ରଫି ମ୍ୟାଚ୍‌କୁ ବାତିଲ କରିଦିଆଯାଇଛି। ଖେଳାଳି ଜଣକ ବର୍ତ୍ତମାନ ଯଦିଓ ନିଜ ବାସଭବନରେ ସେଲଫ୍ ଆଇସୋଲେଶନରେ ଅଛନ୍ତି ତାଙ୍କ ସହିତ ୪୮ ଘଣ୍ଟା ମଧ୍ୟରେ ସଂସ୍ପର୍ଶରେ ଆସିଥିବା କେତେଜଣଙ୍କ ନିକଟରେ କୋଭିଡ୍ ଲକ୍ଷଣ ଦେଖିବାକୁ ମିଳିଥିଲା।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ